• Vol.- 45, Issue No. 306
• Friday, 06 February 2026
• ଶୁକ୍ରବାର, ୦୬ ଫେବୃଆରୀ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଗାଁ ଦାଣ୍ଡରେ ଚାଲିଚାଲି ଗଲେ ରାଷ୍ଟ୍ରପତି



ବାରିପଦା,୫।୨: ତିନିଦିନିଆ ମୟୂରଭଞ୍ଜ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଦ୍ୱିତୀୟ ଦିବସରେ ରାଷ୍ଟ୍ରପତି ପାହାଡପୁର ଗସ୍ତ କରିଛନ୍ତି। ପାରମ୍ପରିକ ନୃତ୍ୟ ଓ ବାଦ୍ୟଯନ୍ତ୍ରରେ ପାହାଡପୁର ବାସୀ ସ୍ୱାଗତ କରିଛନ୍ତି। ସେଠାରେ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେବେ ରାଷ୍ଟ୍ରପତି। ସେ ନିଜେ ନିର୍ମାଣ କରିଥିବା ପାହାଡପୁର ଡକ୍ୟୁମେଣ୍ଟାରୀ ଫିଲ୍ମ ସୁଟିଂରେ ଭାଗ ନେଇଥିଲେ। ପରେ ମୁର୍ମୁ ଛକରେ ନିର୍ମାଣ କରାଯାଇଥିବା ନିଜ ସ୍ୱାମୀଙ୍କ ପ୍ରତିମୂର୍ତ୍ତିକୁ ମାଲ୍ୟାର୍ପଣ କରିଛନ୍ତି। ସେଠାର ବାହାରି ଗୋଶାଣିପୀଠରେ ମୁଣ୍ଡିଆ ମାରିବା ସହ ଗାଁ ଲୋକମାନଙ୍କ ସହ କିଛି ସମୟ ଆଲୋଚନା କରିଛନ୍ତି। ସେଠାରୁ ଯାଇ ଆଦିବାସୀଙ୍କ ପୂଜାସ୍ଥଳ ଯାହିର ପୀଠରେ ପୂଜାର୍ଚ୍ଚନା କରିଥିଲେ। ବଡକଥା ହେଲା ନିଜ ଜନ୍ମ ମାଟିରେ ଚାଲିଚାଲି ମନ୍ଦିରକୁ ଯାଇଥିଲେ ରାଷ୍ଟ୍ରପତି। ୨ଟା ୪୦ ସମୟରେ ବାସଭବନକୁ ଫେରିଛନ୍ତି। ୩ଟା ସମୟରେ ଶିମିଳିପାଳ ଗସ୍ତ କରିଛନ୍ତି ରାଷ୍ଟ୍ରପତି। ସେଠାରେ ସେ ରାତ୍ରୀଯାପନ କରିବା ନେଇ କାର୍ଯ୍ୟସୂଚୀ ରହିଛି।

## ନିଜକୁ ନିଜେ ଗୁଳିକଲେ କନ୍‌ଷ୍ଟେବଲ

ନୟାଗଡ,୫।୨: ବନ୍ଧୁକରୁ ଗୁଳି କରି ଆତ୍ମହତ୍ୟା କଲେ କନେଷ୍ଟବଳ । ନୟାଗଡ ପୋଲିସ ବାରାକରେ ଘଟିଛି ଏହି ଅଭାବନୀୟ ଘଟଣା । ମୃତକ ହେଲେ କନେଷ୍ଟବଳ ସୁନିଲ୍ ସେଠୀ । ସୁନିଲଙ୍କ ଘର ଓଡଗାଁ ଥାନା ବେରୁହାଅଁବାରୀ ଗ୍ରାମରେ । ସୁନିଲ୍ ଦୁଇବର୍ଷ ହେଲା ପୋଲିସ ଚାକିରି କରିଥିଲେ ଏବଂ ଏସ୍‌ପି ଅଫିସ୍ ନିକଟ ବାରାକରେ ରହୁଥିଲେ । ସେ ରହୁଥିବା ବାରାକ୍‌ର ଛାତ ଉପରେ ତାଙ୍କର ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ଗୁରୁବାର ସକାଳୁ ଦେଖିବାକୁ ମିଳିଥିଲା । ନିକଟରେ ତାଙ୍କର ନିଜର ରିଭଲଭର ପଡିଥିଲା । ବନ୍ଧୁକରେ ସୁନିଲ୍ ନିଜ ମୁଣ୍ଡର ଡାହାଣ ପଟକୁ ଗୁଳିକରିଛନ୍ତି । ଗୁଳିଟି ମୁଣ୍ଡର ବାମପଟେ ବାହାରିଯାଇଛି । ଛାତର ପାଣିଟାଙ୍କି ପାଖରେ ତାଙ୍କର ମୃତଦେହ ପଡିଥିଲା । ଗତ ଜାନୁଆରୀ ୨୫ ତାରିଖରେ ସେ ଭଲ ପାଉଥିବା ଯୁବତୀଙ୍କ ସହିତ ନିର୍ବନ୍ଧ ହୋଇଥିଲା। କିଛି ଦିନ ପରେ ବାହାଘର ହୋଇଥାନ୍ତା ।

## ୧୧ ଜିଲ୍ଲାର ୨୫ ଇଂରାଜୀ ନାଁର ହେବ ପରିବର୍ତ୍ତନ


ଭୁବନେଶ୍ୱର,୫।୨: ଓଡ଼ିଆ ଭାଷା ଓ ସାଂସ୍କୃତିକ ଐତିହ୍ୟକୁ ସରକାରୀ ରେକର୍ଡରେ ସଠିକ ଭାବେ କରାଯିବ ପ୍ରତିଫଳିତ । ବଦଳିବ ରାଜ୍ୟର ଅନେକ ସ୍ଥାନର ବିକୃତ ଇଂରାଜୀ ନାଁ । ଓଡ଼ିଶା ସରକାର ବିଭିନ୍ନ ସ୍ଥାନର ଇଂରାଜୀ ନାମରେ ଥିବା ଭୁଲ ସୁଧାର ପାଇଁ ପଦକ୍ଷେପ ନେଇଛନ୍ତି । ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ମାଲକାନଗିରି, ଦେବଗଡ଼, କନ୍ଧମାଳ, ଖୋର୍ଦ୍ଧା, ଅନୁଗୁଳ, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର, ସମ୍ବଲପୁର ଓ ନୟାଗଡ଼ ଆଦି ଜିଲ୍ଲାର ନାଁ ଠିକ କରାଯିବ । ପ୍ରସ୍ତାବିତ ସଂଶୋଧନ ସମ୍ପର୍କରେ ସାଧାରଣ ଲୋକଙ୍କର କୌଣସି ଆପତ୍ତି କିମ୍ବା ପରାମର୍ଶ ଥିଲେ ୧୫ ଦିନ ମଧ୍ୟରେ ଲେଖିତ ଭାବେ ଦାଖଲ କରିବାକୁ ଆହ୍ୱାନ କରିଛି ବିଭାଗ । ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପ ସରକାରୀ ରେକର୍ଡରେ ସ୍ଥାନଗୁଡ଼ିକର ସଠିକ ଓଡ଼ିଆ ରୂପ ସୁନିଶ୍ଚିତ ହେବ । ଏହାଦ୍ୱାରା ରାଜ୍ୟର ଭାଷାଗତ ପରିଚୟ ଅଧିକ ସୁଦୃଢ଼ ହୋଇପାରିବ । ଇଂରାଜୀ ଲିଖନ ଶୈଳୀ ଓଡ଼ିଆ ମୂଳ ଶବ୍ଦ ସହ ସମାନ ରହିବ । ଐତିହ୍ୟ ରକ୍ଷା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସାଂସ୍କୃତିକ ଗୌରବ ବୃଦ୍ଧି ପାଇବ ବୋଲି ମତ ଦେଇଛନ୍ତି ଭାଷାବିତ୍ ।

## ଆମେରିକା ସହ ରାଜିନାମାରୁ ଓଡ଼ିଶା ଲାଭବାନ ହେବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୫।୨: ଭାରତ ଓ ଆମେରିକା ମଧ୍ୟରେ ହେବାକୁ ଯାଉଥିବା ବାଣିଜ୍ୟ ରାଜିନାମାରୁ ଓଡ଼ିଶା ବିଶେଷ ଭାବେ ଉପକୃତ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସେ ଜଣାଇଛନ୍ତି ଯେ ଏହା ରାଜ୍ୟର ସାମୁଦ୍ରିକ ଖାଦ୍ୟ ଅର୍ଥନୀତିକୁ ଆହୁରି ସୁଦୃଢ଼ କରିବ। ଆମେରିକା ଶୁଳ୍କ କମ୍ କରିଥିବାରୁ ଓଡ଼ିଶାର ଚିଙ୍ଗୁଡ଼ି, ମାଛ ଓ ସାମୁଦ୍ରିକ ଖାଦ୍ୟର ଚାହିଦା ବଢ଼ିବ। ଏହାଦ୍ୱାରା ଉପକୂଳ ଅଞ୍ଚଳରେ ରହୁଥିବା ମତ୍ସ୍ୟଜୀବୀ ଓ ଚାଷୀଙ୍କ ଆୟରେ ବୃଦ୍ଧି ଘଟିବ। ଓଡ଼ିଶା ଆଗାମୀ ଦିନରେ ନୀଳ ଅର୍ଥନୀତିର ଏକ ପ୍ରମୁଖ ହବ୍ ହେବ ବୋଲି ସେ କହିଛନ୍ତି।

### ରାଜ୍ୟସଭାରେ ମୋଦିଙ୍କ ଭାଷଣ

# ଆମେ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛୁ



ନୂଆଦିଲ୍ଲୀ,୫।୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଭାଷଣ ଦେଇଛନ୍ତି। ପ୍ରଧାନମନ୍ତ୍ରୀ କହିବା ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳ ହଟ୍ଟଗୋଳ ଆରମ୍ଭ କରିଥିଲେ। ପ୍ରଧାନମନ୍ତ୍ରୀ ବାଚସ୍ପତିଙ୍କୁ କହିଥିଲେ, 'ମୁଁ ଅନୁରୋଧ କରୁଛି ଯେ, ଖଡ଼ଗେ ଜୀଙ୍କୁ ତାଙ୍କ ଆସନରେ ବସି କହିବା ଏବଂ ସ୍ଲୋଗାନ ଦେବାକୁ ଅନୁମତି ଦିଆଯାଉ।' ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସରକାର ସମାଜର ପ୍ରତ୍ୟେକ ବର୍ଗ ପାଇଁ କାମ କରିଛି। ଏକବିଂଶ ଶତାବ୍ଦୀର ପ୍ରଥମ ତ୍ରୈମାସିକ ଶେଷ ହୋଇଛି। ଦ୍ୱିତୀୟ ତ୍ରୈମାସିକ ଗୁରୁତ୍ୱପୂର୍ଣ୍ଣ ହେବ। ଏହି ଦ୍ୱିତୀୟ ତ୍ରୈମାସିକ ଏକ ବିକଶିତ ଭାରତ ନିର୍ମାଣ ଦିଗରେ ଦ୍ରୁତ ପ୍ରଗତି ପାଇଁ ସମୟ ହେବ। ମୋଦି କହିଥିଲେ, ଅଧ୍ୟକ୍ଷ ମହୋଦୟ, ଦେଶର ପ୍ରତ୍ୟେକ ବ୍ୟକ୍ତି ଅନୁଭବ କରୁଛନ୍ତି ଆମେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛୁ । ଏବେ ଆମକୁ ଅଟକିବା ଉଚିତ୍ ନୁହେଁ କିମ୍ବା ପଛକୁ ଚାହିଁବା ଉଚିତ୍ ନୁହେଁ। ଆମକୁ ଆମର ଲକ୍ଷ୍ୟ ହାସଲ କରିବା ପରେ ହିଁ ଆଗକୁ ବଢ଼ିବା ଉଚିତ୍ ଏବଂ ନିଶ୍ୱାସ ନେବା ଉଚିତ୍। ସେ କହିଥିଲେ, ଯଦି ଆମେ ବର୍ତ୍ତମାନକୁ ଦେଖିବା, ତେବେ ଭାରତ ଅନେକ ଆଶୀର୍ବାଦ ପାଇଛି। ଏହା ଏକ ଆଶ୍ଚର୍ଯ୍ୟଜନକ ସଂଯୋଗ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବିଶ୍ୱର ପ୍ରମୁଖ ରାଷ୍ଟ୍ରଗୁଡ଼ିକ ବୁଢ଼ା ହେଉଛନ୍ତି। ଆମର ଦେଶ ଏପରି ଏକ ଦେଶ ଯାହା ବିକାଶର ନୂତନ ଶିଖର ଆରୋହଣ କରୁଛି ଏବଂ ପ୍ରତିଦିନ ଯୁବ ଜନସଂଖ୍ୟା ବିଶିଷ୍ଟ ଏକ ରାଷ୍ଟ୍ର ହେବା ଆଡ଼କୁ ଅଗ୍ରସର ହେଉଛି। ସେ ଆହୁରି କହିଥିଲେ, ଭାରତ ଏକ ଏପରି ରାଷ୍ଟ୍ର ଯାହା ବିଶ୍ୱ ସ୍ତରରେ ଉଭା ହେଉଥିବା ଚ୍ୟାଲେଞ୍ଜଗୁଡ଼ିକୁ ମୁକାବିଲା କରିବାକୁ ସକ୍ଷମ। ଭାରତର ଅଭିବୃଦ୍ଧି ବହୁତ ଅଧିକ ଏବଂ ମୁଦ୍ରାସ୍ଫୀତି କମ୍। ଏହା ଆମର ଅର୍ଥନୀତିକୁ ସୁଦୃଢ଼ କରୁଛି। ବିଶ୍ୱ ଏକ ନୂତନ ବିଶ୍ୱ ବ୍ୟବସ୍ଥା ଆଡକୁ ଗତି କରୁଛି। ସମସ୍ତେ ଭାରତ ଆଡକୁ ଚାହୁଁଛନ୍ତି। ଏକ ବିଶ୍ୱ ବନ୍ଧୁ ଭାବରେ, ଭାରତ ଅନେକ ଦେଶ ପାଇଁ ଏକ ବିଶ୍ୱସ୍ତ ଅଂଶୀଦାର ହୋଇପାରିଛି ଏବଂ ଆମେ ଏଥିରେ ଆମର ଭୂମିକା ନିର୍ବାହ କରୁଛୁ। ଭାରତ ଅନେକ ଦେଶ ସହିତ ଭବିଷ୍ୟତ ପାଇଁ ପ୍ରସ୍ତୁତ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରୁଛି। ୯ଟି ପ୍ରମୁଖ ଦେଶ ସହିତ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଯେଉଁଥିରେ ୨୭ଟି ଦେଶକୁ ଏକତ୍ରିତ କରୁଥିବା 'ମଦର ଅଫ୍ ଅଲ୍ ଡିଲ୍ସ' ମଧ୍ୟ ସାମିଲ ଅଛି। ବିରୋଧୀ ଦଳକୁ ସମାଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ଯେଉଁମାନେ କ୍ଳାନ୍ତ ହୋଇ ଚାଲିଗଲେ, ସେମାନଙ୍କୁ ଦିନେ ଉତ୍ତର ଦେବାକୁ ପଡିବ।' ବିରୋଧୀଙ୍କୁ ଟାର୍ଗେଟ କରି ମୋଦି କହିଥିଲେ ଯେ, 'କଳା ଶବ୍ଦ ସହିତ ସେମାନଙ୍କର କ'ଣ ସମ୍ପର୍କ ଅଛି ?

## ସଂସଦରେ ମୋଦିଙ୍କ ଉପରକୁ ଆକ୍ରମଣ ହୋଇଥାନ୍ତା : ବାଚସ୍ପତି

ନୂଆଦିଲ୍ଲୀ,୫।୨: ଲୋକସଭା ବାଚସ୍ପତି ଓମ ବିରଳା ସଦନରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣ ଟାଳିବା ନେଇ ଦାବି କରିଛନ୍ତି । ବୁଧବାର ଅପରାହ୍ନ ୫ଟା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦକୁ ସମ୍ବୋଧିତ କରିବାର ଥିଲା । ହେଲେ ଶେଷ ସମୟରେ ଏହାକୁ ବାରଣ କରାଯାଇଥିଲା । ଏହାର କାରଣ ଆଜି ସାମ୍ନାକୁ ଆସିଛି । ଲୋକସଭା ବାଚସ୍ପତି ଓମ ବିରଳା ନିଜ ପୀଠରେ ବସି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମୋଦିଙ୍କ ସହିତ ଅପ୍ରତ୍ୟାସିତ ଘଟଣା ଘଟିବାର ଆଶଙ୍କା ଥିଲା, ଏଥିଲାଗି ସେ ସଦନକୁ ନ ଆସନ୍ତୁ ବୋଲି ଆଗ୍ରହ୍ୟ କରାଯାଇଥିଲା । ଗୁରୁବାର ଲୋକସଭା କାର୍ଯ୍ୟକ୍ରମ କାଳରେ ବାଚସ୍ପତି ଓମ ବିରଳା କହିଛନ୍ତି ଯେ, ପରିସ୍ଥିତିକୁ ଦେଖି ମୁଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସଂସଦକୁ ନ ଆସିବାକୁ ଆଗ୍ରହ୍ୟ କରିଥିଲି ଓ ସେ ଏହାକୁ ମାନିଥିଲେ ।

ମୁଁ ଏପରି ସମସ୍ତ ସାଥୀମାନଙ୍କୁ କହିବାକୁ ଚାହେଁ, କେତେଦିନ ପର୍ଯ୍ୟନ୍ତ ଦୁନିଆକୁ ଠକିବ ? ଥରେ ଦର୍ପଣରେ ଦେଖିବା ପରେ ସତ୍ୟକୁ କେଉଁଠି ଲୁଚାଇବ ? କଂଗ୍ରେସ ହେଉ, ଟିଏମସି ହେଉ, ଡିଏମକେ ହେଉ କିମ୍ବା ବାମପନ୍ଥୀ, ସେମାନେ ଦଶନ୍ଧି ଧରି କ୍ଷମତାରେ ଅଛନ୍ତି, କିନ୍ତୁ ସେମାନଙ୍କର ପରିଚୟ କ'ଣ ?'

## ମେଘାଳୟରେ ଭୟଙ୍କର ଖଣି ବିସ୍ଫୋରଣ: ୧୮ ମୃତ

ନୂଆଦିଲ୍ଲୀ,୫।୨: ମେଘାଳୟର ଏକ ବେଆଇନ ଖଣିରେ ବିସ୍ଫୋରଣ ଘଟି ୧୮ ଶ୍ରମିକ ମୃତ୍ୟୁବରଣ କରିଛନ୍ତି। ଗୁରୁବାର ସକାଳେ ଥାଙ୍ଗସ୍କୁ ଅଞ୍ଚଳରେ ଘଟିଥିବା ଏହି ଦୁର୍ଘଟଣାରେ ଏବେ ମଧ୍ୟ ଅନେକ ଶ୍ରମିକ ଖଣି ଭିତରେ ଫସି ରହିଥିବା ଆଶଙ୍କା କରାଯାଉଛି। ମେଘାଳୟର ଡିଏଚ ଆଇ.



ନୋଙ୍ଗରାଙ୍ଗଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ସୁଦ୍ଧା ଘଟଣାସ୍ଥଳରୁ ୧୮ଟି ମୃତଦେହ ଉଦ୍ଧାର କରାଯାଇଛି। ବିସ୍ଫୋରଣ ସମୟରେ ଖଣି ଭିତରେ ପ୍ରକୃତରେ କେତେ ଜଣ ଶ୍ରମିକ ଥିଲେ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାରେ ଗୁରୁତର ଆହତ ଜଣେ ବ୍ୟକ୍ତିଙ୍କୁ ସିଲଂର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ଖଣିଟି ବେଆଇନ ଭାବେ ପରିଚାଳିତ ହେଉଥିଲା। ଖଣି ଖନନ କାର୍ଯ୍ୟ ଚାଲିଥିବା ସମୟରେ ହିଁ ଏହି ବିସ୍ଫୋରଣ ଘଟିଥିଲା। ପୋଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ୨୦୧୪ ମସିହାରୁ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ପରିବେଶ ଏବଂ ସୁରକ୍ଷା ଦୃଷ୍ଟିରୁ ମେଘାଳୟରେ 'ରାଟ୍-ହୋଲ୍' କୋଇଲା ଖଣି ଖନନ ଉପରେ କଟକଣା ଜାରି କରିଛନ୍ତି। ଏହି ପଦ୍ଧତିରେ ଶ୍ରମିକମାନେ ମାତ୍ର ୩ରୁ ୪ ଫୁଟ୍ ଉଚ୍ଚତାର ଅତି ସଂକୀର୍ଣ୍ଣ ଗାତ ବା ସୁଡ଼ଙ୍ଗ ଭିତରକୁ ପଶି କୋଇଲା ବାହାର କରିଥାନ୍ତି। ଏହି ସୁଡ଼ଙ୍ଗଗୁଡ଼ିକ ମୂଷାଗାତ ଭଳି ଦେଖାଯାଉଥିବାରୁ ଏହାକୁ 'ରାଟ୍-ହୋଲ୍' କୁହାଯାଏ। ଏହା ଅତ୍ୟନ୍ତ ବିପଜ୍ଜନକ।

## ଆଇଏଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳ

■ ଦେଓରଞ୍ଜନଙ୍କୁ ଷ୍ଟିଲ୍ ଓ ମାଇନ୍ସର ଅତିରିକ୍ତ ଦାୟିତ୍ୱ ■ ଅରବିନ୍ଦଙ୍କୁ ରାଜସ୍ୱ ବିଭାଗ

ଭୁବନେଶ୍ୱର,୫।୨: ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର । ଦେଓରଞ୍ଜନ କୁମାର ସିଂଙ୍କୁ ଷ୍ଟିଲ ଓ ମାଇନ୍ସର ଅତିରିକ୍ତ ଦାୟିତ୍ୱ ମିଳିଛି । ବର୍ତ୍ତମାନ ଉନ୍ନୟନ କମିଶନର ଅଛନ୍ତି ଦେଓରଞ୍ଜନ । ସୁରେନ୍ଦ୍ର କୁମାରଙ୍କୁ ସଂସଦୀୟ ବ୍ୟାପାର ଅତିରିକ୍ତ ଦାୟିତ୍ୱ ଦିଆଯାଇଥିବା ବେଳେ, ସେ ସାଧାରଣ ପ୍ରଶାସନ ଦାୟିତ୍ୱରେ ମଧ୍ୟ ରହିବେ। ବିଷ୍ଣୁପଦ ସେଠୀ ଓଡ଼ିଶା ବନ ଉନ୍ନୟନ ନିଗମ ଅଧ୍ୟକ୍ଷ ହୋଇଛନ୍ତି । ବିଷ୍ଣୁପଦ ସେଠୀଙ୍କୁ କେବିକେ ମୁଖ୍ୟ ପ୍ରଶାସକ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ଦିଆଯାଇଛି । ଅରବିନ୍ଦ ପାଢ଼ୀଙ୍କୁ ରାଜସ୍ୱ ବିଭାଗକୁ ବଦଳି କରାଯାଇଛି । ହେଲେ ସେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱରେ ମଧ୍ୟ ରହିବେ । ମାନ୍ବୀ ନିମ୍ବାଲ ହେଲେ ମିଶନ ଶକ୍ତି ବିଭାଗ ସଚିବ । ପ୍ରେମଚନ୍ଦ ଚୌଧୁରୀ ମତ୍ସ୍ୟ ପଶୁ ସମ୍ପଦ ସଚିବ ନିଯୁକ୍ତ ହୋଇଛନ୍ତି । ସେହିଭଳି ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ଏକାଡେମୀ ଡିଜି ଦାୟିତ୍ୱ ଦିଆଯାଇଛି । ଏଥିସହ ଶ୍ରମ ଓ ବିଜ୍ଞାନ କାରିଗର ଦାୟିତ୍ୱରେ ମଧ୍ୟ ରହିବେ ଆଇଏଏସ୍ ଚିତ୍ରା ଅରୁମୁଗମ । ଉଷା ପାଢ଼ୀଙ୍କୁ ଇଡକୋ ଅଧ୍ୟକ୍ଷା ଦାୟିତ୍ୱ ମିଳିଥିବା ବେଳେ, ସେ ନଗର ଉନ୍ନୟନ ଦାୟିତ୍ୱରେ ମଧ୍ୟ ରହିବେ । ଶୁଭା ଶର୍ମା ଜଳସମ୍ପଦ ବିଭାଗର ନୂଆ ପ୍ରମୁଖ ସଚିବ ନିଯୁକ୍ତ ହୋଇଛନ୍ତି । ଏନବିଏସ୍ ରାଜପୁତ ନୂଆ ପରିବହନ ପ୍ରମୁଖ ସଚିବ ହେବେ । ଓଏସଆରଟିସି ଦାୟିତ୍ୱରେ ମଧ୍ୟ ରହିବେ ଏନବିଏସ୍ ରାଜପୁତ । ଗିରିଶ ଏସଏନଙ୍କୁ ଓଏମସି ଅଧ୍ୟକ୍ଷ ଦାୟିତ୍ୱ ମିଳିଛି । ଏହା ସହ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ରହିବେ ଗିରିଶ । ମୃଣାଳିନୀ ଦର୍ଶୱାଲ ମହିଳା ଶିଶୁ ବିକାଶ ବିଭାଗ ସଚିବ ହୋଇଛନ୍ତି । ବଲୱନ୍ତ ସିଂହଙ୍କୁ ଓଡ଼ିଶା ହାଇୱେ ଅଥରିଟିର ଏମଡି ଦାୟିତ୍ୱ ମିଳିଥିବା ବେଳେ, ସେ ପର୍ଯ୍ୟଟନ ବିଭାଗ ଦାୟିତ୍ୱ ବି ତୁଲାଇବେ । ସଚିନ ରାମଚନ୍ଦ୍ର ଯାଦବ ହେଲେ ନୂଆ କୃଷି ସଚିବ । କ୍ରୀଡ଼ା ଓ ଯୁବ ବ୍ୟାପାର ଦାୟିତ୍ୱରେ ବି ରହିବେ ସଚିନ ରାମଚନ୍ଦ୍ର ଯାଦବ । ଅନୁପମ ଶାହଙ୍କୁ ଓବିସିସି ଏମଡିର ଅତିରିକ୍ତ ଦାୟିତ୍ୱ ମିଳିଛି । ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ମଧ୍ୟ ରହିବେ ଅନୁପମ ଶାହ । ସଂଗ୍ରାମ କେଶରୀ ମହାପାତ୍ର ଉତ୍ତରାଞ୍ଚଳ ଆରଡିସି ଦାୟିତ୍ୱରେ ରହିବେ । ଦକ୍ଷିଣାଞ୍ଚଳ ଆରଡିସି ସହ ଉତ୍ତରାଞ୍ଚଳ ଆରଡିସି ଦାୟିତ୍ୱରେ ମଧ୍ୟ ସେ ରହିବେ । ରଶ୍ମିତା ପଣ୍ଡା ହେଲେ ବିଡିଏ ଉପାଧ୍ୟକ୍ଷ । ସୁଧାଂଶୁ ମୋହନ ସାମଲ କେନ୍ଦ୍ରାଞ୍ଚଳ ଆରଡିସି । ଓଡ଼ିଶା ଖଣି ନିଗମ ଏମଡି ଦାୟିତ୍ୱରେ ବି ରହିବେ ସୁଧାଂଶୁ ମୋହନ । ସାଦୀକ୍ ଆଲମ ହେଲେ କ୍ଯୁଟ୍‌ର ନୂଆ ଏମଡି । ସାଧାରଣ ଉଦ୍ୟୋଗ ବିଭାଗର ସଚିବ ଦାୟିତ୍ୱରେ ରହିବେ ସାଦୀକ୍ ଆଲମ ।

## ରାଷ୍ଟ୍ରୀୟ ପ୍ରତୀକ ଅପବ୍ୟବହାର ରୋକିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



କଟକ,୫।୨(ନିପ୍ର): ରାଷ୍ଟ୍ରୀୟ ପ୍ରତୀକ ବା ଚିହ୍ନକୁ ବହୁ ସମୟରେ ଅପବ୍ୟବହାର ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେବାକୁ ପ୍ରାର୍ଥନା କରି ଓଡ଼ିଶା ହାଇକୋର୍ଟରେ ରୁଜୁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଷ୍ଟ୍ରୀୟ ପ୍ରତୀକ ଅପବ୍ୟବହାର ରୋକିବାକୁ ହାଇକୋର୍ଟ କଡା ନିର୍ଦ୍ଦେଶ ଦେଇଛନ୍ତି । ଅପବ୍ୟବହାର ରୋକିବା ପାଇଁ ସ୍ୱତନ୍ତ୍ର ପୋର୍ଟାଲ ଖୋଲାଯିବା ସହିତ ଅପବ୍ୟବହାର ଅଭିଯୋଗ ଗ୍ରହଣ ପାଇଁ ସ୍ୱତନ୍ତ୍ର କମିଟି ଗଠନ ପାଇଁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ୬ ସପ୍ତାହ ମଧ୍ୟରେ ଏ ନେଇ ପଦକ୍ଷେପ ନେବାକୁ ହାଇକୋର୍ଟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଲୋନ ଟ୍ରଷ୍ଟ ପକ୍ଷରୁ ହାଇକୋର୍ଟରେ ରୁଜୁ ହୋଇଥିଲା ଏହି ମାମଲା । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ବିଚାରପତି ଜଷ୍ଟିସ ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଏଲୋନ ଟ୍ରଷ୍ଟ ପକ୍ଷରୁ ଷ୍ଟେଟ୍ ଏମ୍ ବ୍ଲମ୍ ଅଫ ଇଣ୍ଡିଆ (ପ୍ରୋହିବେସନ୍ ଅଫ ଇମ୍ପ୍ରପର ୟୁଜ) ଆକ୍ଟ-୨୦୦୫କୁ ଅପବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଥିଲା । ଜାତୀୟ ପ୍ରତୀକରେ ଅଶୋକ ସ୍ତମ୍ଭ ତଳେ ସତ୍ୟମେବ ଜୟତେ ଲେଖା ରହିବା କଥା । କିନ୍ତୁ ଅନେକ ସମୟରେ ଅଶୋକ ସ୍ତମ୍ଭ ତଳେ ସତ୍ୟମେବ ଜୟତେ ନ ଥିବା ଦେଖିବାକୁ ମିଳୁଛି ।

# 'ଲୋକଙ୍କ ବଜେଟ' ଭାବେ ପ୍ରସ୍ତୁତ କରାଯିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୫।୨: ଆମ ସରକାର ହେଉଛି ଲୋକଙ୍କ ସରକାର। ଆମ ପାଇଁ ଲୋକଙ୍କ ସ୍ୱର ହେଉଛି ଭଗବାନଙ୍କ ସ୍ୱର। ତେଣୁ ସରକାରଙ୍କ ବଜେଟ ପ୍ରସ୍ତୁତ ପ୍ରକ୍ରିୟା ଏବେ ସଚିବାଳୟରୁ ବାହାରି ଲୋକଙ୍କ ପାଖକୁ ଯାଇଛି। ଜନସାଧାରଣଙ୍କ ଠାରୁ ସେମାନଙ୍କ ବହୁମୂଲ୍ୟ ମତାମତ ଆହ୍ୱାନ କରି ଅନୁଧ୍ୟାନ ଓ ତର୍ଜମା ପରେ ବଜେଟରେ ସ୍ଥାନିତ କରାଯାଉଛି। ଏହା ସବୁ ଦୃଷ୍ଟିରୁ ଲୋକଙ୍କ ବଜେଟ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପ୍ରାକ୍ ବଜେଟ ପରାମର୍ଶ ସଭା ଅବସରରେ କହିଛନ୍ତି। ଲୋକସେବା ଭବନ କନ୍‌ଭେନସନ୍ ହଲ ଠାରେ ଆୟୋଜିତ ପ୍ରାକ୍ ବଜେଟ ପରାମର୍ଶ ସଭା ବୈଠକରେ ମୁଖ୍ୟମନ୍ତ୍ରୀ ବିଶେଷଜ୍ଞ, ନାଗରିକ ସମାଜ ଓ ବିଭିନ୍ନ କ୍ଷେତ୍ରର ପ୍ରତିନିଧିମାନଙ୍କ ସହିତ ପ୍ରାକ୍ ବଜେଟ ପରାମର୍ଶ ଆଲୋଚନା କରିଛନ୍ତି। ନିକଟରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଜନମତରୁ ସଂଗ୍ରହ କରାଯାଇଥିଲା। ଆହୁରି ମଧ୍ୟ ଆଗକୁ କାର୍ଯ୍ୟକାରୀ ହେବାକୁ ଥିବା ଶ୍ରୀଜଗନ୍ନାଥ ଦର୍ଶନ କାର୍ଯ୍ୟକ୍ରମ, କଟକ-ଭୁବନେଶ୍ୱର-ପାରାଦୀପ-ପୁରୀ ଅର୍ଥନୈତିକ କରିଡର ପରିକଳ୍ପନା ଜନମତରୁ ଆସିଛି। ଜନମତ ଆଧାରରେ ନୀତି, ଯୋଜନା କାର୍ଯ୍ୟକ୍ରମରେ ମଧ୍ୟ ଆବଶ୍ୟକ ପରିବର୍ତ୍ତନ କରାଯାଉଛି। ତେଣୁ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ, ଯୋଜନା, ଘୋଷଣାକୁ ନେଇ ସମସ୍ତଙ୍କଠୁ ସୁଚିନ୍ତିତ ମତାମତ ଓ ପରାମର୍ଶ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। ସେ ଆହୁରି କହିଥିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଓଡ଼ିଶାରେ ବ୍ୟାପକ ଶିଳ୍ପାୟନ, ରୋଜଗାର ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିଛି। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ପଦକ୍ଷେପ ଓ ରାଜ୍ୟସରକାରଙ୍କ ମହିଳା ଓ କୃଷକମାନଙ୍କ ଲାଗି ନିଆଯାଉଥିବା ପଦକ୍ଷେପ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ଚଳଚଞ୍ଚଳ କରିଛି। ୨୦୨୬-୨୭ ରେ ମଧ୍ୟ କେନ୍ଦ୍ର ବଜେଟରେ ମଧ୍ୟ ଓଡ଼ିଶା ପାଇଁ ଅନେକ ପଦକ୍ଷେପ ଘୋଷଣା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଜି ଓଡ଼ିଶାକୁ ଦେଶରେ ପ୍ରାଥମିକତା ମିଳୁଛି।

## ଘରେବସି ହ୍ୱାଟସଆପ୍‌ରେ ମିଳିବ ରାଜସ୍ୱ ସେବା

• 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍' ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ୫।୨: ରାଜସ୍ୱ ବିଭାଗରେ ବନ୍ଦ ହେଲା ମଧ୍ୟସ୍ଥି ଯୁଗ । ରାଜସ୍ୱ ସେବା ଓ ଲୋକଙ୍କ ମଧ୍ୟରେ ଆଉ ରହିବେନି ମଧ୍ୟସ୍ଥି । ଏଣିକି ସିଧା ସଳଖ ଗୋଟିଏ କ୍ଲିକ୍‌ରେ ମିଳିବ ସମସ୍ତ ରାଜସ୍ୱ ସେବା । ଆଉ ବାରମ୍ବାର ତହସିଲକୁ ଦୌଡିବାକୁ ପଡ଼ିବ ନାହିଁ । ଘରେ ବସି ହ୍ୱାଟସଆପ୍‌ରେ ମିଳିବ ରାଜସ୍ୱ ସେବା । ଉନ୍ମୋଚନ ହେଲା ଆମ ସାଥି ସହାୟକ ୟୁନିଫାଏଡ଼ ହ୍ୱାଟସଆପ୍ ଚାଟ୍ ବଟ୍ । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉନ୍ମୋଚନ କରିଛନ୍ତି । ୯୪୩୭୨୯୨୦୦୦ ହ୍ୱାଟସଆପ୍ ନମ୍ବରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମୁଖ୍ୟ ନାଗରିକ କୈନ୍ଦ୍ରିକ ସେବାଗୁଡିକ ସହ ୧୭୦ରୁ ଉର୍ଦ୍ଧ୍ୱ ଜରୁରି ସରକାରୀ ସେବା ମିଳିବ । ୨୪ ଘଣ୍ଟା ସେବା ଯୋଗାଇବ ରାଜସ୍ୱ ବିଭାଗ । ସେବା ପାଇବାରେ ବ୍ୟାଘାତ ହେଲେ ରାଜସ୍ୱ ବିଭାଗରେ ଅଭିଯୋଗ କରିପାରିବେ ଆବେଦନକାରୀ । ଏଥିସହ ୫୭ଟି ଉପନିବନ୍ଧନ କାର୍ଯ୍ୟାଳୟର ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ । ରାଜସ୍ୱ ବିଭାଗର ଉପନିବନ୍ଧନ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଏପରି କିଛି ସଙ୍କେତ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଭାଗ ଚାଷୀଙ୍କୁ ଆଇନଗତ ସୁରକ୍ଷା ଦେବାକୁ ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏନେଇ ରାଜସ୍ୱ ବିଭାଗ ବିଚାର କରିବାକୁ କହିଛନ୍ତି। ଏହି ଆଇନ ଆସିଲେ ଭାଗ ଚାଷୀମାନେ ମଧ୍ୟ ସରକାରୀ ସୁବିଧା ପାଇପାରିବେ।



# ମଣିଷକୁ ରୋଗମୁକ୍ତ କରିଥାଏ ଆଶା

ଯଦି ଆପଣ ଆଶାବାଦୀ ତା'ହେଲେ ଆପଣ ଅଧିକ ଦିନ ବଞ୍ଚିପାରନ୍ତି । ନେଦରଲ୍ୟାଣ୍ଡର ବିଶେଷଜ୍ଞମାନେ ଏକ ଅଧ୍ୟୟନରୁ ଏହା ଜାଣିବାକୁ ପାଇଛନ୍ତି ଯେ ଅଧିକ ଆଶାବାଦୀ ବ୍ୟକ୍ତି ନିରାଶାବାଦୀଙ୍କ ତୁଳନାରେ ଦୀର୍ଘାୟୁ ହୋଇଥାନ୍ତି । ଏହି ଅଧ୍ୟୟନରେ ୬୫ରୁ ୮୫ ବର୍ଷ ବୟସର ମୋଟ୍ ୯୪୧ ଜଣ ବ୍ୟକ୍ତିଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟ, ଆଶାବାଦ, ସେମାନଙ୍କ ସମ୍ପର୍କ ଆତ୍ମସମ୍ମାନ ସହିତ ଜଡ଼ିତ ଅନେକ ପ୍ରଶ୍ନ ପଚରାଯାଇଥିଲା । ଏହି ଲୋକମାନଙ୍କୁ ସେମାନଙ୍କ ଆଶାବାଦର ସ୍ତର ଅନୁରୂପ ଚାରିଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା । ଏହି ଅଧ୍ୟୟନ ପାଖାପାଖି ୧୦ ବର୍ଷ ପର୍ଯ୍ୟନ୍ତ କରାଯାଇଥିଲା ଏବଂ ଦଶ ବର୍ଷ ପରେ ଏମାନଙ୍କ ମଧ୍ୟରୁ ୩୯୭ ବ୍ୟକ୍ତିଙ୍କୁ ବିଭିନ୍ନ କାରଣରୁ ମୃତ୍ୟୁ ହୋଇଯାଇଥିଲା । ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଯେଉଁ ଲୋକମାନଙ୍କ ଠାରେ ଆଶାବାଦର ସ୍ତର ସବୁଠୁ ଅଧିକ ଥିଲା ସେହିମାନଙ୍କ ଠାରେ ମୃତ୍ୟୁର ସମ୍ଭାବନା ୫୫ ପ୍ରତିଶତ କମ୍ ଥିବା ଜଣାପଡ଼ିଥିଲା । କେବଳ ସେତିକି ନୁହେଁ, ଏମାନଙ୍କ ମଧ୍ୟରେ ହୃଦ୍‌ରୋଗ କାରଣରୁ ହେଉଥିବା ମୃତ୍ୟୁ ସମ୍ଭାବନା ମଧ୍ୟ ପାଖାପାଖି ୨୩ ପ୍ରତିଶତ କମ୍ ଥିବା ଜଣାପଡ଼ିଥିଲା । ବିଶେଷଜ୍ଞମାନେ କହିଛନ୍ତି ଯେ ଆଶାବାଦୀ ହେବା ଦ୍ୱାରା ଅନେକ ଗମ୍ଭୀର ରୋଗର ମୁକାବିଲା କରିବା ଲାଗି ସାହସ ମିଳିଥାଏ ।


# ଦଧୀଚି ଋଷିଙ୍କ ଦାନ

ସ୍ୱର୍ଗର ରାଜା ଇନ୍ଦ୍ର ଓ ତାଙ୍କ ସ୍ତ୍ରୀ ସଚିଦେବୀ ସିଂହାସନରେ ବସିଥିବା ବେଳେ ତାଙ୍କର ଗୁରୁ ବୃହସ୍ପତି ଦରବାରକୁ ଯାଇଥିଲେ । ବୃହସ୍ପତିଙ୍କୁ ଦେଖି ଇନ୍ଦ୍ର ଆସନରୁ ଉଠିଲେ ନାହିଁ । କିମ୍ବା ତାଙ୍କୁ ସମ୍ମାନ ଦେଖାଇଲେ ନାହିଁ । ଏଥିରେ ଗୁରୁ ବୃହସ୍ପତି କ୍ଷୁବ୍ଧ ହୋଇ ସ୍ୱର୍ଗପୁର ଛାଡ଼ି ଚାଲିଯାଇଥିଲେ । ଏକଥା ଶୁଣି ଦେବତାମାନଙ୍କର ଶତ୍ରୁ ଅସୁରମାନେ ଦେବତାଙ୍କ ଉପରେ ଆକ୍ରମଣ କଲେ । ଦେବତାମାନେ ଭୟଭୀତ ହୋଇ ବ୍ରହ୍ମାଙ୍କର ଶରଣ ନେଲେ । ବ୍ରହ୍ମା ଦେବତାମାନଙ୍କୁ କହିଲେ ଯେ ଇନ୍ଦ୍ର ବୃହସ୍ପତିଙ୍କୁ ଅପମାନିତ କରିଥିବାରୁ ଅସୁରମାନେ ଦେବତାମାନଙ୍କୁ ଯୁଦ୍ଧରେ ହରାଇବେ । ଏହାର ପ୍ରତିକାର ପାଇଁ ଦେବତାମାନଙ୍କୁ ଋଷି ବିଶ୍ୱରୂପାଙ୍କର ସାହାଯ୍ୟ ନେବାକୁ କହିଲେ । ବିଶ୍ୱରୂପାଙ୍କ ସାହାଯ୍ୟରେ ଦେବତାମାନେ ଅସୁରମାନଙ୍କ ଠାରୁ ବର୍ତ୍ତିପାରିଲେ । କିନ୍ତୁ କିଛି କଥାରେ କ୍ଷୁବ୍ଧହୋଇ ଇନ୍ଦ୍ର ବିଶ୍ୱରୂପାଙ୍କୁ ହତ୍ୟା କରିଥିଲେ । ଏହାର ପ୍ରତିଶୋଧ ନେବାକୁ ବିଶ୍ୱରୂପଙ୍କର ପିତା ଟାଷ୍ଟ ବିତ୍ରଶୂରନାମକ ଏକ ଅସୁରଙ୍କୁ ଜନ୍ମ ଦେଲେ । ବିତ୍ରଶୁର ଦେବତାମାନଙ୍କୁ ଦମନ କରିବାରେ ଲାଗି ପଡ଼ିଲେ । ଏଥିରେ ବିବ୍ରତ ହୋଇ ଦେବତାମାନେ ବିଷ୍ଣୁଙ୍କୁ ପୂଜାର୍ଚ୍ଚନା କଲେ । ବିଷ୍ଣୁ ଦେବତାମାନଙ୍କୁ କହିଲେ ଯେ, ଏ ଦାନବକୁ ବଧ କରିବାକୁ ଋଷି ଦଧିଚିଙ୍କ ହାଡ଼ ନେଇ ବଜ୍ର ପ୍ରସ୍ତୁତ କରିବାକୁ ପଡ଼ିବ । ଏହା ଶୁଣି ଦେବତାମାନେ ଋଷି ଦଧିଚିଙ୍କ



ପାଖରେ ପହଞ୍ଚି ତାଙ୍କୁ ଏହି ଭିକ୍ଷା ମାଗିଲେ । ଦଧିଚିଙ୍କୁ ଜଣା ଥିଲା ନିଜର ହାଡ଼ ଦେବାକୁ ତାଙ୍କୁ ମୃତ୍ୟୁବରଣ କରିବାକୁ ପଡ଼ିବ । ସେ ସମସ୍ତଙ୍କ ହିତ ପାଇଁ ଏହି ନିର୍ଣ୍ଣୟ ନେଲେ । ତାଙ୍କ ହାଡ଼ରେ ବଜ୍ର ତିଆରି କରି ଦେବତାମାନେ ବିତ୍ରାଶୁର ସାଙ୍ଗରେ ଲଢ଼ିପାରିଲେ ଏବଂ ଶେଷରେ ଏହି ବଜ୍ର ଦ୍ୱାରା ବୃତ୍ତାସୁରର ବଧ ହୋଇଥିଲା । ସେହିଦିନ ଠାରୁ ସମସ୍ତେ ଦଧିଚିଙ୍କ ଦାନ ବିଷୟରେ କହିଥାନ୍ତି ।

# ନିଜ ଦକ୍ଷତାକୁ ଚିହ୍ନିବା ଜରୁରୀ



ରାମାୟଣରୁ ପ୍ରସଙ୍ଗଟିଏ । ମାତା ସୀତା ଲଙ୍କାରେ ଅଛନ୍ତି ବୋଲି ସମସ୍ତଙ୍କୁ ଖବର ମିଳିସାରିଥାଏ । ଶ୍ରୀରାମ, ଲକ୍ଷ୍ମଣ, ସୁଗ୍ରୀବ ଓ ଅନ୍ୟ ବାନରମାନେ ବସି ଚିନ୍ତା କରୁଥାନ୍ତି, କିଏ ଆଗ ଲଙ୍କା ଯାଇ ଦେବୀ ସୀତାଙ୍କୁ ଠାବ କରିବ । ହନୁମାନଙ୍କ କଥା କାହା ମନକୁ ଆସୁନଥାଏ । ସମସ୍ତେ ଜାଣିଥାନ୍ତି ଯେ ଅଙ୍ଗଦ ହିଁ ସବୁଠୁ ବଳଶାଳୀ ବାନର । ତେଣୁ ତାଙ୍କୁ ପ୍ରଥମେ ଲଙ୍କା ପଠାଯିବ । ଏକଥା ଅଙ୍ଗଦଙ୍କୁ ପଚରାଗଲା । ଅଙ୍ଗଦ କିନ୍ତୁ ଦ୍ୱନ୍ଦ୍ୱରେ ପଡ଼ିଲେ । କହିଲେ, ମୁଁ ଲଙ୍କା ଯାଇପାରିବି ସତ ! କିନ୍ତୁ ସେଠାରୁ ଫେରିପାରିବି କି ନାହିଁ ସନ୍ଦେହ । ଏହାପରେ ଜାମ୍ବବାନ ମୁଣ୍ଡକୁ ବୁଦ୍ଧି ଜୁଟିଲା । ସେ ଜାଣିଥାନ୍ତି ହନୁମାନ ମହାବଳଶାଳୀ, ଦିବ୍ୟଶକ୍ତି ସମ୍ପନ୍ନ । କିନ୍ତୁ ଅଭିଶାପ କାରଣରୁ ସେ ନିଜ ବଳ ବିଷୟରେ ଭୁଲି ଯାଇଛନ୍ତି । ଶେଷରେ ହନୁମାନଙ୍କୁ ତାଙ୍କ ଶକ୍ତି ବିଷୟରେ ଜାମ୍ବବାନ ପରିଚିତ କରାଇଲେ । ହନୁମାନ ଲଙ୍କା ଯାଇ ମାତା ସୀତାଙ୍କୁ ଠାବ କରିବାରେ ସଫଳ ହେଲେ । ହନୁମାନଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ ହେବାରୁ ସେ ସଫଳ ହେଲେ । ଅଙ୍ଗଦ କିନ୍ତୁ ପାରିଲେ ନାହିଁ । ସାଧାରଣ ମଣିଷ ମଧ୍ୟ ଠିକ୍ ଅଙ୍ଗଦଙ୍କ ଭଳି ଭାବନା ପୋଷଣ କରିଥାଏ । ଦକ୍ଷତା ଥାଇ ସୁଦ୍ଧା ସୁଯୋଗ ମିଳିଲେ ତା'ର ଉପଯୋଗ କରିପାରେ ନାହିଁ । ଅନ୍ୟ ସଫଳ ବ୍ୟକ୍ତିଙ୍କୁ ଦେଖି ମଣିଷ ଭାବେ ଯେ ବୋଧହୁଏ ତା' ଦ୍ୱାରା କୌଣସି ଭୁଲ୍ ହୋଇଯାଇଛି । କିନ୍ତୁ ସୁଯୋଗ ମିଳିବା ସମୟରେ ମଣିଷ ନିଜ ଦକ୍ଷତାର ଉପଯୋଗ କରିବା ଲାଗି ଆତ୍ମବିଶ୍ୱାସ ଜୁଟାଇପାରିନଥାଏ । ଫଳରେ ସେ ସୁଯୋଗର ହାତଛଡ଼ା କରିଥାଏ । ନିଜ ଦକ୍ଷତାକୁ ଚିହ୍ନି ଆତ୍ମବିଶ୍ୱାସର ସହ ସୁଯୋଗ ସଦ୍‌ବ୍ୟବହାର କରିବା ଜରୁରୀ ।

# ପୌରାଣିକ କଥା



ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜଦେହରୁ ନିର୍ଗତ ହଳଦିମଳରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବନ ଦାନ ଦେଲେ । ପାର୍ବତୀ ଏହାଙ୍କୁ ଦ୍ୱାର ଜଗାଇ ଏବଂ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇ ଆଦେଶ ଦେଇ ସ୍ନାନ କରିବାକୁ ଗଲେ । ଠିକ ସେହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରନ୍ତେ, ବାଳକ ଗଣେଶ ଆପଣା ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ । ମହାଦେବ ଯେତେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଶିର ଛେଦନ କଲେ । ପରେ ପାର୍ବତୀଙ୍କ ନିକଟରୁ ଏହାଙ୍କର ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଅଛି । ମହାଦେବ ମୁଣ୍ଡ ଖୋଜି ନ ପାଇ ଉତ୍ତରଦିଗକୁ ମୁଣ୍ଡକରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ କଲେ । ଏ ମହାଦେବଙ୍କ ପ୍ରମଥ ଗଣର ସେନାପତି । ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ । ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ । ରକ୍ତ ଚନ୍ଦ୍ର, ରକ୍ତ ପୁଷ୍ପରେ ଏହାଙ୍କୁ ପୂଜା କରାଯାଏ । ଏହାଙ୍କର ଗଜମସ୍ତକ, ଏକଦନ୍ତ, ଥନ୍ତଲ ପେଟ ଓ ସାପ ପଇତା । ଏହାଙ୍କର ବାହନ ମୂଷା । ଗଣେଶ ଚତୁର୍ଥୀ, ବିକ୍ରମ ସଂବତର ଭାଦ୍ରବ ଶୁକ୍ଳ ଚତୁର୍ଥୀରେ ପାଳନ କରାଯାଏ । ଏହି ଶୁଭଦିନକୁ ହିନ୍ଦୁଧର୍ମରେ ଗଣେଶଙ୍କ ଜନ୍ମ ଦିନ ଭାବେ ପାଳନ କରାଯାଏ । ଏହି ପର୍ବ ଦଶଦିନ ଧରି ଚାଲେ ଓ ଅନନ୍ତ ଚତୁର୍ଦ୍ଦଶୀରେ ସମାପ୍ତ ହେଇଥାଏ । ଗଣେଶ ଆଦିଦେବ ଭାବରେ ପରିଚିତ ।ସେ ସବୁଯୁଗରେ ଅବତାର ନେଇଥିବାର କୁହାଯାଏ । ସତ୍ୟ ଯୁଗରେ ଋଷି କଶ୍ୟପ ଓ ଅଦିତିଙ୍କ ଘରେ ମହଙ୍କତ ବିନାୟକ ରୂପରେ ଜନ୍ମ ନେଇ ଦେବାନ୍ତକ ଓ ନରାନ୍ତକ ନାମକ ରାକ୍ଷସଙ୍କୁ ବଧ କରିଥିଲେ । ତ୍ରେତୟା ଯୁଗରେ ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀରେ ଉମାଙ୍କ ଘରେ ଜନ୍ମି,ଗଣେଶ ରୂପରେ ଜନ୍ମିସିନ୍ଧୁ ନାମକ ରାକ୍ଷସକୁ ବଧ କରିବା ସହ ବ୍ରହ୍ମାଙ୍କ ପୁତ୍ରି ଦ୍ୱୟ ରିଦ୍ଧି ଓ ସିଦ୍ଧିଙ୍କୁ ବିବାହ କରିଥିବାର ପୁରାଣରେ ବର୍ଣ୍ଣିତ ।


***ମହାଦେବ ମୁଣ୍ଡ ଖୋଜି ନ ପାଇ ଉତ୍ତରଦିଗକୁ ମୁଣ୍ଡକରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ କଲେ । ଏ ମହାଦେବଙ୍କ ପ୍ରମଥ ଗଣର ସେନାପତି । ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ ।***

# ମହାପଣ୍ଡିତ ରାବଣଙ୍କ ଦ୍ୱାରା ରଚିତ ୧୩ଟି ଅଦ୍ଭୁତ



**ମଙ୍କ ଗାଥା ବାଲ୍ମିକୀ ରାମାୟଣ ଅନୁଯାୟୀ, ରାବଣ ମହାପଣ୍ଡିତ ଥିଲେ । ରାବଣ ବହୁତ ଜ୍ଞାନୀ ଥିଲେ ଏବଂ ଜ୍ୟୋତିଷ, ସ୍ଥାପତ୍ୟ ଏବଂ ବିଜ୍ଞାନ ବିଷୟରେ ତାଙ୍କର ଜ୍ଞାନ ଥିଲା । ଆସନ୍ତୁ ଜାଣିବା ରାବଣ ଦ୍ୱାରା ରଚନା ହୋଇଥିବା ୧୩ଟି ମହାନ ଗ୍ରନ୍ଥ ।**

୧. ଶିବ ତାଣ୍ଡବ ସ୍ତୋତ୍ର: ରାବଣ ତାଙ୍କର ଆରାଧ୍ୟ ଶିବଙ୍କ ପ୍ରଶଂସା କରି 'ଶିବ ତାଣ୍ଡବ ସ୍ତୋତ୍ର' ରଚନା କରିଥିଲେ । ୨. ରାବଣ ସଂହିତା: ରାବଣ ସଂହିତା ରାବଣର ଜୀବନ ଏବଂ ଜ୍ୟୋତିଷ ଶାସ୍ତ୍ରର ଉତ୍ତମ ଜ୍ଞାନର ଭଣ୍ଡାର ଅଟେ । ୩. ଦଶ ଶତକାତ୍ମକ ଅର୍କପ୍ରକାଶ: ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରରେ ଚର୍ଚ୍ଚିତ ଗ୍ରନ୍ଥ । ୪. ଦଶ ପଟଳାତ୍ମକ: ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରର ପ୍ରସିଦ୍ଧ ଗ୍ରନ୍ଥ । ୫.ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରର ଲୋକପ୍ରିୟ ଗ୍ରନ୍ଥ । ୬. କୁମାରତନ୍ତ୍ର: ଚିକିତ୍ସା ଏବଂ ଯାନ୍ତ୍ରିକ କ୍ଷେତ୍ରରେ ଚର୍ଚ୍ଚିତ ଗ୍ରନ୍ଥ । ୭. ନାଡି ପରୀକ୍ଷା: ଚିକିତ୍ସା ଏବଂ ତାନ୍ତ୍ରିକ କ୍ଷେତ୍ରର ଗ୍ରନ୍ଥ । ୮. ଅରୁଣ ସଂହିତା, ୯. ଅଙ୍କ ପ୍ରକାଶ, ୧୦. ଇନ୍ଦ୍ରଜାଲ, ୧୧. ପ୍ରକୃତ କାମଧେନୁ, ୧୨. ପ୍ରାକୃତ ଲଙ୍କେଶ୍ୱର, ୧୩. ରାବଣିଅମ୍ ଇତ୍ୟାଦି ପୁସ୍ତକ ରଚନା କରିଥିଲେ ।



# କେଉଁ ଶିବଲିଙ୍ଗକୁ ପୂଜିଲେ, କେଉଁ ଫଳ ମିଳିଥାଏ...


*ରୁପା ଶିବଲିଙ୍ଗକୁ ପୂଜା କରିବା ଦ୍ୱାରା ପିତୃଦୋଷରୁ ମୁକ୍ତି ମିଳେ । ଏଣୁ ପିତୃ ଦୋଷରୁ ମୁକ୍ତି ପାଇବା ପାଇଁ ଏହି ଶିବଲିଙ୍ଗରେ ଅଭିଷେକ କରିବା ଶୁଭ*



ସନାତନ ଧର୍ମଧାରାରେ କାହିଁ କେଉଁ କାଳରୁ ଶିବଲିଙ୍ଗର ପୂଜା ପ୍ରଚଳିତ । ଶିବଲିଙ୍ଗ ହେଉଛି ଦେବଦେବ ମହାଦେବଙ୍କ ନିର୍ଗୁଣ ବ୍ରହ୍ମସତ୍ତାର ପ୍ରତୀକ ବା ନିରାକର ସ୍ୱରୂପ । ଆମେ ମୁଖ୍ୟତଃ ଶିଳା ଶିବଲିଙ୍ଗ ପୂଜା ଦେଖିବାକୁ ପାଇଥାଉ । କିନ୍ତୁ ବିଶେଷ କ୍ଷେତ୍ରରେ ଫଳପ୍ରାପ୍ତି ପାଇଁ ଭକ୍ତମାନେ ତାଙ୍କୁ ଅନ୍ୟାନ୍ୟ ସ୍ୱରୂପରେ ପୂଜା କରିଥାନ୍ତି । ତେବେ କେଉଁ ଶିବଲିଙ୍ଗକୁ ପୂଜିଲେ, କେଉଁ ଫଳ ମିଳେ, ସେ ସମ୍ପର୍କରେ ଜାଣିବା । ଫୁଲରେ ତିଆରି ଶିବଲିଙ୍ଗକୁ ପୂଜା କରିବା ଦ୍ୱାରା ଭୂମି ଓ ଭବନ ପ୍ରାପ୍ତି ହୁଏ । ରୁପା ଶିବଲିଙ୍ଗକୁ ପୂଜା କରିବା ଦ୍ୱାରା ପିତୃଦୋଷରୁ ମୁକ୍ତି ମିଳେ । ଏଣୁ ପିତୃ ଦୋଷରୁ ମୁକ୍ତି ପାଇବା ପାଇଁ ଏହି ଶିବଲିଙ୍ଗରେ ଅଭିଷେକ କରିବା ଶୁଭ । ବିଭିନ୍ନ ପ୍ରକାର କଥାକୁ ନେଇ ଚିନ୍ତିତ ଥିଲେ, ପିତ୍ତଳ ଶିବଲିଙ୍ଗକୁ ଅଭିଷେକ କରାଇବା ଉଚିତ । ଏହା ଦ୍ୱାରା ସୁଖ ପ୍ରାପ୍ତି ହୁଏ । ସ୍ଫଟିକ ଶିବଲିଙ୍ଗକୁ ପୂଜା କରିବା ଦ୍ୱାରା ସମସ୍ତ ମନସ୍କାମନା ପୂରା ହେଉଥିବା ବିଶ୍ୱାସ କରାଯାଏ । ତେବେ ନୀତିନିୟମରେ ଏହି ସମସ୍ତ ଶିବଲିଙ୍ଗକୁ ପୂଜିବା ଦ୍ୱାରା ମାନସିକ ପୂରଣ ହୁଏ ।

# ସକଳ ଶକ୍ତିର ଆଧାର ସୂର୍ଯ୍ୟ





ସୂର୍ଯ୍ୟ ସକଳ ଶକ୍ତିର ଆଧାର । ସେ ତେଜ ଓ ପ୍ରାଣଶକ୍ତିର ସ୍ୱରୂପ ଏବଂ ଚରାଚର ବିଶ୍ୱର ଆତ୍ମା । ଯାହାଙ୍କ ବିନା ସଂସାର ତିଷ୍ଠି ରହିବା ସମ୍ଭବ ନୁହେଁ । ସୂର୍ଯ୍ୟଦେବଙ୍କ ବିଷୟରେ ଋଗ୍‌ବେଦରେ ବର୍ଣ୍ଣନା କରାଯାଇଛି । ସୂର୍ଯ୍ୟ ଓଁକାର ସ୍ୱରୂପ । ସୂର୍ଯ୍ୟଙ୍କୁ ଜଗତ ପିତା ଓ ଧର୍ମର ଦେବତା ରୂପେ ଆରାଧନା କରାଯାଏ । ପରମାତ୍ମାଙ୍କର ପ୍ରତ୍ୟକ୍ଷ ସ୍ୱରୂପ ହିଁ ସୂର୍ଯ୍ୟ । ସେ ହିଁ ଅକ୍ଷୟ ଓ ପରିବର୍ତ୍ତନ ରହିତ ଶାଶ୍ୱତ ବ୍ରହ୍ମ । ତାଙ୍କ ଉପାସନା ଓ ଆରାଧନା ମନୁଷ୍ୟର ପାପରାଶିକୁ କ୍ଷୟ କରି ଅଷ୍ଟ ଐଶ୍ୱର୍ଯ୍ୟ ପ୍ରଦାନ କରେ । ଉଦୟକାଳୀନ, ମଧ୍ୟାହ୍ନ ଓ ସାୟଂକାଳୀନ ସୂର୍ଯ୍ୟଙ୍କୁ ଯଥାକ୍ରମେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ରୂପେ ଆରାଧନା କରାଯାଏ ।ହିନ୍ଦୁ ଧର୍ମରେ, ସପ୍ତାହ ସାତଦିନ କୌଣସି ନା କୌଣସି ଦେବଦେବୀଙ୍କୁ ସମର୍ପିତ, ସୋମବାର ଶିବଙ୍କୁ ସମର୍ପିତ ହୋଇଥିବା ବେଳେ, ମଙ୍ଗଳବାରରେ ଦେବୀ ମଙ୍ଗଳା ଓ ହନୁମାନଙ୍କୁ ପୂଜା କରାଯାଏ । ଏହିକ୍ରମରେ, ସୂର୍ଯ୍ୟଦେବଙ୍କୁ ରବିବାର ସମର୍ପିତ । ତେବେ ସପ୍ତାହକ ମଧ୍ୟରେ ରବିବାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ପବିତ୍ର ଦିନ ବିଷୟରେ ପୁରାଣ ଶାସ୍ତ୍ରରୁ ଆରମ୍ଭ କରି ଜ୍ୟୋତିଷ ଶାସ୍ତ୍ର ପର୍ଯ୍ୟନ୍ତ ସବୁଠାରେ ଉଲ୍ଲେଖ ରହିଛି । ହିନ୍ଦୁ ଧର୍ମ ଅନୁସାରେ ଏହି ଦିନଟି ପୂଜା, ଧ୍ୟାନ, ଦାନ, ତପସ୍ୟା ଓ ବିଷ୍ଣୁ କୃପା ଲାଭ ପାଇଁ ଏକ ପ୍ରକୃଷ୍ଟ ତଥା ସୁଗମ ଦିବସ । ସଂସ୍କୃତରେ ଏହି ଦିନଟିକୁ ଅର୍କବାସର ବୋଲି କୁହାଯାଏ । ବିଶ୍ୱାସ ରହିଛି ଯେ, ସୂର୍ଯ୍ୟନାରାୟଣଙ୍କ ବ୍ରତ ଓ ଉପାସନା କଲେ ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତ ହୋଇଥାଏ । ସୂର୍ଯ୍ୟଦେବ ହେଉଛନ୍ତି ପ୍ରତ୍ୟକ୍ଷ ଭାବେ ଦର୍ଶନ ଦେଉଥିବା ଦେବତା । ଆଦିତ୍ୟଲୋକରେ ଭଗବାନ ସୂର୍ଯ୍ୟ ସାକାର ବିଗ୍ରହରେ ଅବସ୍ଥାନ କରନ୍ତି । ସେ ରକ୍ତପଦ୍ମ ଉପରେ ବିରାଜମାନ ହୋଇଥାଆନ୍ତି । ତାଙ୍କର ଶରୀରର ବର୍ଣ୍ଣ ହିରଣ୍ମୟ । କେତେକ ଶ୍ଲୋକରେ ତାଙ୍କର ବର୍ଣ୍ଣକୁ 'ପଦ୍ମଗର୍ଭ' ବୋଲି ମଧ୍ୟ କୁହାଯାଇଛି । ସୂର୍ଯ୍ୟଦେବଙ୍କ କୃପା ହେଲେ ଆରୋଗ୍ୟ ଓ ଆଶୀର୍ବାଦ ପ୍ରାପ୍ତି ହୋଇଥାଏ । ଯେଉଁମାନେ ସୂର୍ଯ୍ୟଙ୍କୁ ପ୍ରତିଦିନ ଜଳ ଅର୍ପଣ କରିବା ସହ ରବିବାର ଦିନ ସୂର୍ଯ୍ୟଦେବଙ୍କ ବ୍ରତ କରନ୍ତି ସେମାନଙ୍କ ମାନସମ୍ମାନ ଓ ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇଥାଏ । କୁହାଯାଏ, ସୂର୍ଯ୍ୟଦେବଙ୍କ ଉପାସନା କରିବା ଦ୍ୱାରା ନେତ୍ର ଓ ଚର୍ମ ରୋଗରୁ ମଧ୍ୟ ମୁକ୍ତି ମିଳିଥାଏ । ସୂର୍ଯ୍ୟଦେବଙ୍କ ତମ୍ବାରେ ନିର୍ମିତ ଏକ ପ୍ରତିମା ଘରର ମୁଖ୍ୟ ଦ୍ୱାରରେ ଲଗାଇଲେ ଆର୍ଥିକ ସମସ୍ୟା ଦୂର ହୋଇଥାଏ । ସୂର୍ଯ୍ୟଦେବଙ୍କ ଉପାସନା ପାଇଁ ପ୍ରାତଃକାଳରୁ ସ୍ନାନ ସାରି ସୂର୍ଯ୍ୟଙ୍କୁ ତମ୍ବା ପାତ୍ରରେ ଜଳ ଅର୍ପଣ କରନ୍ତୁ । ଏହି ଜଳରେ ସିନ୍ଦୂର ଏବଂ ନାଲି ଫୁଲ ପକାଇ ଅର୍ପଣ କରନ୍ତୁ । ଏହାପରେ ସୂର୍ଯ୍ୟଙ୍କ ମନ୍ତ୍ର 'ଓଁ ଆଦିତ୍ୟାୟ ନମଃ' ଜପ କରନ୍ତୁ । ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଅର୍ପଣବେଳେ ନାଲି ଏବଂ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ ଦ୍ୱାରା ଭାଗ୍ୟରେ ପରିବର୍ତ୍ତନ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଯିଏ ସୂର୍ଯ୍ୟ ଉପାସନା କରେ, ତା'ର ସମସ୍ତ ଦୁଃଖ କ୍ଳେଶ ଦୂର ହେବା ସହ, ଯଶକୀର୍ତ୍ତି ବୃଦ୍ଧି ପାଇଥାଏ । ଏଥିସହ ସମସ୍ତ ରୋଗରୁ ମୁକ୍ତି ଓ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ ବୋଲି କୁହାଯାଏ ।

# ବ୍ରହ୍ମାଣ୍ଡର ମାଲିକ ଆମେ 'ନିଜେ'

ଏ ପୂରା ଜଗତ ଆମ ମାଲିକାନାର ଅଟେ । ଆମେ 'ନିଜେ' ହିଁ ବ୍ରହ୍ମାଣ୍ଡର ମାଲିକ । ତଥାପି ଆମକୁ ଦୁଃଖ କାହିଁକି ଭୋଗିବାକୁ ପଡ଼ିଲା, ଏହା ଖୋଜି ବାହାର କର ନା ? ଏ ତ ନିଜେ ନିଜର ହିଁ ଭୁଲ୍ ଦ୍ୱାରା ବନ୍ଧା ହୋଇଛେ । ଲୋକମାନେ ଆସି ବାନ୍ଧି ନାହାନ୍ତି । ସେ ଭୁଲ୍ ଶେଷ ହୋଇଯିବ ତେବେ ପୁଣି ମୁକ୍ତ । ଆଉ ବାସ୍ତବରେ ତ ମୁକ୍ତ ହିଁ ଅଛେ, କିନ୍ତୁ ଭୁଲ୍ ଯୋଗୁଁ ବନ୍ଧନ ଭୋଗୁଛେ । ଏ ନିଜେ ହିଁ ନ୍ୟାୟାଧୀଶ, ନିଜେ ହିଁ ଦୋଷୀ, ଏବଂ ନିଜେ ହିଁ ଓକିଲ, ତେବେ ନ୍ୟାୟ କାହା ପକ୍ଷରେ ଯିବ ? ନିଜ ପକ୍ଷରେ ହିଁ । ପୁଣି ନିଜେ ନିଜ ପସନ୍ଦର ହିଁ ନ୍ୟାୟ କରିବ ନା ! ତେଣୁ ନିଜେ ନିରନ୍ତର ଭୁଲ୍ ହିଁ କରି ଚାଲିଥାଏ । ଏହିପରି ଜୀବ ବନ୍ଧନରେ ଆସେ । ଭିତରର ନ୍ୟାୟାଧୀଶ କୁହନ୍ତି ଯେ ତୁମର ଭୁଲ୍ ହୋଇଛି । ପୁଣି ଭିତରର ଓକିଲ ଓକିଲାତି କରେ ଯେ, ଏଥିରେ ମୋର କ'ଣ ଦୋଷ ? ଏପରି କରି ନିଜେ ହିଁ ବନ୍ଧନରେ ଆସେ । ନିଜର ଆତ୍ମହିତ ହେତୁ ଜାଣିନେବା ଉଚିତ୍ ଯେ, କାହା ଦୋଷ ଯୋଗୁଁ ବନ୍ଧନ ଅଛି ? ଯିଏ ଭୋଗୁଛି, ତା'ର ହିଁ ଦୋଷ । ଲୋକଭାଷାରେ ଦେଖିବା ତେବେ ଅନ୍ୟାୟ ଅଟେ କିନ୍ତୁ ଭଗବାନଙ୍କ ଭାଷାର ନ୍ୟାୟ ତ ଏହା ହିଁ କୁହେ ଯେ, 'ଯିଏ ଭୋଗେ ତା'ର ଭୁଲ୍ ।'



## ନୂତନ ଇଡିଙ୍କୁ ମିଡିଆ ହାଉସ ପକ୍ଷରୁ ସୌଜନ୍ୟମୂଳକ ସାକ୍ଷାତ

ଦାମନଯୋଡି,(ନିପ୍ର): ନବରତ୍ନ ଉଦ୍ୟୋଗ ନାଲକୋ, ଦାମନଯୋଡିରେ ନୂତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବରେ ଇଂ ଅମରେନ୍ଦ୍ର କୁମାର ମିଶ୍ର ଚଳିତ ମାସ ପହିଲାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ମିଶ୍ର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲଙ୍କ ଠାରୁ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଦାମନଯୋଡିର ସ୍ୱୀକୃତିପ୍ରାପ୍ତ ଗଣମାଧ୍ୟମ ସଂଗଠନ ମିଡିଆ ହାଉସ, ଦାମନଯୋଡି ପକ୍ଷରୁ ଶ୍ରୀ ମିଶ୍ରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିବା ସହ ବିଭିନ୍ନ ବିଷୟ ଆଲୋଚନା କରାଯାଇଥିଲା । ନାଲକୋର ଉତ୍ପାଦନ ଓ ସମ୍ପ୍ରସାରଣ କାର୍ଯ୍ୟକୁ ଗୁରୁତ୍ୱ ଦେବା ସହିତ ପଟ୍ଟାଙ୍ଗୀରେ ନୂତନ ଭାବେ ଆରମ୍ଭ ହେବାକୁ ଥିବା ବକ୍ସାଇଟ ଖଣି ଖନନ ଉପରେ ଗୁରୁତ୍ୱ ଦେବେ ବୋଲି ଶ୍ରୀ ମିଶ୍ର ସାକ୍ଷାତକାର ସମୟରେ କହିଥିଲେ । ଏତଦ୍‌ବ୍ୟତୀତ ପାରିପାର୍ଶ୍ୱିକ ଉନ୍ନତି ଓ ପୂର୍ବତନ ଇଡିଙ୍କ ଦ୍ୱାରା ଆରମ୍ଭ ହୋଇଥିବା ସମସ୍ତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଦିଗରେ ବିଶେଷ ଦୃଷ୍ଟି ଦିଆଯିବ ବୋଲି କହିଛନ୍ତି । ଶ୍ରୀ ମିଶ୍ର ଜାତୀୟ ବୈଷୟିକ ଅନୁଷ୍ଠାନ, ରାଉରକେଲାରୁ ଉତ୍ତୀର୍ଣ୍ଣ ହେବା ପରେ ୧୯୯୪ ମସିହାରୁ ନାଲକୋର ବିଭିନ୍ନ ବିଭାଗରେ ସୁଚାରୁରୂପେ ନିଜର ଦାୟିତ୍ୱ ସମ୍ପାଦନ କରିଛନ୍ତି । ନାଲକୋ ଉଦ୍ୟୋଗରେ ଦୀର୍ଘ ବର୍ଷର କାର୍ଯ୍ୟ ଅଭିଜ୍ଞତାକୁ ଆଧାର କରି ନୂଆ ଦୟିତ୍ୱକୁ ସୂଚାରୁ ରୂପେ ତୁଲାଇବେ ବୋଲି ଶ୍ରୀ ମିଶ୍ର କହିଥିଲେ । ମିଡିଆ ହାଉସର ସଭାପତି ନରସିଂହ ବ୍ରହ୍ମାଙ୍କ ନେତୃତ୍ୱରେ ଉପ ସଭାପତି ସୁଦର୍ଶନ ସେନାପତି, ସଂଗଠନ ସମ୍ପାଦକ ଚୈତନ୍ୟ ହନ୍ତାଳ, ପରାମର୍ଶଦାତା ଡଃ ଜଳେନ୍ଦ୍ର ତ୍ରିପାଠୀ, ସଦସ୍ୟ ଡଃ ନଳିନୀକାନ୍ତ ସେନାପତି ପ୍ରମୁଖ ଶ୍ରୀ ମିଶ୍ରଙ୍କୁ ସାକ୍ଷାତ କରିଥିଲେ ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ

ଚାରିଛକ,(ନିପ୍ର): ଚାରିଛକ ନିକଟସ୍ଥ ଭୋଦର ପଂଚାୟତ ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ମଙ୍ଗଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ସନ୍ତୋଷ କୁମାର ମିତ୍ର,ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଆଇଆରଏସ ଚନ୍ଦ୍ରକାନ୍ତ



ଦଳାଇ,ସମ୍ମାନୀତ ଅତିଥିଭାବେ ତୁଳସୀପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଗୋପବନ୍ଧୁ ନନ୍ଦୀ,ସିଆରସିସି ମଧୁସୂଦନ ପଟ୍ଟନାୟକ,ପୁର୍ବତନ ପ୍ରଧାନ ଶିକ୍ଷୟତ୍ରୀ ଡେଜି ରାୟ,ପୁର୍ବତନ ପ୍ରଧାନଶିକ୍ଷକ ନୀରଜଂନ କର,ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା,ଆଲୁମିନି ସଭାପତି ରମାରମଣ ଦେବପାତ୍ର,ପରିଚାଳନା କମିଟି ସଭାପତି ଶ୍ୟାମ ସୁନ୍ଦର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଦ୍ୟାଳୟର କୃତି ପ୍ରତିଭାମାନଙ୍କୁ ପୁରସ୍କୃତ ପ୍ରଦାନ କରାଯାଇଥିଲା । ଏହାପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ,ଅଭିଭାବକ ଓ ପରିଚାଳନା କମିଟିର ସଦସ୍ୟ ଯୋଗଦେଇଥିଲେ ।

## ରଘୁନାଥ ସଂସ୍କୃତି ମଣ୍ଡପ ଉଦ୍‌ଘାଟିତ

କାଶୀନଗର,(ନିପ୍ର): କାଶୀନଗର ଠାରେ ଥିବା ବହୁ ପୁରାତନ ଶ୍ରୀରାମ ଯୁକ୍ତଦୁଇ କଲେଜ ବର୍ତ୍ତମାନ ରୂପାନ୍ତରିତ ହୋଇ ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୋଲି ପରିଚୟ ପାଇଛି । ଏହି ମାଧ୍ୟମିକ ବିଦ୍ୟାଳୟର ପ୍ରତିଷ୍ଠାତା ଜଣେ ବଦାନ୍ୟ ବ୍ୟକ୍ତି ସ୍ୱର୍ଗତ ରଘୁନାଥ ସାହୁଙ୍କ ସ୍ମୃତିରେ ପରିସରରେ ରଘୁନାଥ ସଂସ୍କୃତି ମଣ୍ଡପ ଅଧ୍ୟକ୍ଷା ସଂଯୁକ୍ତା କୁମାରୀ ପାଢ଼ୀଙ୍କ ପ୍ରଚେଷ୍ଟାରେ ନିର୍ମାଣ ସରିଛି । ଏହି ସଂସ୍କୃତି ମଣ୍ଡପକୁ କାଶୀନଗର ଏନଏସି ଅଧ୍ୟକ୍ଷା



ଏମ.ସୁଦ୍ଧାରାଣୀ ମୁଖ୍ୟ ଅତିଥି ଭାବେ ଆସି ଉଦ୍ଘାଟନ କରିଥିବା ବେଳେ ବିଦ୍ୟାଳୟ ଆରମ୍ଭ ବେଳେ ଭୂମି ଦାନ କରିଥିବା ଭୂପତି ଚିନ୍ନା ରାଓଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ସହ ଚିନ୍ନା ରାଓ, ଅଧ୍ୟକ୍ଷା ସଂଯୁକ୍ତା ପାଢ଼ୀ ଓ କବି ପ୍ରଶାନ୍ତ ମିଶ୍ର ମଂଚାସୀନ ହୋଇ ବିଦ୍ୟାଳୟର ଅତୀତ ବିଷୟରେ ଆଲୋକପାତ କରିଥିଲେ ।

## ମାଗଣା ଶୀତବସ୍ତ୍ର ବଣ୍ଟନ

ରମ୍ଭା,(ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ସନ୍ତୋଷ ପୁର, ସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ପରିସରରେ ହାଓ୍ୱାଡା ବେଲୁର ମଠ ପ୍ରଦତ୍ତରେ ପୁରୀ ରାମକୃଷ୍ଣ ମଠ ସହାୟତାରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ସନ୍ତୋଷ ପୁର ଠାରେ ପୁରୀ ରାମକୃଷ୍ଣ ମଠ ଯୁବ ସନ୍ୟାସୀ ଶ୍ରୀମଦ ସ୍ୱାମୀ ପଦ୍ମାଳୟା ନନ୍ଦଜି ମହାରାଜଙ୍କ ଦ୍ୱାରା ୫୦ ଜଣ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ବିବେକାନନ୍ଦ ଜୟନ୍ତୀର ଉଦଯାପନୀ ଦିବସରେ ମାଗଣା ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ପ୍ରତିଷ୍ଠାତା ରାମକୃଷ୍ଣ ଭକ୍ତ ଶ୍ରୀଯୁକ୍ତ ବଟ କୃଷ୍ଣ ତ୍ରିପାଠୀ ୫ ବର୍ଷ ହେଲା ନିଜ ଅଞ୍ଚଳ ର ଅସହାୟ ଲୋକଙ୍କୁ ସାହାଯ୍ୟ କରି ଆସୁଛନ୍ତି । ବଣ୍ଟନ କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ ଉମାକାନ୍ତ ବେହେରା, ସୁଧୀର ସାହୁ ସହିତ ବହୁ ଭଦ୍ର ବ୍ୟକ୍ତି ଉପସ୍ଥିତ ରହିଥିଲେ ।

# ମାନବାଧିକାର ଉଲ୍ଲଂଘନ ପାଇଁ ପୋଲିସ ଦେବ ୪ ଲକ୍ଷ କ୍ଷତିପୂରଣ




ରଣପୁର,(ନି.ପ୍ର): ବିଳମ୍ବରେ ହେଲେ ମଧ୍ୟ ନ୍ୟାୟ ପାଇଛନ୍ତି ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ମୟୁରଝାଲିଆ ଗ୍ରାମ ପଞ୍ଚାୟତ ହରିହରପୁର ଗ୍ରାମର ଯୁବକ ନିରଞ୍ଜନ ନାୟକ । ଚାନ୍ଦପୁର ଥାନା ପୋଲିସର ମାନବାଧିକାର ଉଲ୍ଲଂଘନ ପାଇଁ ନିରଞ୍ଜନଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମାନବାଧିକାର କମିଶନ । ଯାହାକି ମାମଲା ତଦନ୍ତରେ ପୋଲିସ ଭୁଲ ପଦକ୍ଷେପ ପାଇଁ ଦଣ୍ଡାଦେଶ । ନିରଞ୍ଜନ ଚାନ୍ଦପୁର ଥାନା ତତ୍କାଳୀନ ଭାରପ୍ରାପ୍ତ ଅଧିକାରୀ ଧନେଶ୍ୱର ନାହାକ ଓ ସବ ଇନିସପେକ୍ଟର ଏସ. ହାରୋଙ୍କ ନାମରେ ମାନବାଧିକାର ଉଲଂଘନ ନେଇ ୨୦୨୦ ମସିହାରେ ରାଜ୍ୟ ମାନବାଧିକାର କମିଶନଙ୍କ ପାଖରେ ୧୭୧୮ ନମ୍ବରରେ ଅଭିଯୋଗ କରିଥିଲେ । ଯେଉଁ ଅଭିଯୋଗକୁ ବିଚାର କରି ରାଜ୍ୟ ମାନବାଧିକାର କମିଶନ ଉଲ୍ଲଂଘନ ପାଇଁ ଦାୟୀ କରିଛନ୍ତି ଭାରପ୍ରାପ୍ତ ଅଧିକାରୀ ଓ ତଦନ୍ତାଧିକାରୀଙ୍କୁ । କ୍ଷତିପୂରଣ ୪ ଲକ୍ଷ ଟଙ୍କା ଉଭୟ ଭାରପ୍ରାପ୍ତ ଅଧିକାରୀ ଓ ତଦନ୍ତାଧିକାରୀଙ୍କ ଠାରୁ ଆଦାୟ କରି କ୍ଷତିଗ୍ରସ୍ତ ଯୁବକ ନିରଞ୍ଜନଙ୍କୁ ଦେବା ପାଇଁ ରାଜ୍ୟ ସରକାର ଓ ରାଜ୍ୟ ପୋଲିସଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ହରିହରପୁର ନିରଞ୍ଜନ ନାୟକ ୨୦୦୪ ମସିହାରେ ଚାନ୍ଦପୁର ରାମଚଣ୍ଡୀ ସାହିରେ ପୁଷ୍ପଲତା ନାୟକଙ୍କୁ ବିବାହ କରି ଏକ ପୁତ୍ର ସନ୍ତାନ ପ୍ରାପ୍ତ ହୋଇ ସୁଖରେ ରହି ଆସୁଥିଲେ । ୨୦୧୬ରେ ନିରଞ୍ଜନଙ୍କ ମା ମୀନାକୁମାରୀ କର୍କଟ ରୋଗରେ ପୀଡିତ ହେବା ପରେ ଶାଶୁଙ୍କ ଉପରେ ବୋହୁ ପୁଷ୍ପଲତାଙ୍କ ନିର୍ଯାତନା ଆରମ୍ଭ ହେବାରୁ ପୁଅ ନିରଞ୍ଜନ ବିରୋଧ କଲେ । ଫଳରେ ପାରିବାରିକ କଳହ ସୂତ୍ରପାତ ହେଲା । ମାମଲା ଚାନ୍ଦପୁର ଥାନାରେ ପହଞ୍ଚିଲା । ଚଞ୍ଚକତା କରି ଶାଶୁଙ୍କ ଜମା ଖାତାରୁ ବୋହୁ ଟଙ୍କା ଉଠାଇ ନେବା, ପୋଲିସ ଟଙ୍କା ଉଦ୍ଧାର କରି ଫେରାଇବା ଠାରୁ ମାଡପିଟ ପର୍ଯ୍ୟନ୍ତ କଥା ଗଲା । ଚାନ୍ଦପୁର ଥାନା ଭାରପ୍ରାପ୍ତ ଅଧିକାରୀ ନାହାକ ଓ ତଦନ୍ତାଧିକାରୀ ଏସ୍ ହାରୋ ବୋହୁ ପୁଷ୍ପଲତା ଓ ତାଙ୍କ ସହଯୋଗକାରୀଙ୍କୁ କୋହଳ ମନୋବୃତ୍ତି ଦେଖାଇ ଥାନାରୁ ଛାଡିଦେଇ ନିରଞ୍ଜନଙ୍କୁ ଜେଲ ହାଜତକୁ ପଠାଇଥିଲେ । ନିରଞ୍ଜନ ୨୧ ଦିନ ଜେଲ ହାଜତରେ ରହିଲେ । ଇତି ମଧ୍ୟରେ କର୍କଟ ରୋଗାକ୍ରାନ୍ତ ମା ମୀନାକୁମାରୀ ଚିକିତ୍ସା ଅବହେଳାରୁ ମୃତ୍ୟୁବରଣ କଲେ । ପୋଲିସ ର ମାନବାଧିକାର ଉଲ୍ଲଂଘନ ବିରୁଦ୍ଧରେ ନିରଞ୍ଜନ କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ । ତଦନ୍ତାଧିକାରୀ ପୋଲିସ ପାଇଁ ଏହା ଏକ ଶିକ୍ଷା ବୋଲି ଅଞ୍ଚଳରେ ଆଲୋଚନା ହେଉଛି । ବିଳମ୍ବରେ ହେଲେ ମଧ୍ୟ ନିରଞ୍ଜନଙ୍କୁ ନ୍ୟାୟ ପାଇଛି ।

## ୬୦ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ ଓ ମାଗଣା ଚକ୍ଷୁ ପରୀକ୍ଷା

ଲୋଧାଚୂଆ,(ନିପ୍ର): 'ଲୋଧଚୂଆ ଗ୍ରାମ ପଞ୍ଚାୟତ ବରିଷ୍ଠ ନାଗରିକ ସଂଗଠନ' ର ୪ର୍ଥ ବାର୍ଷିକ ଉତ୍ସବ ଅବସର ପ୍ରାପ୍ତ ଶିକ୍ଷକ ନବକିଶୋର ମହାପାତ୍ରଙ୍କ ସଭାପତିତ୍ୱରେ ଗୋପୀମୋହନ ପୁର ସ୍ଥିତ ଅଚିହ୍ନା ପରମ ହଂସ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା ବେଳେ 'ଲୟାଲ ୱେଲଫେୟାର ଫାଉଣ୍ଡେସନ' ର ସହଯୋଗରେ ବରିଷ୍ଠ ନାଗରିକ ମାନଙ୍କର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା ।



ବାର୍ଷିକ ଉତ୍ସବକୁ ବରିଷ୍ଠ ନାଗରିକ ସଂଗଠନର ରାଜ୍ୟ ସଂଗଠକ ବସନ୍ତ କୁମାର ବାରିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କଲା ପରେ ସଂଗଠନର ସମ୍ପାଦକ ନାରାୟଣ ଇନ୍ଦ୍ରଜିତ ବଳିୟାର ସିଂହ ବାର୍ଷିକ ବିବରଣୀ ପଠନ କରିଥିଲେ । ଉପସ୍ଥିତ ଅତିଥିମାନେ ବରିଷ୍ଠ ନାଗରିକ ମାନଙ୍କ ଉଦ୍ଦେଶ୍ୟରେ ନୀତି ଗତ ଓ ନୈତିକ ଅଧିକାର ସଂମ୍ପର୍କରେ ଅବଗତ କରିଥିଲେ ।

ଅନୁଷ୍ଠାନର ଦୀର୍ଘ ସ୍ଥାୟୀ କାମନା କରିବା ସହ ପଞ୍ଚାୟତ ସ୍ତରରେ ଏହାକୁ ଶକ୍ତିଶାଳୀ କରିବା ପାଇଁ ଆହ୍ୱାନ ଦେଇଥିଲେ । ବରିଷ୍ଠ ନାଗରିକମାନଙ୍କୁ ମିଳୁଥିବା ସରକାରୀ ସୁବିଧା ସମ୍ପର୍କରେ ବ୍ୟାପକ ସଚେତନତା କରିଥିଲେ । ଏହି ଉତ୍ସବରେ ୬୦ ଜଣ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା । ବେଳେ ୫୦ଙ୍କର ମାଗଣା ଚକ୍ଷୁ ପରୀକ୍ଷା କରାଯାଇ ଥିଲା ।

ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ତ୍ରିନାଥ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ପ୍ରଶନ୍ନ କୁମାର ରଥ, ସମ୍ମାନୀତ ଅତିଥି ଭାବେ ସମାଜ ସେବୀ ସୁରେଶ ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧି ସୂର୍ଯ୍ୟ ନାରାୟଣ ପ୍ରଧାନ, ସମିତି ସଭ୍ୟ ମୀନକେତନ ନାୟକ, କୈଳାସ ଚନ୍ଦ୍ର ସାହୁ,ନେତ୍ରାନନ୍ଦ ମହାନ୍ତି, ପୁରସ୍ତମ ନାୟକ,ବୈକୁଣ୍ଠନାଥ ସ୍ୱାଇଁ, ଭଗବାନ ଇନ୍ଦ୍ରଜିତ ବଳିୟାର ସିଂହ ପ୍ରମୁଖ ବକ୍ତବ୍ୟ ଦେଇ ଥିଲା ବେଳେ ସର୍ବେଶ୍ୱର ସ୍ୱାଇଁ ଧନ୍ୟବାଦ ଦେଇଥିଲେ । ଡାକ୍ତର ଆଶୁତୋଷ ପଣ୍ଡା ଓ ଫାଉଣ୍ଡେସନର ପରିଚାଳକ ରମେଶ ଚନ୍ଦ୍ର ସ୍ୱାଇଁ ମାଗଣା ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ ।

## ଜିଲ୍ଲାପାଳଙ୍କ ବିଭିନ୍ନ କାର୍ଯ୍ୟର ସମୀକ୍ଷା

ଜୟପୁର,(ହି.ସ.): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ କୋରାପୁଟ ବ୍ଲକର ଦେବୀ ଘାଟ ପଞ୍ଚାୟତ ଏବଂ ବଡକେରେଙ୍ଗା ପଞ୍ଚାୟତକୁ ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ପ୍ରଥମେ ଦେବୀ ଘାଟ ପଞ୍ଚାୟତର ନିର୍ମାଣାଧୀନ ପଂଚାୟତ ଗୃହ ପରିଦର୍ଶନ କରିଥିଲେ । ପରବର୍ତ୍ତୀ ସମୟରେ ବଡକେରେଙ୍ଗା ପଞ୍ଚାୟତର ଚକଲି ଗ୍ରାମର ଉଲି ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଡିଙ୍ଗିରି ଛତୁ ଚାଷର ପ୍ରଣାଳୀ ଦେଖି ଖୁସି ବ୍ୟକ୍ତ କରିଥିଲେ । ଗୋଷ୍ଠୀର ସଂପାଦକ ଚନ୍ଦ୍ରମା ଜାନୀଙ୍କୁ ଛତୁ ଚାଷ ସହିତ ଛେଳି ଚାଷ କରିବାକୁ ପରାମର୍ଶ ଦେଇଥିଲେ । ତତ୍‌ସହିତ କୋଲାବ ନଗର ସ୍ଥିତ କଫି ଚାରା ପ୍ରସ୍ତୁତି ଦେଖିଥିଲେ । ମା' ପାର୍ବତୀ ଛତୁଆ କେନ୍ଦ୍ରକୁ ଯାଇ ସେଠାରେ ଶିଶୁ ଓ ଗର୍ଭବତୀ ମହିଳାଙ୍କ ନିମନ୍ତେ ପ୍ରସ୍ତୁତି କରାଯାଉ ଥିବା ଛତୁଆ, ବାଦାମ ଲଡୁ ଏବଂ ଅନ୍ୟାନ ସମସ୍ତ ପ୍ରସ୍ତୁତି ସାମଗ୍ରୀର ମାନ ପରୀକ୍ଷଣ କରିଥିଲେ । ପରବର୍ତ୍ତୀ ସମୟରେ ପଂଚାୟତ କାର୍ଯ୍ୟାଳୟ ଆସି ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଓ ବିକଳାଙ୍ଗ ଭତ୍ତା ପ୍ରଦାନ କରିଥିଲେ । ପଂଚାୟତ ନିକଟରେ ଥିବା ଅମୃତ ସରୋବର ବିକାଶ କାର୍ଯ୍ୟକୁ ତଦାରଖ କରିଥିବା ସହିତ ଶେଷରେ ଅପର କୋଲାବ ଯୋଜନାର ନିର୍ମାଣାଧୀନ ରାସ୍ତା କାର୍ଯ୍ୟର ବିଳମ୍ବର କାରଣ ନେଇ କନିଷ୍ଠ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ଜିଲାପାଳଙ୍କ ଗସ୍ତ ବେଳେ କୋରାପୁଟ ବ୍ଲକ ବିଡ଼ିଓ, ଦେବାଶିଷ ଗୌଡ଼, ସିଡିପିଓ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଉତ୍ତରପାଳ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

ବଡ଼ସାହି,(ନିପ୍ର): ବଡ଼ସାହି ବ୍ଲକ ଅଧୀନ ଉତ୍ତରପାଳ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବାଗୁଲି ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ଉପଖଣ୍ଡର ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ସ୍ୱତନ୍ତ୍ର ଅତିଥି ବାରିପଦା ଆଇଡିଡିଏର ଅତିରିକ୍ତ ମଙ୍ଗଳ ଅଧିକାରିଣୀ ସୁଶ୍ରୀ ଶୃତିଲିପି ସାହୁ, ମୁଖ୍ୟବକ୍ତା ଭାବେ ଜିଲ୍ଲା ମୁଖ୍ୟାଳୟର ଅତିରିକ୍ତ ମଙ୍ଗଳ ଅଧିକାରୀ ଅଜୟ କୁମାର ଜେନା ଯୋଗଦେଇ ବାର୍ଷିକ ଉତ୍ସବ ଶିକ୍ଷାନୁଷ୍ଠାନ, ଶିକ୍ଷକ/ଶିକ୍ଷୟତ୍ରୀ, ଅଭିଭାବକ ଓ ବିଦ୍ୟାର୍ଥୀଙ୍କ ଅଗ୍ରଗତି, ଖସଡା ଓ ଭୁଲତ୍ରୁଟି ସୁଧାରିବାର ଦିବସ ବୋଲି କହିଥିଲେ । ସମସ୍ତେ ଏକ ବିନ୍ଦୁରେ ଯୋଡି ହେଲେ ସଫଳତା ପାଦ ଛୁଇଁବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ସୁଶ୍ରୀ ବାସନ୍ତୀ ସିଂ, ସିଆରସିସି କାହ୍ନୁଚରଣ ବାରିକ ଓ ଶିକ୍ଷାବିତ୍ ଦେବେନ୍ଦ୍ର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରଧାନ ଶିକ୍ଷୟତ୍ରୀ ସଞ୍ଜୁକ୍ତା ପଣ୍ଡା ବାର୍ଷିକ ବିବରଣୀ ପାଠ, ସହକାରୀ ଶିକ୍ଷୟିତ୍ରୀ ମମତା ଦାସ ମଞ୍ଚ ପରିଚାଳନା, ସହକାରୀ ଶିକ୍ଷୟତ୍ରୀ ଅମିତା ସାମଲ ଜଗନ୍ନାଥ ସ୍ତୁତି ପାଠ ଓ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅତିଥି ଶିକ୍ଷକ ବିଶ୍ୱଭୂଷଣ ବିଶ୍ୱାଳ ଓ ଶିକ୍ଷୟତ୍ରୀ ବୈଜୟନ୍ତୀ ସାହୁ ସମେତ ମେଟ୍ରୋନ ମଞ୍ଜୁଲତା ରାଉତ ଓ ସମସ୍ତ କର୍ମଚାରୀ, ପରିଚାଳନା କମିଟି ସଦସ୍ୟ/ସଦସ୍ୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ

ଭଦ୍ରକ,(ନିପ୍ର): ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଏକ ସଚେତନତା କାର୍ଯ୍ୟକ୍ରମ ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ତଥା ସାମାଜିକ ଓ ଆଇନଗତ ସଚେତନତା ନିମନ୍ତେ ଭଣ୍ଡାରୀପୋଖରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବାଲ୍ୟବିବାହ ଆଇନଗତ ଅପରାଧ ବୋଲି ଉଲ୍ଲେଖ କରିଥିଲେ । ଶିଶୁ ସୁରକ୍ଷା ଆଇନ ଅଧିକାରୀ ସୁବ୍ରତ ଦାସ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ଭବିଷ୍ୟତ ଉପରେ ବାଲ୍ୟବିବାହର କୁପ୍ରଭାବ ସମ୍ପର୍କରେ ସେ ଗଭୀର ଆଲୋଚନା କରିଥିଲେ । ଶିଶୁ ସୁରକ୍ଷା ପ୍ରତ୍ୟେକ ପରିବାର ଓ ସମାଜର ସାମୂହିକ ଦାୟିତ୍ୱ ବୋଲି କହିଥିଲେ । ଏବଂ ବାଲ୍ୟବିବାହ ନିଷେଧ ଆଇନ, ଶିଶୁ ଅଧିକାର ଓ ସହାୟତା ବ୍ୟବସ୍ଥା ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିଥିଲେ । ସମସ୍ୟା ଦେଖିଲେ କିମ୍ବା ଅନୁଭବ କଲେ (୧୦୯୮) ନିଃଶୁଳ୍କ ନମ୍ବରରେ ଅଭିଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ । ମଂଚ ନିମନ୍ତ୍ରଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତିକାନ୍ତ ବେହେରା କରିଥିବା ବେଳେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଓ ଶିକ୍ଷୟତ୍ରୀ ସଚେତନ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ଆବଶ୍ୟକ ବୋଲି ଉଲ୍ଲେଖ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲଡିଏସ୍ ସହାୟକ ବହ୍ନିଶିଖା ବିଶ୍ୱାଳ ପିଲାମାନଙ୍କ ନିମିତ୍ତ ବାଲ୍ୟବିବାହକୁ ମନା ଏବଂ ବିଦ୍ୟାଳୟକୁ ହଁ ପରି ସୁନ୍ଦର କବିତା ଆବୃତି କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଗଣ ଉପସ୍ଥିତ ରହିଥିଲେ । ବାଲ୍ୟବିବାହ ଭଳି କୁପ୍ରଥାର ଉଚ୍ଛେଦ ସମ୍ପର୍କିତ ଏକ ସୁନ୍ଦର ନାଟକରେ ଅଭିନୟ କରିଥିଲେ ।




## ବଜେଟ୍‌ରେ ଓଡ଼ିଶାକୁ ୧୦,୦୦୦ କୋଟି ଅନୁଦାନ

ହିଞ୍ଜିଳିକାଟୁ,(ନିପ୍ର): ହିଞ୍ଜିଳିକାଟୁ ସ୍ଥିତ ବିଜେପି ଆସ୍କା ସାଂଗଠନିକ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଭାରତୀୟ ଜାତୀୟ ପାର୍ଟି ପକ୍ଷରୁ କେନ୍ଦ୍ର ବଜେଟ ୨୦୨୬-୨୭ ଉପରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏକ ଯୁଗାନ୍ତକାରୀ, ଦୂରଦୃଷ୍ଟିସମ୍ପନ୍ନ ଓ ଜନହିତକାରୀ ବଜେଟ୍ ଉପସ୍ଥାପନ କରିଥିଲେ । ଏହି ବଜେଟ୍ କେବଳ ଆର୍ଥିକ ସନ୍ତୁଳନ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ଗଢି ତୋଳିବା ଏହାର ମୁଖ୍ୟ ଲକ୍ଷ୍ୟ ରହିଛି ବୋଲି ଜିଲ୍ଲା ସଭାପତି ସୂଚନା ଦେଇଥିଲେ ।ଏହା




ବ୍ୟତୀତ ଏକ ବିକଶିତ ଓଡ଼ିଶା ପାଇଁ ରେଳ ବଜେଟରେ ଓଡ଼ିଶାକୁ ପ୍ରାୟ ୧୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ରାଶି ଅନୁଦାନ ଦେଇଥିବାରୁ ଜିଲ୍ଲା ବିଜେପି ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ସମ୍ପୂର୍ଣ୍ଣ ଭାବେ ଚିନ୍ତା କଲେ ଏହି ଲୋକାଭିମୁଖୀ ବଜେଟ ଚାଷୀ, ମହିଳା, ଯୁବ ଏବଂ ଅନଗ୍ରସର ଶ୍ରେଣୀର ବ୍ୟକ୍ତିଙ୍କ କଲ୍ୟାଣ ସାଧିତ ହେବା ସହ ଦେଶର ଭିତ୍ତିଭୂମି ସୁଦୃଢ଼ ହୋଇପାରିବ ବୋଲି ସେ ସୂଚନା ଦେଇଥିଲେ । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବିଜେପିର ବରିଷ୍ଠ ନେତା ଶିଶିର କୁମାର ମିଶ୍ର, ଜିଲ୍ଲା ସାଧାରଣ ସମ୍ପାଦକ ଯଜ୍ଞ ନାରାୟଣ ଦାଶ, ହୃଷିକେଶ ସାହୁ, ଶ୍ରୀକାନ୍ତ ପଣ୍ଡା, ଜିଲ୍ଲା ଉପ ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ଶ୍ରୀକାନ୍ତ ମହାପାତ୍ର, ସ୍ୱପ୍ନାରାଣୀ ପ୍ରଧାନ, ଆଭା ପରିଡ଼ା,ବି.ପ୍ରଦେଶ ପାତ୍ର,ଏନ୍. କେଶବ ଓ ବରିଷ୍ଠ ନେତା ମାଧବ ଗୌଡଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ।

## ଶିକ୍ଷା ହିଁ ଭବିଷ୍ୟତ ଗଢିବାରେ ସହାୟତା

ନିରାକାରପୁର,(ନିପ୍ର): କଠିନ ପରିଶ୍ରମ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ । ସମାଜରେ ଜଣେ ଭଲ ମଣିଷ, ସୁନାଗରିକ ହେବାର ଆବଶ୍ୟକତା ରହିଛି । ପ୍ରାଥମିକ ଶିକ୍ଷା ହିଁ ଭବିଷ୍ୟତ ଗଢିବାରେ ସହାୟତା କରେ । ଏହି ମଣିଷ ଗଢା କାରଖାନାରେ ଅଧ୍ୟୟନରତ କୁନି ଛାତ୍ରଛାତ୍ରୀଙ୍କୁ ଗୁରୁଜୀ ଗୁରୁମା ଯେଉଁ ରୂପ ଦେବାକୁ ଚେଷ୍ଟା କରିବେ ତାହା ହିଁ ତାର ଜୀବନରେ ପ୍ରତିଫଳିତ ହେବ । କୁନି ପିଲାମାନଙ୍କ ଅନ୍ତର୍ନିହିତ ଗୁଣର ପ୍ରଦର୍ଶନ ପାଇଁ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ମାଧ୍ୟମ ବୋଲି ଖୋର୍ଦ୍ଧା ଜିଲ୍ଲା କମାଗୁରୁ ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲ ତ୍ରୟୋବିଂଶତମ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ ।ସ୍କୁଲ ପରିଚାଳନା ମଣ୍ଡଳୀ ସଭାପତି ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଡ ସଞ୍ଜୟ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର ଓ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଗୋଦାବରୀଶ ସାହୁ ଓ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ସାହୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ସ୍କୁଲ ଅଧ୍ୟକ୍ଷା ବିଳାସିନୀ ମଙ୍ଗରାଜ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଂଶୁମାନ ତ୍ରିପାଠୀ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ।

## ବିଦ୍ୟାଳୟର ବାର୍ଷିକ ଉତ୍ସବରେ ସୃଜନିକା ଉଦ୍‌ଘାଟିତ

ବୋଲଗଡ଼,(ନିପ୍ର ) ବୋଲଗଡ଼ ଶିକ୍ଷାବ୍ଲକ ଅନ୍ତର୍ଗତ ପିଚୁକୁଳିସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ତାପସ କୁମାର ଦ୍ୱିବେଦୀଙ୍କ ଆବାହକତ୍ୱରେ ବିଦ୍ୟାଳୟ ପରିସରରେ ୪ର୍ଥ ବାର୍ଷିକ ଉତ୍ସବ 'ସୃଜନିକା'ଆଡମ୍ବର ସହକାରେ ପାଳିତ ହୋଉଯାଇଛି । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ତପନ କୁମାର ଦ୍ୱିବେଦୀଙ୍କ ଅଧ୍ୟକ୍ଷତକ୍ଷରେ ମୁଖ୍ୟଅତିଥି ଭାବେ ବୋଲଗଡ଼ -ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ବକ୍ତାଭାବେ ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଓ ଶିକ୍ଷକ ତାଲିମ ପ୍ରତିଷ୍ଠାନର ଅଧ୍ୟକ୍ଷ ତାପସ କୁମାର ନାୟକ, ସ୍ୱତନ୍ତ୍ର ଅତିଥିଭାବେ କୃଷକ ଶିକ୍ଷା ପ୍ରତିଷ୍ଠାନର ନିର୍ଦ୍ଦେଶକ ବୃନ୍ଦାବନ ଶତପଥି ଓ ସମ୍ମାନିତ ଅତିଥିଭାବେ ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀ,ଅଖିଳ ଭାରତୀୟ ଶୈକ୍ଷିକ ମହାସଂଘର ସମ୍ପାଦକ ନିରଞ୍ଜନ ମହାନ୍ତି,ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ସମିତି ସମ୍ପାଦକ ପବିତ୍ର ମୋହନ ମାଝୀ ପ୍ରମୁଖ ଯୋଗଦେଇ ଜଗତରନାଥ ଜଗନ୍ନାଥଙ୍କ ପ୍ରତିମୃତିରେ ଫୁଲ ଚନ୍ଦନ, ଓ ପ୍ରଦୀପ ପ୍ରଜ୍ୱଳନ କରି ଏହାକୁ ଶୁଭ ଉଦଘାଟନ କରିଥିଲେ । ଅଧ୍ୟକ୍ଷ ତାପସ କୁମାର ଦ୍ୱିବେଦୀ ବାର୍ଷିକ ବିବରଣୀ ପଠନ କରିଥିଲେ । ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ୯୦ଜଣ କୃତୀ ଛାତ୍ରଛାତ୍ରୀମାନଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଧାନ କରି ସମ୍ବର୍ଦ୍ଧିତ କରାଯାଇଥିଲକ୍ଷ । ସମସ୍ତ ଛାତ୍ରଛାତ୍ରୀ ମାନେ ଶିକ୍ଷା ସହିତ କ୍ରୀଡ଼ାକୁ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଶୃଙ୍ଖଳିତ ଭାବରେ ସମୟାନୁବର୍ତ୍ତିତା ହୋଇ ସମସ୍ତ ଶିକ୍ଷକ /ଶିକ୍ଷୟିତ୍ରୀ ଓ ପିତାମାତାଙ୍କ କଥଟୁ ସମ୍ମାନ ପ୍ରଦର୍ଶନ କରିବାକୁ ମୁଖ୍ୟଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ ।

# କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର : ଭିତ୍ତିଭୂମି ପରଖିଲେ କାୟାକଳ୍ପ ଟିମ୍

କୃଷ୍ଣପ୍ରସାଦ,(ନିପ୍ର): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଡ଼ ମନୋରଞ୍ଜନ ହାତିଙ୍କ ନେତୃତ୍ୱରେ ଆସିଥିବା କୟାକଳ୍ପ ଦଳ ଗୁରୁବାର କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏହି ଟିମ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଭାଗ ର କୋଠରୀ ସହ ଅସ୍ତ୍ରୋପଚାର ଗୃହ, ଲେବର ରୁମ, ରୋଗୀ ଶଯ୍ୟା, ସୁରକ୍ଷା ପାଚେରୀ, ଅଳିଆ ଆବର୍ଜନା କୁଣ୍ଡ, ନିରାମୟ ଏବଂ ଡ୍ରେନେଜ ବ୍ୟବସ୍ଥା ନିରୀକ୍ଷଣ କରିଥିଲେ । ସୂଚନା ଯୋଗ୍ୟ ୨୦୧୫ରୁ ରାଜ୍ୟ ସରକାର ଭିତିଭୂମି ଏବଂ ପରିମଳ ବ୍ୟବସ୍ଥାକୁ ଅନୁଧ୍ୟାନ କରି ଡାକ୍ତରଖାନା ଗୁଡ଼ିକୁ ପୁରସ୍କାର ରାଶି ଦେବାର ବ୍ୟବସ୍ଥା କରିଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ସ୍ୱତନ୍ତ୍ର ଟିମ ସ୍ୱାସ୍ଥ୍ୟ କେନ୍ଦ୍ରର ଭିତିଭୂମିକୁ ଅନୁଧ୍ୟାନ କରି ରିପୋର୍ଟ ପ୍ରଦାନ କରୁଛନ୍ତି । କାୟାକଳ୍ପ ଟିମର ଗସ୍ତକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟ କେନ୍ଦ୍ର ପରିସର, ହର୍ବାଲ ଗାଡେନ, ରୋଗୀ ଶଯ୍ୟା, କାନ୍ଥକୁ ପରିଷ୍କାର କରାଯିବା ସହିତ ବିଭିନ୍ନ ରଙ୍ଗରେ ଚିତ୍ରିତ କରି ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରାଯାଇଥିଲା । ଟିମ ସଦସ୍ୟ ମାନେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ ବିଭାଗକୁ ଅନୁଧ୍ୟାନ କରି ଖୁସି ବ୍ୟକ୍ତ କରିବା ସହିତ ପୁରୀ ଜିଲ୍ଲାର ଅନ୍ୟାନ୍ୟ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡ଼ିକୁ ଦେଖି ସାରିବା ପରେ କେଉଁଠି ଉନ୍ନତମାନର ହେବ ବୋଲି ଟିମର ସଦସ୍ୟମାନେ ସୂଚନା ଦେଇଥିଲେ ।




ଚଳିତ ବର୍ଷ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ବିଭିନ୍ନ ବିଭାଗରେ ଉନ୍ନତ ମାନର କାର୍ଯ୍ୟ କରିବା ସହିତ ପରିବେଶକୁ ଉନ୍ନତ କରିଛନ୍ତି ବୋଲି କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡ଼ ନବ କିଶୋର କର ପ୍ରକାଶ କରିଛନ୍ତି । ଜଣାପଡିବ ବୋଲି କହିଛନ୍ତି । ସାଧାରଣତଃ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମଚାରୀ, ରୋଗୀ ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଲେ ଡାକ୍ତରଖାନା ପରିବେଶ ସ୍ୱଚ୍ଛ, ସୁନ୍ଦର ଏବଂ ସବୁଜିମାରେ ପରିଣତ

କାୟାକଳ୍ପ ଟିମ ସଦସ୍ୟ ଡ଼. ମନୋରଞ୍ଜନ ହାତି, ଜିଲ୍ଲା କୀଟ ତତ୍ତ୍ୱ ବିଶାରଦ ବିଜନ କୁମାର ପାତ୍ର,ପିଏମଆଇ ରାଜ୍ୟ ପ୍ରୋଗ୍ରାମ ଅଫିସର ରୁବି ରାଉତ,ଜିଲ୍ଲା ଆଶା ସହକାରୀ ପରିଚାଳକ ଅଶୋକ କୁମାର ସାହୁ, ରାଜ୍ୟ ମାତୃମଙ୍ଗଳ ପରିଚାଳନା ବିଭାଗର ସୌମ୍ୟଶ୍ରୀ ମହାପାତ୍ର ପ୍ରମୁଖ ପରିଦର୍ଶନ କରିଥିଲେ ।, କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ଼ ନବ କିଶୋର କର, ଡ଼ ସୁଜ୍ଞାନୀ ମହାରଣା, ଡ଼ ନିବେଦିତା ରାୟ ବକ୍ସି,ବିପିଏମ ଦେବାଶିଷ ମିଶ୍ର, ଚିକିତ୍ସାଳୟ ବିତ୍ତ ପରିଚାଳକ ସଂଜୀତ କୁମାର ସୁନ୍ଦରାୟ, ଫାର୍ମାସିଷ୍ଟ ତାପସ ବେହେରା, ଅଜୟ କୁମାର ରଣା, ଷ୍ଟାଫ ନର୍ସ ମୁକ୍ତା କିଷାନ, ବିଶ୍ୱ ଭାରତୀ ବେହେରା, ସୁଶାନ୍ତ କୁମାର ଦଳେଇ ସମେତ ଚିକିତ୍ସାଳୟର ସମସ୍ତ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ ।

## ପଞ୍ଚାୟତସ୍ତରୀୟ ଆନ୍ତଃବିଦ୍ୟାଳୟ ବାର୍ଷିକ ଖେଳ ପ୍ରତିଯୋଗିତା

ନିରାକାରପୁର,(ନିପ୍ର): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଡିଆ ଗ୍ରାମ ପାଞ୍ଚାୟତ ସ୍ଥିତ କାଶୀପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆରେ ଦୁଇ ଦିନ ବ୍ୟାପୀ ତିନୋଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉଦଘାଟନ ଦିବସରେ ପ୍ରଧାନ ଶିକ୍ଷୟତ୍ରୀ ସବିତା ରଥ ମଶାଲ ଜାଳି ଶୁଭାରମ୍ଭ କରିଥିଲେ । ଶିକ୍ଷୟତ୍ରୀ ଅନିତା ନାୟକ ଶିଶୁବାଟିକା ଓ ପ୍ରଥମ ଶ୍ରେଣୀକୁ ନେଇ ଠେକୁଆ ଦଳ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀକୁ ନେଇ ହରିଣ ଦଳ ଏବଂ ଚତୁର୍ଥ ଓ ପଞ୍ଚମ ଶ୍ରେଣୀକୁ ନେଇ ଚିତା ବାଘ ଦଳ ଗଠନ କରିଥିଲେ । ଏହି ଦଳ ମାନଙ୍କ ମଧ୍ୟରେ ୫୦ ମିଟର ଓ ୧୦୦ ମିଟର ଦୌଡ, ଅଖା ଡିଆଁ, ଆଳୁ ଚାମଚ, ମ୍ୟୁଜିକ ଚେୟାର, ଦଉଡି ଡିଆଁ, ପୁଚି ଆଦି ଖେଳ ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାର ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଡିଆ ଗ୍ରାମ ପଞ୍ଚାୟତ ସରପଞ୍ଚ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଓ ସୁଖ୍ୟାତ ମଞ୍ଚ ପରିଚାଳକ କମଳ ଲୋଚନ ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ ।

ତିଥି : (ପଞ୍ଚମୀ) : (ହସ୍ତା କନ୍ୟା)
ଅମୃତବେଳା: ଦିବା ଘ.୮ ।୦ ମଧ୍ୟେ ୮ ।୪୮ ଗତେ

## ଆଜିର ଅନୁଚିନ୍ତନ

କର୍ମଯୋଗୀ ସାଧକ ସେ ସମସ୍ତ ଇନ୍ଦ୍ରିୟଙ୍କୁ ବଶୀଭୂତ କରି ମତ୍‌ପରାୟଣ ହୋଇ ବସିବା ଉଚିତ, କାରଣ ଯାହାର ଇନ୍ଦ୍ରିୟମାନେ ବଶୀଭୂତ, ତାହାର ବୁଦ୍ଧି ସ୍ଥିର।।

- ଶ୍ରୀମଦ୍ ଭଗବଦ୍ ଗୀତା

## ରଣନୀତିକ କୌଶଳ ସାଜିପାରେ ଅସ୍ତ୍ର

ଭାରତ ରୁଷଠାରୁ ଦୈନିକ ପ୍ରାୟ ୧୫ ନିୟୁତ ବ୍ୟାରେଲ ଅଣବିଶୋଧିତ ତୈଳ ଆମଦାନି କରିଆସୁଛି। ନିକଟରେ ଟ୍ରମ୍ପ ଟ୍ରୁଥ ସୋସିଆଲରେ କହିଲେ ଯେ ଭାରତ ରୁଷ ନିକଟରୁ ତୈଳ ଆଉ କିଣିବ ନାହିଁ,ବରଂ ଏଣିକି ଆମେରିକା ଓ ଭେନେଜୁଏଲାଠାରୁ କିଣିବ। କୁଆଡେ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଥିବା ବିଷୟ ଟ୍ରମ୍ପ ଦାବି କରିଛନ୍ତି। କିନ୍ତୁ ବାସ୍ତବରେ ଭାରତ ପକ୍ଷରୁ ଏପରି କିଛି କୁହାଯାଇନାହିଁ। ଉଲ୍ଲେଖ କରାଯାଇପାରେ ଯେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତବର୍ଷ ଭାରତ ଗସ୍ତରେ ଆସିଥିବାବେଳେ ପ୍ରତିଶ୍ରୁତି ରଖିଥିଲେ ଆମେରିକାର ବର୍ଦ୍ଧିତ ଶୁଳ୍କ (ଟାରିଫ) ସତ୍ତ୍ୱେ ରୁଷ ଭାରତକୁ ତୈଳ ଯୋଗାଣ ନିରନ୍ତର ଜାରି ରଖିବ। ଏବେ ପ୍ରଶ୍ନ ଉଠୁଛି ଆମେରିକା ସହିତ ବାଣିଜ୍ୟିକ ଚୁକ୍ତି ହୋଇଥିବା ହେତୁ ଭାରତର ଶକ୍ତି ରଣନୀତି ସମ୍ପୂର୍ଣ୍ଣ ପରିବର୍ତ୍ତନ ହେବ କି ନାହିଁ ? ରୁଷ ନିଜେ କହିଛି ଭାରତଠାରୁ ଏପରି କୌଣସି ବାର୍ତ୍ତା ଏବାବଦରେ ପାଇନାହିଁ। ଏବେ ବିଶ୍ୱ ବଜାରଗୁଡ଼ିକରେ ଯେଉଁ ଅସ୍ଥିରତା ପରିଲକ୍ଷିତ ଯଦି ଏପରି ସମୟରେ ଭାରତ ରୁଷଠାରୁ ତୈଳ କ୍ରୟ ନେଇ ଓହରିଯାଏ ତେବେ, ତାହା ଅନ୍ୟାନ୍ୟ ଦେଶକୁ ମଧ୍ୟ ପ୍ରଭାବିତ କରିବାର ଅବସର ସୃଷ୍ଟି କରିବ ।

ରୁଷର ଅର୍ଥନୀତି, ଯୁଦ୍ଧ ଖର୍ଚ୍ଚ ଏବଂ ବିଶ୍ୱ ତୈଳ ବଜାରକୁ ମଧ ନିଶ୍ଚୟ ପ୍ରଭାବିତ କରିବ। ଏକ ତଥ୍ୟରୁ ପ୍ରକାଶ ଯେ ୨୦୨୪-୨୫ ମସିହାରେ, ଭାରତ ଏହାର ମୋଟ ଅଶୋଧିତ ତୈଳ ଆବଶ୍ୟକତାର ପ୍ରାୟ ୩୫ ରୁ ୪୦ ପ୍ରତିଶତ ରୁଷିଆଠାରୁ କିଣିଥିଲା। ଯଦି ଭାରତ ହଠାତ୍ ରୁଷୀୟ ତୈଳ କ୍ରୟ କରିବା ସମ୍ପୂର୍ଣ୍ଣ ବନ୍ଦ କରିଦିଏ, ତେବେ ରୁଷ ଏହାର ରାଜସ୍ୱରେ ଏକ ବଡ଼ ସିଧାସଳଖ କ୍ଷତିର ସମ୍ମୁଖୀନ ହେବ। ବାର୍ଷିକ କୋଟି କୋଟି ଡଲାର ଗୋଟିଏ ଝଟକାରେ ବିଚ୍ଛିନ୍ନ ହୋଇଯାଇପାରେ ।ଭାରତ ରୁଷଠାରୁ ଶସ୍ତା ତୈଳରୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି କେବଳ ପାଉନାହିଁ ପୁଟିନଙ୍କ ସହ ଭାରତର ସଂପର୍କ ମଧ୍ୟ ଉତ୍ତମ ରହିଛି। ଆମେରିକା ଅପେକ୍ଷା ରୁଷ ବନ୍ଧୁତା ରଣନୈତିକ ଭାଗିଦାରିତା ଦୃଷ୍ଟିରୁ ଗୁରୁତ୍ୱ ରଖେ। ଯଦି ଭାରତ ମଧ୍ୟପ୍ରାଚ୍ୟରୁ ଅଧିକ ମହଙ୍ଗା ତୈଳ କ୍ରୟ କରେ ତାହା ସିଧାସଳଖ ଦେଶର ମୁଦ୍ରାସ୍ଫୀତି, ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଏବଂ ସାଧାରଣ ଲୋକଙ୍କ ପକେଟ ଉପରେ କୁପ୍ରଭାବ ପକାଇବା ଥୟ। ଏ ପରିପେକ୍ଷୀରେ ଭାରତ ଏହାର ପୂର୍ବ ରଣନୀତି ସ୍ୱରୂପ ସଂଯମତା ନିଶ୍ଚୟ ଆଚରଣ କରିବ। ଯାହା ସ୍ଥିତି ପରିଲକ୍ଷିତ ହେଉଛି ଗୋଟିଏ ପଟେ ରୁଷ-ୟୁକ୍ରେନ ଯୁଦ୍ଧର ଅନ୍ତକୁ ଆଳ କରି ଆମେରିକା ଏକ ଧମକପୂର୍ଣ୍ଣ ବାଣିଜ୍ୟିକ ବାତାବରଣ ସୃଷ୍ଟି କରିବାକୁ ଯାଉଛି। ଏପରି ଦାଦାଗିରି ନେଇ ଭାରତ ସିଧାସଳଖ ଆକ୍ଷେପ ନ କଲେ ବି ମୌନତା ତଥା ସନ୍ତୁଳନତା ଏଭଳି ରଖିପାରେ ଅବା ପ୍ରତିନିଧିଙ୍କ ଜରିଆରେ ଭିନ୍ନ ବୟାନ ଜରିଆରେ ସ୍ପଷ୍ଟ କରିପାରେ ଯାହାଦ୍ୱାରା ଆମେରିକା ନିଜ ପ୍ରତିପତ୍ତି ବୃଦ୍ଧି କରିବା ପାଇଁ ବହୁବାର ଚିନ୍ତା ହିଁ କରିବ ବା ମୁଣ୍ଡ ନୁଆଇବ। ଏବେ ଏପରି ବାତାବରଣ ହିଁ ସୃଷ୍ଟି ହୋଇସାରିଛି।

## ଶାସନ ଯଦି ସଚେତନତା ଛାଡ଼ି ଦଣ୍ଡକୁ ବାଛେ—ଲୋକତନ୍ତ୍ର କାହା ପାଇଁ ?

### ସୌମ୍ୟ ରଞ୍ଜନ ଦାଶ

> ସୁଶାସନର ପ୍ରକୃତ ସଂଜ୍ଞା ହେଉଛି—ସହଯୋଗ, ସଂବେଦନଶୀଳତା ଏବଂ ସଚେତନତା। ଆଇନ ଲୋକଙ୍କ ପାଇଁ ତିଆରି ହୋଇଛି, ଲୋକମାନେ ଆଇନ ପାଇଁ ନୁହନ୍ତି। ଯଦି ସରକାର ପ୍ରକୃତରେ ଶୃଙ୍ଖଳା ଚାହୁଁଛନ୍ତି, ତେବେ ସେଥିପାଇଁ ପ୍ରଥମେ ସୁବିଧା ଓ ସଚେତନତାକୁ ପ୍ରାଥମିକତା ଦେବାକୁ ହେବ। ବିଭିନ୍ନ ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ ଓ ସାମାଜିକ ସଂଗଠନ ଜରିଆରେ ଲୋକଙ୍କୁ ନିୟମ ବିଷୟରେ ଅବଗତ କରାଇବା ଏବଂ ନିୟମ ମାନିବା ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଦଣ୍ଡ ସବୁବେଳେ ଶେଷ ପଦକ୍ଷେପ ହେବା ଉଚିତ୍, ପ୍ରଥମ ନୁହେଁ।

ରାଜ୍ୟ ଶାସନ ଏବଂ ପ୍ରଶାସନର ମୂଳ ଲକ୍ଷ୍ୟ ହେଉଛି ଜନକଲ୍ୟାଣ। କିନ୍ତୁ ଯେତେବେଳେ ଶାସନ ବ୍ୟବସ୍ଥା ନାଗରିକଙ୍କୁ ସଚେତନ କରିବାର ଗଣତାନ୍ତ୍ରିକ ମାର୍ଗ ପରିହାର କରି କେବଳ ଦଣ୍ଡ, ଜରିମାନା ଓ ଆର୍ଥିକ ଫାଇନକୁ ମୁଖ୍ୟ ଅସ୍ତ୍ର ଭାବେ ଗ୍ରହଣ କରେ, ସେତେବେଳେ ଏହା ସୁଶାସନର ପରିଚୟ ନା ଆର୍ଥିକ ଆଦାୟର ଏକ ସହଜ ପଥ, ସେ ନେଇ ଗୁରୁତର ପ୍ରଶ୍ନବାଚୀ ସୃଷ୍ଟି ହୁଏ।

ଓଡ଼ିଶାରେ ଗତ କିଛି ବର୍ଷ ଧରି ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ମାତ୍ରାଧିକ ଜରିମାନା, ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନାମରେ ଗାଡ଼ି ମାଲିକଙ୍କୁ ହଇରାଣ କରିବା ଏବଂ କ୍ଷୁଦ୍ର ବୈଷୟିକ ତ୍ରୁଟି ପାଇଁ କଠୋର ଦଣ୍ଡବିଧାନ ଏକ ଦମନମୂଳକ ପରିବେଶ ସୃଷ୍ଟି କରିଛି। ଏଠାରେ ଆଇନର ଉଦ୍ଦେଶ୍ୟ ସାମାଜିକ ସୁଧାର ଆଣିବା ପରିବର୍ତ୍ତେ ନାଗରିକଙ୍କ ମନରେ ଭୟ ସୃଷ୍ଟି କରି ସେମାନଙ୍କୁ ନିୟନ୍ତ୍ରଣ କରିବା ଭଳି ପ୍ରତୀତ ହେଉଛି। ଆଇନର ଭୟ ରହିବା ଆବଶ୍ୟକ, କିନ୍ତୁ ଯେତେବେଳେ ସେହି ଭୟ ସାଧାରଣ ଜୀବନଧାରଣରେ ବାଧା ସୃଷ୍ଟି କରେ, ସେତେବେଳେ ଲୋକତନ୍ତ୍ରର ମୌଳିକ ଅଭିପ୍ରାୟ କ୍ଷୁଣ୍ଣ ହୁଏ।

ଭାରତୀୟ ସଂବିଧାନର ଆତ୍ମା କେବଳ ଶାସନକର୍ତ୍ତାଙ୍କୁ ଶକ୍ତି ପ୍ରଦାନ କରେ ନାହିଁ, ବରଂ ସେମାନଙ୍କୁ ଜନସାଧାରଣଙ୍କ ନିକଟରେ ଦାୟିତ୍ୱବାନ୍ ମଧ କରାଏ। ସଂବିଧାନର ଅନୁଚ୍ଛେଦ ୧୪ ଆଇନ ଆଗରେ ସମସ୍ତଙ୍କ ସମାନତା କଥା କହୁଥିବା ବେଳେ ଅନୁଚ୍ଛେଦ ୧୯ ନାଗରିକଙ୍କ ଦୈନନ୍ଦିନ ଚଳାଚଳ, ବ୍ୟକ୍ତିଗତ ସ୍ୱାଧୀନତା ଓ ବ୍ୟବସାୟ କରିବାର ଅଧିକାରକୁ ସୁରକ୍ଷା ଦିଏ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଅନୁଚ୍ଛେଦ ୨୧, ଯାହା ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ପ୍ରଦାନ କରିଥାଏ। ଯେତେବେଳେ ଜଣେ ସାଧାରଣ ନାଗରିକ ରାସ୍ତାକୁ ବାହାରିଲା ବେଳେ ସୁରକ୍ଷା ଅପେକ୍ଷା ଜରିମାନାର ଭୟରେ ଅଧିକ ସନ୍ତୁଳିତ ହୁଏ, ସେତେବେଳେ ତା'ର ସାଂବିଧାନିକ ମର୍ଯ୍ୟାଦା ଆଘାତପ୍ରାପ୍ତ ହୁଏ। ଏକ କଲ୍ୟାଣକାରୀ ରାଷ୍ଟ୍ରରେ ଜରିମାନାର ପରିମାଣ ବ୍ୟକ୍ତିର ଆୟ ଓ ସାମାଜିକ ସ୍ଥିତି ସହ ସାମଞ୍ଜସ୍ୟ ରହିବା ଉଚିତ୍, କିନ୍ତୁ ବର୍ତ୍ତମାନର ବ୍ୟବସ୍ଥା ଅନେକ ସମୟରେ ଏହାକୁ ଅଣଦେଖା କରୁଥିବା ପରି ମନେହୁଏ।

ପ୍ରଶ୍ନ ଉଠୁଛି, ଜନସାଧାରଣଙ୍କ ବ୍ୟାପକ ବିରୋଧ ସତ୍ତ୍ୱେ ସରକାର କାହିଁକି ବାରମ୍ବାର ଦଣ୍ଡବିଧାନକୁ ହିଁ ଶ୍ରେଷ୍ଠ ବିକଳ୍ପ ଭାବେ ଗ୍ରହଣ କରୁଛନ୍ତି ? ଏହାର ଅନ୍ୟତମ ପ୍ରମୁଖ କାରଣ ହେଉଛି ଜରିମାନା ମାଧ୍ୟମରେ ସହଜରେ ରାଜସ୍ୱ ଆଦାୟ କରିବା। ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ କର ଆଦାୟ ପାଇଁ ଯେଉଁ ଦୀର୍ଘ ପ୍ରକ୍ରିୟା, ସ୍ୱଚ୍ଛ ନୀତି ଏବଂ ପ୍ରଶାସନିକ ଦକ୍ଷତା ଦରକାର, ଜରିମାନା ଆଦାୟ କ୍ଷେତ୍ରରେ ସେତିକି ପରିଶ୍ରମ କରିବାକୁ ପଡ଼େ ନାହିଁ। ରାଜ୍ୟର ଆର୍ଥିକ ସ୍ଥିତିରେ ସନ୍ତୁଳନ ରକ୍ଷା ପାଇଁ ସାଧାରଣ ଜନତାଙ୍କ ପକେଟ୍ ଉପରେ ଏହିପରି ଆର୍ଥିକ ବୋଝ ଲଦିଦେବା ଶାସନ ପାଇଁ ଏକ ସହଜ ମାର୍ଗ ପାଲଟିଛି। ଏହା କୌଣସି ବିବେକବାନ୍ ଶାସନ ବ୍ୟବସ୍ଥାର ଲକ୍ଷଣ ନୁହେଁ।

ଦ୍ୱିତୀୟରେ, କଠୋର ଦଣ୍ଡବିଧାନ ଅନେକ ସମୟରେ ପ୍ରଶାସନିକ ଅସଫଳତାକୁ ଢାଙ୍କିବାର ଏକ କବଚ ସଦୃଶ କାମ କରେ। ଯେଉଁଠାରେ ରାସ୍ତାର ଅବସ୍ଥା ଶୋଚନୀୟ, ଟ୍ରାଫିକ୍ ସିଗନାଲ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ଏବଂ ପର୍ଯ୍ୟାପ୍ତ ପରିମାଣର ପାର୍କିଂ ସ୍ଥଳ ନାହିଁ, ସେଠାରେ ଲୋକଙ୍କୁ ନିୟମ ଶିଖାଇବା ହାସ୍ୟାସ୍ପଦ। ପ୍ରଶାସନ ନିଜର ଦାୟିତ୍ୱ ତୁଲାଇବାରେ ବିଫଳ ହୋଇ ସମସ୍ତ ଦୋଷ ନାଗରିକଙ୍କ ମୁଣ୍ଡରେ ଲଦିଦେବା ଏବଂ ସେମାନଙ୍କୁ ଦୋଷୀ ସଜାଇ ଜରିମାନା ଆଦାୟ କରିବା ଏକ ଅଗଣତାନ୍ତ୍ରିକ ପ୍ରକ୍ରିୟା। ଆଇନ ଏଠାରେ ସୁଧାରର ଉପକରଣ ନୁହେଁ, ବରଂ ନିଜର ବିଫଳତାକୁ ଲୁଚାଇବାର ଏକ ଆବରଣ ହୋଇ ରହିଯାଉଛି। ଏକ ଆଦର୍ଶ ବ୍ୟବସ୍ଥାରେ ପରିକଳ୍ପନା କରାଯାଏ ଯେ ସରକାର ପ୍ରଥମେ ଭିତ୍ତିଭୂମି ଯୋଗାଇଦେବେ ଏବଂ ପରେ ନିୟମ ପାଳନ ପାଇଁ ନିର୍ଦ୍ଦେଶ ଦେବେ।

ତୃତୀୟ କାରଣଟି ହେଉଛି ଶାସନର ଏକ 'ନିୟନ୍ତ୍ରଣବାଦୀ ମାନସିକତା'। ଜଣେ ସଚେତନ ଓ ପ୍ରଶ୍ନ ପଚାରୁଥିବା ନାଗରିକ ଅପେକ୍ଷା ଜଣେ ଭୟଭୀତ ନାଗରିକକୁ ନିୟନ୍ତ୍ରଣ କରିବା ପ୍ରଶାସନ ପାଇଁ ସବୁବେଳେ ସହଜ ହୋଇଥାଏ। ଯେଉଁ ସମାଜରେ ଲୋକେ ଆଇନର ଗୋଲାମ ହୋଇ ରହନ୍ତି, ସେଠାରେ ସରକାରୀ ନୀତିର ଦୋଷ ଦୁର୍ବଳତା ଉପରେ ପ୍ରଶ୍ନ ଉଠିବାର ସମ୍ଭାବନା କମିଯାଏ। ଜରିମାନା କେବଳ ଟଙ୍କା ନୁହେଁ, ଏହା ଏକ ପ୍ରକାର ମାନସିକ ଚାପ ଯାହା ସାଧାରଣ ମଣିଷକୁ ସ୍ୱର ଉତ୍ତୋଳନ କରିବାରୁ ବିରତ ରଖେ। କିନ୍ତୁ ଏହି ଭୟ ଉପରେ ଆଧାରିତ ଶାସନ କେବେ ବି ସ୍ଥାୟୀ ବା ସୁଦୃଢ଼ ହୋଇନଥାଏ।

ଆଇନଗତ ଦୃଷ୍ଟିକୋଣରୁ ବିଚାର କଲେ, ମାନ୍ୟବର ସୁପ୍ରିମ୍ କୋର୍ଟ ବିଭିନ୍ନ ସମୟରେ କହିଛନ୍ତି ଯେ ଦଣ୍ଡ ଓ ଜରିମାନା ସବୁବେଳେ 'ଯୁକ୍ତିଯୁକ୍ତ' ହେବା ଆବଶ୍ୟକ। ଅର୍ଥାତ୍ ଅପରାଧ ବା ଭୁଲର ଗୁରୁତ୍ୱ ଅନୁସାରେ ହିଁ ଦଣ୍ଡ ବିଧାନ କରାଯିବା ଉଚିତ୍। ଜଣେ ସାଧାରଣ ଶ୍ରମିକ କିମ୍ବା ମଧ୍ୟବିତ୍ତ ବ୍ୟକ୍ତି ଯାହାର ମାସିକ ଆୟ ସୀମିତ, ତାଙ୍କ ଉପରେ ହଜାର ହଜାର ଟଙ୍କାର ଜରିମାନା ଲଦିଦେବା ତାଙ୍କର ମୌଳିକ ଜୀବନଧାରଣର ଅଧିକାରକୁ କ୍ଷୁଣ୍ଣ କରେ। ଏହି ଆର୍ଥିକ ବୋଝ ତାଙ୍କ ପରିବାରର ଖାଦ୍ୟ, ଶିକ୍ଷା ଓ ସ୍ୱାସ୍ଥ୍ୟ ବଜେଟକୁ ବିଗାଡ଼ି ଦିଏ। ଯଦି ଆଇନ ମଣିଷକୁ ଅସହାୟ କରିଦିଏ, ତେବେ ସେ ଆଇନର ପ୍ରାସଙ୍ଗିକତା କେଉଁଠି ?

ଏଠାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଶାସନର ଦୁଇମୁଖୀ ନୀତି। ଯଦି ଦଣ୍ଡ ହିଁ ସମାଧାନର ଏକମାତ୍ର ପନ୍ଥା, ତେବେ ବଡ଼ ବଡ଼ ପ୍ରଦୂଷଣକାରୀ ଶିଳ୍ପ ସଂସ୍ଥା, ବେଆଇନ ଖଣି ଖାଦାନ ଏବଂ ପରିବେଶ ନଷ୍ଟ କରୁଥିବା ମେଗା ପ୍ରୋଜେକ୍ଟଗୁଡ଼ିକ ଉପରେ ସେହି ସମାନ କଠୋରତା କାହିଁକି ପ୍ରଦର୍ଶିତ ହୁଏ ନାହିଁ? ଜଣେ ସାଧାରଣ ବାଇକ୍ ଚାଳକର ପିୟୁସି ନଥିଲେ ତାଙ୍କୁ ମୋଟା ଅଙ୍କର ଜରିମାନା ଦେବାକୁ ପଡୁଥିବା ବେଳେ, ନଦୀ ଓ ବାୟୁକୁ ବିଷାକ୍ତ କରୁଥିବା କାରଖାନାଗୁଡ଼ିକ ପ୍ରତି ନରମ ଆଭିମୁଖ୍ୟ ପୋଷଣ କରାଯାଏ। ଶାସନର ଏହି ପାତରଅନ୍ତର ନୀତି ସାଧାରଣ ଜନତାଙ୍କ ମନରେ ବ୍ୟବସ୍ଥା ପ୍ରତି ବିତୃଷ୍ଣା ଓ ଅବିଶ୍ୱାସ ଜନ୍ମାଏ।

ସୁଶାସନର ପ୍ରକୃତ ସଂଜ୍ଞା ହେଉଛି—ସହଯୋଗ, ସଂବେଦନଶୀଳତା ଏବଂ ସଚେତନତା। ଆଇନ ଲୋକଙ୍କ ପାଇଁ ତିଆରି ହୋଇଛି, ଲୋକମାନେ ଆଇନ ପାଇଁ ନୁହନ୍ତି। ଯଦି ସରକାର ପ୍ରକୃତରେ ଶୃଙ୍ଖଳା ଚାହୁଁଛନ୍ତି, ତେବେ ସେଥିପାଇଁ ପ୍ରଥମେ ସୁବିଧା ଓ ସଚେତନତାକୁ ପ୍ରାଥମିକତା ଦେବାକୁ ହେବ। ବିଭିନ୍ନ ଗଣମାଧ୍ୟମ, ଶିକ୍ଷାନୁଷ୍ଠାନ ଓ ସାମାଜିକ ସଂଗଠନ ଜରିଆରେ ଲୋକଙ୍କୁ ନିୟମ ବିଷୟରେ ଅବଗତ କରାଇବା ଏବଂ ନିୟମ ମାନିବା ପାଇଁ ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ସରକାରଙ୍କ ପ୍ରାଥମିକ ଦାୟିତ୍ୱ। ଦଣ୍ଡ ସବୁବେଳେ ଶେଷ ପଦକ୍ଷେପ ହେବା ଉଚିତ୍, ପ୍ରଥମ ନୁହେଁ।

ଶେଷରେ, ବିତର୍କ କେବଳ ଜରିମାନାର ପରିମାଣକୁ ନେଇ ନୁହେଁ, ବରଂ ଆଇନର ପ୍ରୟୋଗ ଶୈଳୀକୁ ନେଇ। ଯଦି ଆଇନ ଲୋକଙ୍କୁ ସଂସ୍କାରିତ କରିବା ପାଇଁ ଉଦ୍ଦିଷ୍ଟ, ତେବେ ପ୍ରଶାସନର ଆଭିମୁଖ୍ୟ ମାର୍ଜିତ ହେବା ଆବଶ୍ୟକ। କିନ୍ତୁ ଯଦି ଆଇନକୁ କେବଳ ଭୟ ଦେଖାଇବା ଏବଂ ଆର୍ଥିକ ଶୋଷଣ କରିବାର ମାଧ୍ୟମ କରାଯାଏ, ତେବେ ତାହା ଲୋକତନ୍ତ୍ରର ମୂଳଦୁଆକୁ ଦୁର୍ବଳ କରିଦିଏ। ଓଡ଼ିଶାର ଶାସନ ବ୍ୟବସ୍ଥାକୁ ଏବେ ଆତ୍ମସମୀକ୍ଷା କରିବାର ସମୟ ଆସିଛି। ଶାସନ ନାଗରିକଙ୍କ ସହ ରହିବ ନା ଜରିମାନା ଆଦାୟ କରୁଥିବା ଏକ ନିର୍ଦ୍ଦୟ ଯନ୍ତ୍ର ପାଲଟିବ, ତାହା ହିଁ ଆଗାମୀ ଦିନର ବଡ଼ ପ୍ରଶ୍ନ। ନାଗରିକଙ୍କ ଆସ୍ଥା ହିଁ ଶାସନର ପ୍ରକୃତ ଶକ୍ତି, ଜରିମାନା ଆଦାୟର ପରିମାଣ ନୁହେଁ।

ଅଧ୍ୟାପକ
ବିରଜା ଆଇନ ମହାବିଦ୍ୟାଳୟ
ଯାଜପୁର
ମୋ -୮୮୯୫୯୫୨୩୧୫

## ସାମୁଦ୍ରିକ ପରିବହନ ମାର୍ଗ

### ବିଷ୍ଣୁ ପ୍ରସାଦ ଦାସ

ଦକ୍ଷିଣରେ ଏହାର ପ୍ରସ୍ଥ ମାତ୍ର ୬୫ କିଲୋମିଟର ଯାହା ଉତ୍ତର ଆଡକୁ ସୁମାତ୍ରାର ୱି ଦ୍ୱୀପ ଏବଂ ମୁଖ୍ୟ ଭୂମିରେ କ୍ରାର ମଧ୍ୟରେ ପ୍ରାୟ ୨୫୦ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ହୋଇଛି । ଏହି ପ୍ରଣାଳୀର ନାମ ମଲାକା ( ମାଲାକ୍କା) ବାଣିଜ୍ୟ ବନ୍ଦରରୁ ଆସିଛି । ଯାହା ୧୬ ଶ ଏବଂ ୧୭ ଶ ଶତାବ୍ଦୀରେ ଗୁରୁତ୍ୱପୂର୍ଣ୍ଣ ଥିଲା ।

୧୦.ଇଂଲିଶ୍ ଚ୍ୟାନେଲ୍ -- ଇଂଲିଶ୍ ଚ୍ୟାନେଲ୍, ଆଟଲାଣ୍ଟିକ୍ ମହା ସାଗରର ସଂକୀର୍ଣ୍ଣ ଜଳପଥ ଯାହା ଇଂଲଣ୍ଡର ଦକ୍ଷିଣ ଉପକୂଳକୁ ଫ୍ରାନ୍ସର ଉତ୍ତର ଉପକୂଳରୁ ପୃଥକ କରେ ଏବଂ ପୂର୍ବ ଦିଗରେ ଡୋଭର ପ୍ରଣାଳୀ (ଫରାସୀ: ପାସ୍ ଡି କାଲାଇସ୍) ଠାରେ ଉତ୍ତର ସାଗର ସହିତ ସଂଯୋଗ ସ୍ଥଳକୁ ସଙ୍କୁଚିତ କରିଛି । ପ୍ରାୟ ୭୫୦୦୦ ବର୍ଗ କିଲୋମିଟର କ୍ଷେତ୍ରଫଳ ସହିତ, ଏହା ୟୁରୋପର ମହାଦେଶୀୟ ଅଗଭୀର ସମୁଦ୍ର ମଧ୍ୟରୁ ସବୁଠାରୁ ଛୋଟ ଜଳପଥ ଭାବରେ ଚିହ୍ନିତ ହୋଇଛି । ଉତ୍ତର ଆଟଲାଣ୍ଟିକ୍ ମହାସାଗରରେ ସିଲି ଦ୍ୱୀପପୁଞ୍ଜ ଏବଂ ଉଶାନ୍ତ ଦ୍ୱୀପପୁଞ୍ଜ ମଧ୍ୟରେ ଏକ ରେଖା ଦ୍ୱାରା ଚିହ୍ନିତ ଏକ କାଳ୍ପନିକ



ସୀମା - ଏହାର ପ୍ରସ୍ଥ ୧୮୦ କିଲୋମିଟରରୁ ସର୍ବନିମ୍ନ ୩୫ କିଲୋ ମିଟରକୁ ସଙ୍କୁଚିତ ହୋଇଥିବାର ଦେଖାଯାଏ । ଏହାର ହାରାହାରି ଗଭୀରତା ୪୫ ରୁ ୧୨୦ ମିଟର ମଧ୍ୟରେ ଥାଏ । ଫଳରେ ମଧ୍ୟମ ତଥା ବଡ଼ ବଡ଼ ଜାହାଜ ଗୁଡିକ ଚଳାଚଳ ନିମନ୍ତେ କୌଣସି ବାଧା ଉପୁଜେ ନାହିଁ ।

ଆମେ ବର୍ତ୍ତମାନ ତୃତୀୟ ବିଶ୍ୱ ଯୁଦ୍ଧ ଦେଖିବା ଅପେକ୍ଷାରେ ଥିବା ପରି ମନେ ହୁଏ । ବିଶ୍ୱ ଶାନ୍ତି ପରିବର୍ତ୍ତେ ବିଶ୍ୱରେ ଅରାଜକତା ଅନେକାଂଶରେ ବଢି ଯାଇଛି, ଆଣବିକ ଶକ୍ତିରେ ବଳିୟାନ୍ ଦେଶଗୁଡିକ ମଧ୍ୟରେ ବୁଝାମଣାର ଘୋର ଅଭାବ ଦୃଷ୍ଟିଗୋଚର ହୁଏ । ଅନେକ ଦେଶ ଧର୍ମକୁ ଦ୍ୱାହି ଦେଇ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଜୋର ଯାହାର ମୁଲକ୍ ତାହାର ନୀତିରେ ବିଶ୍ୱ ରାଜନୀତି ଚାଲିଛି । ବୋଧ ହୁଏ ମିଳିତ ଜାତିସଙ୍ଘ ସ୍ଥାଣୁ ପାଲଟି ଯାଇଛି । ଯୁକ୍ତରାଷ୍ଟ୍ର ଆମେରିକା ଭେନେଜୁଏଲାର ଶାସନ ବ୍ୟବସ୍ଥାକୁ ଅକ୍ତିଆର କରିସାରିଛି । ଗ୍ରୀନ୍ ଲ୍ୟାଣ୍ଡ ଦଖଲ ପରିକଳ୍ପନା ସହିତ ଇରାନ୍ ଉପରେ ଆକ୍ରମଣ କ'ଣ ମିଳିତ ଜାତିସଙ୍ଘ ନଜରକୁ ଆସୁନାହିଁ ? ଅନ୍ୟାୟ ଭାବେ ବିଭିନ୍ନ ଦେଶ ଉପରେ ବାଣିଜ୍ୟିକ କଟକଣା /ଅତ୍ୟଧିକ ଆମଦାନୀ ଶୁଳ୍କ ଲାଗୁ କ'ଣ ନ୍ୟାୟ ସଂଗତ ନା ଦାଦାଗିରି ? ଅନ୍ୟ ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ଅଯଥା ହସ୍ତକ୍ଷେପ କେତେ ଯୁକ୍ତିଯୁକ୍ତ ? ୟୁକ୍ରେନ ଋଷିଆ ଯୁଦ୍ଧ କେବେ ସରିବ ? ଚୀନ୍‌ର ତାଇୱାନ୍ ତଥା ଅନ୍ୟ ଦେଶ ଉପରେ ବିସ୍ତାରବାଦ ନୀତି, ଏପରିକି ଭାରତର ଅରୁଣାଚଳ ପ୍ରଦେଶକୁ ଦଖଲ କରିବାକୁ ଚେଷ୍ଟା କରୁଛି । ବର୍ତ୍ତମାନ ଏହିସବୁ ବିଷୟକୁ ବିଚାର କରାଯାଇ ବିଶ୍ୱ ବାଣିଜ୍ୟ କାରବାର ପାଇଁ ବ୍ୟବହୃତ ହେଉଥିବା ଜଳପଥ ଆକାଶ ପଥ ତଥା ସ୍ଥଳ ପଥକୁ ନିଜ ଦେଶର ସ୍ୱାର୍ଥ ପାଇଁ ସୁରକ୍ଷା ଦେବା ଛଡା ଅନ୍ୟ କୌଣସି ବିକଳ୍ପ ନାହିଁ । ଆନ୍ତର୍ଜାତିକ ପରିବହନ ନିୟମ କାନୁନକୁ କେହି ଖାତିର କରୁନାହାନ୍ତି । ଏହାର ଶେଷ କେବେ ହେବ ? ମାନବିକତାର ଜୟ କେବେ ହେବ ତାହା ସ୍ୱୟଂ ଭଗବାନ ଜାଣନ୍ତି । (ଶେଷ ଭାଗ)

କଟକ -୭୫୩୦୦୯
ମୋ: ୯୯୩୭୧୭୪୦୯୭

## ଭାରତ – ଇୟୁ ଆର୍ଥିକ ବୁଝାମଣା ଓ ଭବିଷ୍ୟତର ରାସ୍ତା

### ଡ. ସମନ୍ୱୟ ନନ୍ଦ

> ରୁଷ- ୟୁକ୍ରେନ ଯୁଦ୍ଧ କାରଣରୁ ୟୁରୋପୀୟ ସଂଘର ଉର୍ଜା ସୁରକ୍ଷା ଓ ରଣନୈତିକ ସ୍ୱାୟତତାକୁ ନେଇ ମଧ ବଡ ପ୍ରଶ୍ନ ଠିଆହୋଇଛି । ଏଭଳି ପରିସ୍ଥିତିରେ ଭାରତ ଏକ ବଡ ବଜାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଉଦୀୟମାନ ଆର୍ଥିକ ଶକ୍ତି ଭାବେ ପରିଗଣିତ ହେଉଥିବା କାରଣରୁ ଇୟୁ ପାଇଁ ଏକ ସ୍ୱାଭାବିକ ବିକଳ୍ପ ଥିଲା । ଅପର ପକ୍ଷରେ ଭାରତ ମଧ ନିଜର ମଲ୍ଟି ଆଲାଇନମେଂଟ ନୀତି ଆପଣାଉଛି । ଏହି ନୀତି ଅନୁଯାୟୀ ଭାରତ କୌଣସି ଗୋଟିଏ ଶକ୍ତି ସହ ବାନ୍ଧି ନ ହୋଇ ସମସ୍ତଙ୍କ ସହ ମଜବୁତ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛି ।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଆର୍ଥିକ ବିଷୟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ସମ୍ପନ୍ନ ହୋଇଛି । ଏହାକୁ ମଦର ଅଫ ଅଲ ଡିଲ୍ସ ବୋଲି କୁହାଯାଉଛି । ଏହି ବାଣିଜ୍ୟ ଓ ପୁଂଜିବିନିଯୋଗ ବୁଝାମଣା ଏଭଳି ସମୟରେ ଆସିଛି ଯେତେବେଳେ ବୈଶ୍ୱିକ ବ୍ୟବସ୍ଥାରେ ଅସ୍ଥିରତା, ଭୂ ରାଜନୀତିରେ ଧ୍ରୁବୀକରଣ ଓ ଆର୍ଥିକ ଅନିଶ୍ଚିତତା ଦେଖିବାକୁ ମିଳୁଛି । ଏହି ବୁଝାମଣା ଦ୍ୱାରା ଭାରତ ଓ ୟୁରୋପୀୟ ସଂଘ ଉଭୟଙ୍କୁ ଲାଭ ହେବ ଅନିଶ୍ଚିତତା ମଧ୍ୟରେ ଗତି କରୁଥିବା ବିଶ୍ୱର କିଛି ମାତ୍ରାରେ ନିଶ୍ଚିତତା ଦେଖିବାକୁ ମିଳିବାର ସମ୍ଭାବନା ରହିଛି ।

ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା ନେଇ ପ୍ରୟାସ କିଛି ନୂଆ ନୁହେଁ । ୨୦୦୭ ମସିହାରେ ଭାରତ ଓ ୟୁରୋପୀୟ ସଂଘ ମଧ୍ୟରେ ଏଭଳି ବୁଝାମଣା କରିବାକୁ ନେଇ ପ୍ରୟାସ କରାଯାଇଥିଲା । ଉଭୟଙ୍କ ମଧ୍ୟରେ ବାଣିଜ୍ୟ ଓ ପୁଂଜି ବିନିଯୋଗକୁ ନେଇ ବିଭିନ୍ନ ପର୍ଯ୍ୟାୟରେ କଥାବାର୍ତ୍ତା ଚାଲିଥିଲା । ହେଲେ ସେତେବେଳେ ଉଭୟ ପକ୍ଷଙ୍କ ପ୍ରାଥମିକତାରେ ଗଭୀର ପ୍ରଭେଦ ଥିଲା । ତେଣୁ ଏହି କଥାବାର୍ତ୍ତା ୨୦୧୩ ମସିହା ବେଳକୁ ବିଫଳ ହୋଇ ଯାଇଥିଲା ଓ ଏହା ହୋଇ ପାରି ନ ଥିଲା।

ମୁଖ୍ୟ ରୂପେ ସେତେବେଳେ ୟୁରୋପୀୟ ସଂଘର ଦେଶମାନେ ସେମାନଙ୍କର ଉତ୍ପାଦ ଭାରତୀୟ ବଜାରରେ ସୁବିଧାରେ ପହଂଚାଇବା ପାଇଁ ବିଭିନ୍ନ ତର୍କ ରଖିଥିଲେ । ଭାରତ ମଧ ସେତେବେଳେ ତାର ଶ୍ରମ ଶକ୍ତିର ବ୍ୟବହାର କିଭଳି ୟୁରୋପୀୟ ଦେଶ ମାନଙ୍କରେ କିଭଳି କରାଯାଇ ପାରିବ ସେ ନେଇ ଦାବି ରଖିଥିଲା। ଆହୁରି ଅନେକ ବିଷୟ ମଧ ଥିଲା । ହେଲେ ପ୍ରାଥମିକତାରେ ପାର୍ଥକ୍ୟ କାରଣରୁ ସେତେବେଳର କଥାବାର୍ତ୍ତା ବିଫଳ



ହୋଇଥିଲା।

ଏବେ ୨୦୨୨ ମସିହାରେ ଏହି ପ୍ରକ୍ରିୟା ପୁଣିଥରେ ଆରମ୍ଭ ହୋଇଥିଲା ତେବେ ଚଳିତ ଥର କଥାବାର୍ତ୍ତା ଆରମ୍ଭ ହେଲା ବେଳେ ପରିସ୍ଥିତି ବଦଳି ସାରିଥିଲା । ଏଥର ଏହି ଆଲୋଚନା ବେଳେ କେବଳ ଆର୍ଥିକ ବିଷୟରେ ନିଜର ତର୍କ ନ ଥିଲା ବରଂ ପରିବର୍ତ୍ତିତ ବୈଶ୍ୱିକ ରାଜନୀତିର ବାଧ୍ୟବାଧକତା ମଧ ଥିଲା ।

ଏଠାରେ ଉଲ୍ଲେଖ କରିବା ଉଚିତ ହେବ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି କାର୍ଯ୍ୟକାଳ ଆରମ୍ଭ ହେବା ପରେ ସାରା ବିଶ୍ୱରେ ଏକ ଭିନ୍ନ ପ୍ରକାରର ପରିସ୍ଥିତି ଉତ୍ପନ୍ନ ହୋଇଛି । ଅନେକ ଦେଶ ମାନଙ୍କ ମଧ୍ୟରେ ଏହି ଭାବନା ଦେଖିବାକୁ ମିଳିଛି ଯେ କ'ଣ ଆମେରିକାକୁ ବିଶ୍ୱାସ କରାଯାଇ ନ ପାରେ । ଏହି ଭାବନାରେ ଆମେରିକାର ସହଯୋଗୀ ବୋଲି ଧରା ଯାଇଆସୁଥିବା ୟୁରୋପୀୟ ଦେଶମାନେ ମଧ ଅଛନ୍ତି । ଉଦାହରଣ ସ୍ୱରୂପ ଗ୍ରୀନଲ୍ୟାଣ୍ଡ ପ୍ରସଙ୍ଗକୁ ନିଆଯାଇ ପାରେ । ଟ୍ରମ୍ପଙ୍କ ଏତାଦୃଶ ବ୍ୟବହାର କାରଣରୁ ୟୁରୋପୀୟ ୟୁନିୟନର ବିଭିନ୍ନ ଦେଶମାନଙ୍କ ମନରେ ଅବିଶ୍ୱାସର ବାତାବରଣ ତିଆରି ହୋଇଛି । ସେମାନେ ବୁଝି ପାରୁଛନ୍ତି ଯେ ଯଦି ଏଭଳି ପରିସ୍ଥିତିରୁ ନିଜକୁ ସେମାନେ ବାହାର ନ କରିବେ ତେବେ ଆଗାମୀ ଦିନରେ ତାଙ୍କର ସ୍ଥିତି ଖରାପ ହୋଇ ପାରେ । ଆମେରିକା ସାରା ବିଶ୍ୱରେ ଟାରିଫ ନାମରେ ବୈଶ୍ୱିକ ସ୍ତରରେ ଏକ ପ୍ରକାର ବିଶୃଙ୍ଖଳା କରୁଥିବା ଦେଖିବାକୁ ମିଳୁଛି । ତେଣୁ ଏହାର ପ୍ରତିକାର ସ୍ୱରୂପ ବିଶ୍ୱରେ ରି-ଆଲାଇନମେଂଟ ହେବା ସ୍ୱାଭବିକ ଥିଲା । ତେଣୁ ଭାରତ – ଇୟୁ ମଧ୍ୟରେ ହୋଇଥିବା ଏହି ଚୁକ୍ତି ଏହି ରିଆଲାଇନମେଂଟର ଆରମ୍ଭ ମାତ୍ର । ରିଆଲାଇନମେଂଟ ସମ୍ପୂର୍ଣ୍ଣ ହୋଇଗଲା ବୋଲି କହିବା ଅତିଶୟୋକ୍ତି ହେବ । ତେବେ ଏହା ଆରମ୍ଭ ହୋଇଯାଇଛି ବୋଲି ଆମେ କହି ପାରିବା ।

ଅନ୍ୟ ପକ୍ଷରେ ୟୁରୋପୀୟ ସଂଘ ଆଜି ଚୀନ ଉପରେ ଅତ୍ୟଧିକ ନିର୍ଭରତାକୁ ନେଇ ଖୁବ ଅସହଜ ରହିଛି । ରୁଷ- ୟୁକ୍ରେନ ଯୁଦ୍ଧ କାରଣରୁ ୟୁରୋପୀୟ ସଂଘର ଉର୍ଜା ସୁରକ୍ଷା ଓ ରଣନୈତିକ ସ୍ୱାୟତତାକୁ ନେଇ ମଧ ବଡ ପ୍ରଶ୍ନ ଠିଆହୋଇଛି । ଏଭଳି ପରିସ୍ଥିତିରେ ଭାରତ ଏକ ବଡ ବଜାର, ଗଣତାନ୍ତ୍ରିକ ବ୍ୟବସ୍ଥା ଓ ଉଦୀୟମାନ ଆର୍ଥିକ ଶକ୍ତି ଭାବେ ପରିଗଣିତ ହେଉଥିବା କାରଣରୁ ଇୟୁ ପାଇଁ ଏକ ସ୍ୱାଭବିକ ବିକଳ୍ପ ଥିଲା । ଅପର ପକ୍ଷରେ ଭାରତ ମଧ ନିଜର ମଲ୍ଟି ଆଲାଇନମେଂଟ ନୀତି ଆପଣାଉଛି । ଏହି ନୀତି ଅନୁଯାୟୀ ଭାରତ କୌଣସି ଗୋଟିଏ ଶକ୍ତି ସହ ବାନ୍ଧି ନ ହୋଇ ସମସ୍ତଙ୍କ ସହ ମଜବୁତ ସମ୍ପର୍କ ସୃଷ୍ଟି କରିବାକୁ ଚାହୁଁଛି ।

କେବଳ ସେତିକି ନୁହେଁ ଗତ କୋଭିଡ ସମୟରେ ଚୀନ ଯେଭଳି ଭାବେ ଗ୍ଲୋବାଲ ସପ୍ଲାୟ ଚେନ୍‌କୁ ବାଧା ପହଂଚାଇଥିଲା ଓ ଅନ୍ୟ ଦେଶମାନଙ୍କୁ ହଇରାଣ କରିଥିଲା ତାକୁ ମଧ ଏହି ଦେଶମାନେ ଭଲ ଭାବେ ଦେଖିଛନ୍ତି ଓ କଷ୍ଟକୁ ଅନୁଭବ କରିଛନ୍ତି । ତେଣୁ ଆମେରିକା ସହିତ ଚୀନ ସହିତ ମଧ ସେମାନଙ୍କର ନିର୍ଭରତାକୁ କମ କରିବାକୁ ହେବ ବୋଲି ସେମାନେ ଚିନ୍ତା କରିଛନ୍ତି । ୟୁରୋପୀୟ ଦେଶମାନେ ଭଲ ଭାବେ ବୁଝି ପାରିଛନ୍ତି ଯେ ସେମାନଙ୍କୁ ବିକଳ୍ପ ଆବଶ୍ୟକ । ତେବେ ଏପରି ବିକଳ୍ପ ସେମାନେ କେଉଁଠି ପାଇବେ । ଏଭଳି କେଉଁ ଦେଶ ରହିଛି ଯେଉଁଥିରେ ବଡ ବଜାର ଥିବ ଯେଉଁଥିରେ ସେମାନେ ନିଜର ବସ୍ତୁ ଓ ସାମଗ୍ରୀ ବିକ୍ରୀ କରିପାରିବେ ।

ଭାରତ ପାଇଁ ଏହି ବୁଝାମଣା ଅନେକ ସ୍ତରରେ ନିର୍ଣ୍ଣାୟକ ବୋଲି ପ୍ରମାଣିତ ହୋଇପାରେ । ପ୍ରଥମ ରପ୍ତାନୀରେ ବୃଦ୍ଧି ହୋଇପାରେ । ଟେକ୍ସଟାଇଲ, ରେଡିମେଡ ବସ୍ତ୍ର, ଫାର୍ମାସୁଟିକାଲ, ଇଂଜିନିୟରିଂ ଉତ୍ପାଦ ଓ ସୂଚନା ପ୍ରଯୁକ୍ତି ସେବାକୁ ୟୁରୋପୀୟ ବଜାରରେ ପ୍ରତିଯୋଗିତାରେ ଲାଭ ମିଳିବ । ଦ୍ୱିତୀୟ ହେଲା ଯେ ପୁଂଜି ବିନିଯୋଗରେ ପ୍ରବାହ ବଢିବ । ୟୁରୋପୀୟ ୟୁନିୟନର କମ୍ପାନୀ ଗୁଡିକ ଭାରତରେ ମାନୁଫାକ୍ଚରିଂଗ , ଅଟୋମୋବାଇଲ କ୍ଷେତ୍ର, ନବୀକରଣ ଯୋଗ୍ୟ ଉର୍ଜା, ଡିଜିଟାଲ ଇନଫ୍ରାଷ୍ଟ୍ରକଚର ଆଦି କ୍ଷେତ୍ରରେ ବଡ ପୁଂଜି ନିବେଶ କରି ପାରନ୍ତି । ତୃତୀୟ କଥା ହେଲା ଯେ ମେକ ଇନ ଇଂଡିଆ ଓ ଆତ୍ମ ନିର୍ଭର ଭାରତକୁ ବୈଶ୍ୱିକ ସପ୍ଲାୟ ଚେନ ସହ ଯୋଡିବାର ସୁଯୋଗ ମିଳିବ । ଏହା ଦ୍ୱାରା ଭାରତ କେବଳ ଉପଭୋକ୍ତା ନୁହେଁ ଉତ୍ପାଦନର କେନ୍ଦ୍ର ମଧ ହେବ ।

କିନ୍ତୁ ପ୍ରତ୍ୟେକ ସୁଯୋଗ ନିଜ ସହିତ ବିପଦ ମଧ ଆଣିଥାଏ । ୟୁରୋପୀୟ ସଂଘର କଠୋର ଶ୍ରମ, ପରିବେଶ ଓ ଡାଟା ସଂରକ୍ଷଣର ମାନକ ଭାରତ ପାଇଁ ନିଶ୍ଚିତ ଭାବେ ଏକ ଆହ୍ୱାନ ରହିବ । ମୁକ୍ତ ବାଣିଜ୍ୟ ନାମରେ ଘରୋଇ କୃଷି, ଡାଏରୀ ଉତ୍ପାଦ ଓ ଛୋଟ ଶିଳ୍ପଗୁଡିକୁ ଭାରତକୁ ସଂରକ୍ଷଣ ଦେବାକୁ ପଡିବ । ଏହି କ୍ଷେତ୍ର ଗୁଡିକ ଉପରେ ନିଶ୍ଚିତ ଭାବେ ଚାପ ରହିବ । ତେଣୁ ଏଭଳି ସନ୍ତୁଳନ ସ୍ଥାପିତ କରିବା ସେତେ ସହଜ ମଧ ହେବ ନାହିଁ ।

ତେବେ ଇୟୁ ବୁଝାମଣା ଦ୍ୱାରା ଉଭୟ ଭାରତ ଓ ୟୁରୋପୀୟ ୟୁନିୟନକୁ ନିଶ୍ଚିତ ଭାବେ ଲାଭ ହେବ । ତେବେ ଆମେରିକାକୁ ଏହି ବୁଝାମଣା କଷ୍ଟ ପହଂଚାଇଛି । ଆମେରିକାରୁ ଯେଭଳି ଭାବେ ପ୍ରତିକ୍ରିୟା ଆସିଛି ସେଥିରୁ ଏହା ଦ୍ୱାରା ଆମେରିକାକୁ ନିଶ୍ଚିତ ଭାବେ କ୍ଷତି ହେବ ଏହା ସ୍ପଷ୍ଟ ଅନୁମାନ କରାଯାଇପାରିବ ।

ରାଷ୍ଟ୍ରପତି ଟ୍ରମ୍ପ ଯଦିଓ ନିଜେ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି ତେବେ ତାଙ୍କ ପ୍ରଶାସନର ଶୀର୍ଷ ଅଧିକାରୀ ସ୍କଟ ବେସେଂଟ ଏହି ଡିଲକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ଏହାକୁ ନେଇ ୟୁରୋପୀୟ ୟୁନିୟନ ଉପରେ ବର୍ଷିଛନ୍ତି । ଟ୍ରମ୍ପଙ୍କ ଦଳର ଜଣେ ସାଂସଦ କହିଛନ୍ତି ଯେ ଏହି ଡିଲ ଦ୍ୱାରା ଭାରତକୁ ଲାଭ ହେବାକୁ ଯାଉଛି । ଆମେରିକାର ପ୍ରତିକ୍ରିୟା ହିଁ ସ୍ପଷ୍ଟ କରୁଛି ଯେ ଏହି ବୁଝାମଣାରୁ କାହାକୁ ଲାଭ ହେବାକୁ ଯାଉଛି ।

6.02.2026.pmd 1 2/5/2026, 5:55 PM

## ପ୍ରତିଯୋଗିତା ମନୋଭାବ ରଖି ପାଠପଢ: ନିଶ୍ଚିତ କୃତକାର୍ଯ୍ୟ ହେବ

ଶେରଗଡ଼,୫।୨ (ନିପ୍ର); ନିକଟସ୍ଥ କୁମାର ପାଣି ଗ୍ରାମରେ ଥିବା ଉନ୍ନତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ବାଣିଜ୍ୟ ଅଧ୍ୟାପକ ଶ୍ରୀକାନ୍ତ ପଣ୍ଡା, ପୂର୍ବତନ ପ୍ରଧାନଶିକ୍ଷକ ଜି ଦଣ୍ଡପାଣି ପ୍ରଧାନ , ସାମ୍ବାଦିକ ସୂର୍ଯ୍ୟନାରାୟଣ ଦାଶ ଓ ସୁବ୍ରତ କୁମାର ପଣ୍ଡା



ଯୋଗଦେଇ କହିଥିଲେ ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ଏହି କାରଖାନାକୁ ପ୍ରବେଶ କରିବା ମାତ୍ରେ ଏକ ଶୈକ୍ଷିକ ବାତାବରଣ ସ୍ୱସ୍ପର୍ଶରେ ଆସିବାକୁ ହୁଏ।ପାଠ ପଢିବାରସୁଯୋଗ ମିଳେ। ପ୍ରତ୍ୟେକ ଛାତ୍ରଛାତ୍ରୀ ପଢ଼ିବାର ଇଚ୍ଛାଶକ୍ତି ବଢେଇବାକୁ ପଡ଼ିବ, ସଦାବେଳେ ପ୍ରତିଯୋଗିତା ମନୋଭାବ ରଖି ପାଠପଢିଲେ ନିଶ୍ଚିତ କୃତକାର୍ଯ୍ୟ ହେବ ବୋଲି ଆହ୍ୱାନ ଦେଇଥିଲେ।ଗ୍ରାମ୍ୟ କମିଟି ସଦସ୍ୟମାନେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଥିଲେ ବିଦ୍ୟାଳୟ ପ୍ରତିଦିନ ଆସନ୍ତୁ ପାଠ ପଢାରେ ମନ ଦିଅନ୍ତୁ। ଅନ୍ୟତମ ଅତିଥି ଭାବେ ବିଧାୟକ ପ୍ରତିନିଧି ଦିଗାମ୍ବର ନାହାକ, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ପାଣିଗ୍ରାହୀ, ଉପାଧ୍ୟକ୍ଷଙ୍କ ପ୍ରତିନିଧି କାହ୍ନୁଚରଣ ପଟ୍ଟନାୟକ ସରପଞ୍ଚ ଉଦୟନାଥ ପ୍ରଧାନ ଯୋଗଦେଇ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ସହ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ଓ ବିଦ୍ୟାଳୟର ସଭାପତି ରବିନ୍ଦ୍ରନାଥ ମହାରଣାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ମହିଳା ପୁରୁଷ ଅବିଭାବକମାନେ ଉପସ୍ଥିତ ଥିଲେ।

## ୨୪ ବର୍ଷର ଦେଶ ସେବା ପରେ ମାତୃଭୂମିକୁ ଫେରିଲେ ବୀର ଯବାନ

ଧାମନଗର,୫।୨ (ନିପ୍ର); ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ କଣ୍ଟିଦୋଳ ଗ୍ରାମର ସୁଯୋଗ୍ୟ ସନ୍ତାନ ପବିତ୍ର ମୋହନ ନାୟକ ଭାରତୀୟ ସ୍ଥଳ ସେନାରେ ଦୀର୍ଘ ୨୪ ବର୍ଷ କାଳ ନିଷ୍ଠାର ସହ ସେବା କରିବା ପରେ ଗତ ଫେବୃଆରୀ ୩ ତାରିଖରେ ଅବସର ଗ୍ରହଣ କରି ନିଜ ଗ୍ରାମକୁ ଫେରିଛନ୍ତି। ତାଙ୍କର ଏହି ପ୍ରତ୍ୟାବର୍ତ୍ତନ ସମୟରେ ଗ୍ରାମରେ ଏକ ଆନନ୍ଦର ଲହରୀ ଖେଳିଯାଇଛି। ଛାତ୍ର ଅବସ୍ଥାରୁ ଦେଶ ମାତୃକାର ସେବା ପାଇଁ ସେନାରେ ଯୋଗ ଦେଇଥିବା ପବିତ୍ର, ନିଜର ସମଗ୍ର ଚାକିରି କାଳ ମଧ୍ୟରେ ଅତ୍ୟନ୍ତ ଦକ୍ଷତା ଓ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରିଛନ୍ତି।ଅବସର ପରେ ନିଜ ଗ୍ରାମରେ ପହଞ୍ଚିବା ପରେ ଭଦ୍ରକ ଜିଲ୍ଲା ଅବସରପ୍ରାପ୍ତ ସୈନିକ ସଂଘ, ଗ୍ରାମବାସୀ ଏବଂ ପରିବାର ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମୟରେ ତାଙ୍କ ପିତା ଅକ୍ଷୟ ନାୟକ, ମାତା ଅନ୍ନପୂର୍ଣ୍ଣା ନାୟକ ଏବଂ ଭଉଣୀ ନିରୁପମା ଓ ଲତା ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।ଚାକିରିରୁ ଅବସର ନେବା ପରେ ବି ପବିତ୍ରଙ୍କ ମନରେ ସେବାର ମନୋଭାବ ଅତୁଟ ରହିଛି। ଅବଶିଷ୍ଟ ସମୟ ସେ ସମାଜର ମଙ୍ଗଳ ପାଇଁ ଉତ୍ସର୍ଗ କରିବେ ବୋଲି ପ୍ରକାଶ କରିଛନ୍ତି। ବିଶେଷ କରି ଗରିବ ଓ ସାଧାରଣ ଅସହାୟ ଲୋକଙ୍କ ସେବା କରିବାର ସଂକଳ୍ପ ନେଇ ସେ ନିଜର ଏହି ଦ୍ୱିତୀୟ ପାଳି ଆରମ୍ଭ କରିଛନ୍ତି।

## କମଳେଶ୍ୱର ବିଦ୍ୟାପୀଠର ୪୭ତମ ବାର୍ଷିକ ଉତ୍ସବ

କୃଷ୍ଣପ୍ରସାଦ,୫।୨ (ନିପ୍ର): ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ବଡ଼ଝାଡ଼ ପଞ୍ଚାୟତ ଅଧିନସ୍ଥ ବଡ଼ଝାଡ଼ କମଳେଶ୍ୱର ନୋଡାଲ ବିଦ୍ୟାପୀଠର ୪୭ ତମ ବାର୍ଷିକ ଉତ୍ସବ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । କୃଷ୍ଣପ୍ରସାଦ ବ୍ଲକ ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ବରିଷ୍ଠ ସଦସ୍ୟ ଯୋଗେନ୍ଦ୍ର ନାଥ ଜେନାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କାଶୀନାଥ ଜେନା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ନାଥ ଦଳବେହେରା, ବାଉରୀ ବନ୍ଧୁ ମାଝୀ, ଗଣେଶ କୁମାର ନାୟକ, ଜ୍ଞାନ ଦୀପ ମହାବିଦ୍ୟାଳୟର ପ୍ରତିଷ୍ଠାତା ଡ଼ଃ ଅଭିମନ୍ୟୁ ଜେନା ପ୍ରମୁଖ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଛାତ୍ରଛାତ୍ରୀଙ୍କ ଭୂମିକା ସମ୍ପର୍କରେ ମତ ପ୍ରଦାନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଲାଟେନ୍ଦୁ ସେଠୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ସହକାରୀ ଶିକ୍ଷକ ଉଲ୍ଲାସ ଚନ୍ଦ୍ର ସାହୁ, ମାନସ କୁମାର ମଲିକ ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଭାରତ ଡିଫେନ୍ସ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧନା

ରମ୍ଭା,୫।୨ (ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ଠାରେ ଅବସ୍ଥିତ ଭାରତ ଡିଫେନ୍ସ ଏକାଡେମୀ ପକ୍ଷରୁ ଭାରତୀୟ ସେନାବାହିନୀରେ ନବନିଯୁକ୍ତ ଯବାନମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭବ୍ୟ ସମ୍ବର୍ଦ୍ଧନା ଉତ୍ସବକୁ ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ହୋଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା ତଥା ମୁଖ୍ୟ ପ୍ରଶିକ୍ଷକ ସୁନିଲ ତାରାଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତୀୟ ସ୍ଥଳସେନା ଅବସରପ୍ରାପ୍ତ ଯବାନ ଡି. ଖଲିଆ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ସେନା ଡି. ଅଶୋକ ପ୍ରଧାନ, ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟର ସ୍ୱାସ୍ଥ୍ୟ ପରାମର୍ଶଦାତା ଡି. ଦେବହରି ରେଡ଼ି, ଗାନ୍ଧୀ ତାରାଇ,ସୌରା ସିଠ,ଉପେନ୍ଦ୍ର ଭାଇ ପ୍ରମୁଖ ଯୋଗ ଦେଇ ନବନିଯୁକ୍ତ ଯବାନ ଓ ପିତାମାତାଙ୍କୁ ସମ୍ବର୍ଦ୍ଧନା କରି ଦେଶସେବା ପାଇଁ ଉତ୍ସାହିତ କରିବା ସହ ଅନୁଷ୍ଠାନର ଏଭଳି ପ୍ରଚେଷ୍ଟା କୁ ଭୂୟସୀ ପ୍ରଶଂସା କରିଥିଲେ। ପ୍ରକାଶ ଥାଉକି ଗ୍ରାମାଞ୍ଚଳର ଯୁବକମାନଙ୍କୁ ସେନାବାହିନୀର ବିଭିନ୍ନ ପ୍ରକାର ସେନାରେ ନିଯୁକ୍ତି ପାଇଁ ଅନୁଷ୍ଠାନ ପକ୍ଷରୁ ଦୀର୍ଘ ଛଅ ବର୍ଷ ଧରି ଶାରୀରିକ ଓ ବୌଦ୍ଧିକ ପ୍ରଶିକ୍ଷଣ ଦିଆଯାଉଛି। ଅନୁଷ୍ଠାନ ମୁଖ୍ୟ ସୁନିଲଙ୍କ ତ୍ୟାଗ, ନିଷ୍ଠା, ଉତ୍ସାହ ଓ ସକ୍ରିୟ ପ୍ରଚେଷ୍ଟା ପାଇଁ ଅଳ୍ପ ସମୟ ମଧ୍ୟରେ ବିଭିନ୍ନ ଗ୍ରାମାଞ୍ଚଳରୁ ଗରିବ ପରିବାରର ଷାଠିଏରୁ ଉର୍ଦ୍ଧ୍ୱ ଯୁବକ ସେନାବାହିନୀର ବିଭିନ୍ନ ପଦବୀରେ ନିଯୁକ୍ତି ପାଇପାରିଛନ୍ତି।

## ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ବିଶ୍ୱ କର୍କଟ ଦିବସ

ନିରାକାରପୁର,୫।୨ (ନିପ୍ର); ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜାତୀୟ ସେବା ଯୋଜନା ତରଫରୁ ମହାବିଦ୍ୟାଳୟ ପରିସରରେ ବିଶ୍ୱ କର୍କଟ ଦିବସ ଉପଲକ୍ଷେ ସଂଖ୍ୟାଧିକ ଛାତ୍ର ଛାତ୍ରୀଙ୍କୁ ନେଇ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁଙ୍କ ପୌରୋହିତ୍ୟରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଡାକ୍ତର ପ୍ରିତିପର୍ଣ୍ଣା ଛୋଟରାୟ ଓ ମୁଖ୍ୟବକ୍ତା ଅଧ୍ୟାପକ ପ୍ରତାପ କିଶୋର ଛୋଟରାୟ ଯୋଗଦେଇ କର୍କଟ ରୋଗର ବିଭିନ୍ନ ପ୍ରକାର, ରୋଗ ବିଷୟରେ ପ୍ରଚଳିତ ବିଭିନ୍ନ ମିଥ ଏବଂ ଏହି ମହାମାରୀ ରୋଗର ବିଭିନ୍ନ କାରଣ ସମ୍ପର୍କରେ ମନ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯକ୍ରମ ଅଧିକାରିଣୀ ଅନୁପମା ଚମ୍ପତିରାୟ କର୍କଟ ରୋଗ ନିରାକରଣରେ ଯୁବ ଗୋଷ୍ଠିଙ୍କ ଭୂମିକା ବିଷୟରେ ବକ୍ତବ୍ୟ ରଖିଥିଲେ । ଶିକ୍ଷା ବିଭାଗର ଅଧ୍ୟାପିକା ଡଃ. ସଂଯୁକ୍ତା ପଟ୍ଟନାୟକ ଏହି ରୋଗର ସଚେତନତା ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

## ପୁଷ୍ଟି ଶସ୍ୟ ବ୍ୟଞ୍ଜନ ପ୍ରସ୍ତୁତି ଦକ୍ଷତା ବିକାଶ ନିମନ୍ତେ ତାଲିମ

କାଶୀନଗର,୫।୨ (ନିପ୍ର); କାଶୀନଗର ଠାରେ ଥିବା ମିଶନ ଶକ୍ତି ଅନ୍ତର୍ଭୁକ୍ତ ଏସ ଏଚ ଜି ମହିଳାମାନଙ୍କୁ ମହିଳା ସ୍ୱୟଂ ସହାୟକା ଗୋଷ୍ଠୀ ମାଧ୍ୟମରେ ପୁଷ୍ଟି ସୁରକ୍ଷା ଏବଂ ପୁଷ୍ଟି ଶସ୍ୟ ଆଧାରିତ ଜୀବିକା ପ୍ରସହନରେ ଅନ୍ତର୍ଭୁକ୍ତ କରି ସେମାନଙ୍କୁ ଆର୍ଥିକ କ୍ଷେତ୍ରରେ ଉନ୍ନତି ଆଣି ସ୍ୱାବଲମ୍ବୀ କରିବା ସକାଶେ ମିଶନ ଶକ୍ତି ଆନୁକୂଲ୍ୟରେ କାଶୀନଗର ବ୍ଲକର ଖାରଡ଼ା ଓ ସିଦ୍ଧମଡ଼ଙ୍ଗ ପଞ୍ଚାୟତରୁ ଛଅ ଜଣ ମହିଳାଙ୍କୁ କାଶୀନଗର ଗୋଷ୍ଠୀ ସଂଯୋଜାକ ଲାବନ ରାଇତଙ୍କ ସହ ପୁଷ୍ଟି ଶସ୍ୟ ବ୍ୟଞ୍ଜନ ପ୍ରସ୍ତୁତି ଦକ୍ଷତା ବିକାଶ ନିମନ୍ତେ ଭୁବନେଶ୍ୱର ସ୍ଥିତ ଇଣ୍ଡିଆନ ହୋଟେଲ ମ୍ୟାନେଜେମେଣ୍ଟ ଅନୁଷ୍ଠାନକୁ ତାଲିମ ନେବା ପାଇଁ ଯାଇଛନ୍ତି। ଏହି ତାଲିମ ଶିବିର ଏହି ମାସ ତିନି ତାରିଖ ରୁ ଛଅ ତାରିଖ ଯାଏଁ ହେବ।

# ବନ୍ଦେ ଭାରତ ଏକ୍ସପ୍ରେସର ବୈଦ୍ୟୁତିକ ସିଷ୍ଟମରେ ଅଗ୍ନିକାଣ୍ଡ ଯୋଗୁଁ ଟୁନିଆ ଷ୍ଟେସନରେ ଅଟକିଲା ଟ୍ରେନ୍

ରାଉରକେଲା ୫/୨ (ନିପ୍ର), ଟୁନିଆ ଷ୍ଟେସନ ନିକଟରେ ଟ୍ରେନର ବୈଦ୍ୟୁତିକ ସିଷ୍ଟମରେ ନିଆଁ ଲାଗିବା ଖବର ପରେ ହାଓଡ଼ା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସକୁ ମଝି ରାସ୍ତାରେ ବାତିଲ କରାଯାଇଛି। ଏହାକୁ ନେଇ ରେଳ କର୍ତ୍ତୃପକ୍ଷଙ୍କ ଚିନ୍ତା ସୃଷ୍ଟି ହୋଇଥିଲା। ରେଳ କର୍ତ୍ତୃପକ୍ଷ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ସରକାରୀ ସୂତ୍ର ଅନୁଯାୟୀ, ହାଓଡ଼ାରୁ ରାଉରକେଲା ଯାଉଥିବା ସମୟରେ ବନ୍ଦେ ଭାରତ ଏକ୍ସପ୍ରେସର ସେମି-ହାଇ-ସ୍ପିଡ୍ ଟ୍ରେନର ବୈଦ୍ୟୁତିକ ହଟ୍ ଆକ୍ସଲ୍ ପ୍ୟାନେଲରେ ସ୍ପାର୍କିଂ ଲକ୍ଷ୍ୟ କରାଯାଇଥିଲା। ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ଟ୍ରେନକୁ ଟୁନିଆ ଷ୍ଟେସନରେ ଅଟକାଇ ଦିଆଯାଇଥିଲା ଏବଂ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ଓହ୍ଲାଇ ଦିଆଯାଇଥିଲା। ରେଳ ଅଧିକାରୀମାନେ ପରିସ୍ଥିତିକୁ ଶୀଘ୍ର ନିୟନ୍ତ୍ରଣ କରିଥିଲେ। ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିନାହିଁ। ଘଟଣା ପରେ, ଯାତ୍ରୀ ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ରେଳର ବିସ୍ତୃତ ବୈଷୟିକ ଯାଞ୍ଚ ପାଇଁ ରେଳବାଇ ବନ୍ଦେ ଭାରତ ଏକ୍ସପ୍ରେସର ପରବର୍ତ୍ତୀ ଯାତ୍ରାକୁ ବାତିଲ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବୈଦ୍ୟୁତିକ ତ୍ରୁଟିର କାରଣ ଜାଣିବା ପାଇଁ ଇଞ୍ଜିନିୟରିଂ ଦଳଗୁଡ଼ିକୁ ଘଟଣାସ୍ଥଳକୁ ପଠାଯାଇଛି। ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍ ବାତିଲ ହେବା ଯୋଗୁଁ ଫସି ରହିଥିବା ଶହେରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ପରେ ଦୁରନ୍ତୋ ଏକ୍ସପ୍ରେସ ଦ୍ୱାରା ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ପ୍ରଭାବିତ ଯାତ୍ରୀମାନଙ୍କୁ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା ଏବଂ ସ୍ଥାନାନ୍ତର ପ୍ରକ୍ରିୟାରେ ରେଳ କର୍ମଚାରୀମାନେ ସେମାନଙ୍କୁ ସହାୟତା କରିଥିଲେ। ବରିଷ୍ଠ ରେଳ ଅଧିକାରୀମାନେ କହିଥିଲେ ଯେ ବିଦ୍ୟୁତ ସ୍ପାର୍କ ପଛର ସଠିକ୍ କାରଣ ଜାଣିବା ପାଇଁ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରାଯାଇଛି। ସେମାନେ କହିଥିଲେ ଯେ ବନ୍ଦେ ଭାରତ ଟ୍ରେନକୁ ପୁଣି ଥରେ ସେବାରେ ଲଗାଇବା ପୂର୍ବରୁ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ସେକ୍ସନରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଆବଶ୍ୟକୀୟ ସୁରକ୍ଷା ଯାଞ୍ଚ ପରେ ସ୍ୱାଭାବିକ କାର୍ଯ୍ୟ ପୁନଃସ୍ଥାପିତ କରାଯାଇଛି। ଯାତ୍ରୀମାନେ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ବିକଳ୍ପ ଯାତ୍ରା ବ୍ୟବସ୍ଥା କରିବାରେ ରେଳ କର୍ତ୍ତୃପକ୍ଷଙ୍କ ତୁରନ୍ତ ପ୍ରତିକ୍ରିୟାକୁ ପ୍ରଶଂସା କରିଛନ୍ତି।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

ବ୍ରଜରାଜନଗର, ୫।୨: ଜଙ୍ଗଲରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଥାନା ରାମପୁର ଫାଣ୍ଡି ଅଞ୍ଚଳରେ ଥିବା କୁକୁରିକାନି ନିକଟରେ ଥିବା ଟାଙ୍ଗର ଘାଟ ଜଙ୍ଗଲରେ ଯୁବକଙ୍କ ମୃତଦେହ ମିଳିଛି । କେହି ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ସନ୍ଦେହ କରି ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ସୂଚନାନୁସାରେ, ରାମପୁର ଫାଣ୍ଡି ଅନ୍ତର୍ଗତ ବୁଗୁଡା ପଡା ନିବାସୀ ସତ୍ୟନାରାୟଣ ସାହସିଙ୍କ ୧୯ ବର୍ଷୀୟ ପୁଅ ଶାହିଲ ସାହିସ ଗତ ୧ ତାରିଖ ସାକାଳୁ ଘରୁ ନିଖୋଜ ଥିଲେ । ଏ ସଂପର୍କରେ ବାପା ସତ୍ୟନାରାୟଣ ସାହିସ ପୁଅ ନିଖୋଜ ଥିବା ରାମପୁର ଫାଣ୍ଡିରେ ଖବର ଦବା ପରେ ପୁଲିସ ଚାରିଆଡ଼େ ଖୋଜାଖୋଜି କରିଥିଲେ । ଟାଙ୍ଗର ଘାଟ ଜଙ୍ଗଲ ଭିତରେ ଏକ ଜରିରେ କାହାର ମୃତଦେହ ଗୁଡ଼ା ହୋଇ ପଡ଼ିଥିବା ବିଶେଷ ସୁତ୍ରରୁ ଖବର ପାଇଥିଲା ପୁଲିସ । ପରେ ଘଟଣାସ୍ଥଳରେ ବ୍ରଜରାଜନଗର ଥାନା ଆଇଆଇସି ଧବଳେଶ୍ୱର ସାହୁ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଗୁଡ଼ା ହୋଇଥିବା ଜରି ଖୋଲିବା ପରେ ଶବଟିର ବହୁ ଦୁର୍ଗନ୍ଧ ହେବାରୁ ଯୁବକଙ୍କୁ ଦୁଇ ତିନି ଦିନ ଆଗରୁ କେହି ହତ୍ୟା କରି ଏଠାରେ ଫିଙ୍ଗି ଦେଇଥିବା ଜାଣିବାକୁ ପାଇଥିଲେ । ଘଟଣାସ୍ଥଳରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁନ୍ଦଲା ରେଡ୍ଡୀ ରାଘବେନ୍ଦ୍ର ଓ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ ଥାନା ଅଧିକାରୀ ଧବଳେଶ୍ୱର ସାହୁ ରାମପୁର ଫାଣ୍ଡି ଅଧିକାରୀ ସୁଦର୍ଶନ ବେହେରା ଉପସ୍ଥିତ ରହି ତଦନ୍ତ ଆରମ୍ଭ କରିଛନ୍ତି । ଶବଟିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି କ୍ଷ ଶବଟି ୧୯ ବର୍ଷୀୟ ସାହିଲ ସାହିସ ବୋଲି ଜଣାପଡ଼ିଛି ।

# ଗ୍ରାମ୍ୟ ଚଳଣିରେ ଚଣାଶାଗର ଚାହିଦା ଅଧିକ

ଭାପୁର,୫।୨ (ନିପ୍ର): ଭାପୁର ଏକ କୃଷି କୈନ୍ଦ୍ରିକ ବ୍ଲକ ହୋଇଥିବାରୁ ୨୦ ଗୋଟି ପଞ୍ଚାୟତର ଜନସାଧାରଣ କୃଷି ଉପରେ ନିର୍ଭର କରି ଚଳନ୍ତି। ବ୍ଲକର ପ୍ରାୟ ଶତକଡା ୭୦ ଭାଗ ଚାଷୀ ଗରିବ ଶ୍ରେଣୀର ହୋଇଥିବାରୁ ମୁଖ୍ୟତଃ ତାଙ୍କର ଖାଦ୍ୟ ପଖାଳ ଭାତକୁ ଶାଗ ଭଜା ରହିଥାଏ। ପଖାଳ ଭାତ ସହିତ ଶାଗ ଭଜାର ସମ୍ପର୍କ ନିବିଡ଼। ଜଣେ ସାଧାରଣ ଚାଷୀ ପରିବାରରେ ମୁଖ୍ୟ ତରକାରୀ ହେଉଛି ଶାଗ ଭଜା। ଭାପୁର ବ୍ଲକ ଅଂଚଳରେ ପ୍ରାୟତଃ କୋଶଳା ଶାଗ,ସଜନା ଶାଗ,ମଦରଙ୍ଗା ଶାଗ, ଖଡା, କଣ୍ଟା ମରାଚିଆ,ନେଉଟିଆ, ମୋଟି ଶାଗ, ପାଳଙ୍ଗ ଆଦି ବିଭିନ୍ନ ଶାଗ ମିଳୁଥିବା ବେଳେ ଅନ୍ୟ ଏକ ମୁଖ୍ୟ ଚଣା ଶାଗ ମିଳିଥାଏ। ଚାଷୀ ଟିଏ ଧାନ କାଟିବା ପୂର୍ବରୁ



ଜମି ଓଦା ରହିଥିବା ବେଳେ ଚଣା ବୁଣି ଥାଏ। ପରେ ପରେ ଜମିରୁ ଧାନ କଟା ଶେଷ ହେବା ପରେ ଚଣା ଗଛ ବଢିଥାଏ। ଚଣା ଗଛ ୪ରୁ ୬ ଇଞ୍ଚ ବଢିଲା ପରେ ଚାଷୀ ଚଣାଗଛ ର କଅଁଳ ପତ୍ର ର ଅଗକୁ ହାତରେ ଖୁଣ୍ଟିଖୁଣ୍ଟି ତୋଳିଥାଏ।

ତୋଳା ହୋଇଥିବା ଚଣା ଶାଗକୁ ପନିକି ରେ ଅଧଇଞ୍ଚ ଲେଖାଏଁ ସରୁସରୁ କାଟି ରଖିଥାଏ। ପରେପରେ ଚୁଲାରେ କଡେଇ ରଖି ଖାଇବା ତେଲକୁ ପକେଇ ଗରମ କରି ସେଥିରେ ସୋରିଷ ଓ ଛେଚା ରସୁଣ ପକେଇବା ପରେ କଟା ହୋଇଥିବା ଚଣାଶାଗ କୁ ପକେଇ ଭାଜିଲେ ମାତ୍ର ୨/୩ ମିନିଟ ରେ ଏକ ସୁସ୍ୱାଦ ଚଣାଶାଗ ଭଜା ପ୍ରସ୍ତୁତ ହୋଇଯିବ। ଏହି ଶାଗ ଭଜାର ବାସ୍ନା ନିଆରା । ଯାହା ପଖାଳ ହେଉ କି ଗରମ ଭାତ ହୋଇଥାଉ ପେଟକୁ ଭାତ ଖୁସିରେ ଚାଲି ଯାଇଥାଏ। ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଦୀପ କୁମାର ପାଇକରାୟଙ୍କ କହିବା ଅନୁଯାୟୀ,ଅନ୍ୟ ଶାଗ ଠାରୁ ଚଣାଶାଗରୁ ପ୍ରଚୁର ପରିମାଣରେ ପ୍ରୋଟିନ ମିଳିଥାଏ । ଚଣା ଶାଗରେ ଫାଇବର ଓ ପୋଟାସିୟମ ଅଧିକ ମାତ୍ରରେ ରହିଥିବାରୁ ଏହା ଖାଇଲେ ରକ୍ତଚାପ ଓ ହୃଦରୋଗ କଣ୍ଟ୍ରୋଲରେ ରହିବା ସହିତ ଶରୀରର ଓଜନ ମଧ୍ୟ କମିଥାଏ। ଏହି ଶାଗ ଖାଇବା ଦ୍ୱାରା ହଜମ ସମସ୍ୟା ଦୂର ହେବା ସହିତ ଦୃଷ୍ଟି ଶକ୍ତି ମଧ୍ୟ ବଢିଥାଏ। ଏତେଦ ବ୍ୟତୀତ,ଏହି ଶାଗରେ ଆଇରନ ଓ ଫୋଲିକ ଏସିଡ ପ୍ରଚୁର ପରିମାଣରେ ରହିଥିବାରୁ ଶରୀରରେ ହିମୋଗ୍ଲୋବିନ ବଢ଼େଇଥାଏ, ନିମୋନିଆ ରୋଗ ଦୂର କରିଥାଏ,ମାନସିକ ଦୁଃଶ୍ଚିନ୍ତା ଦୁରକରିବା ସହିତ ଯୁମିନିଟି ଶକ୍ତି ବଢ଼େଇ ଥାଏ।ବିଶେଷକରି, ମଧୁମେୟ ରୋଗୀଙ୍କ ପାଇଁ ଚଣାଶାଗରେ ବୈଜ୍ଞାନିକ ଯୁକ୍ତ ଉପାଦାନ ଗୁଡିକ ରହିଥିବାରୁ ଏହା ଶରୀର ପାଇଁ ବହୁତ ହିତକାରୀ ଅଟେ ଫଳରେ,ଗ୍ରାମାଞ୍ଚଳ ରୁ ସହରାଞ୍ଚଳ ପର୍ଯ୍ୟନ୍ତ ଏହି ଶାଗ ର ଚାହିଦା ଅଧିକ ରହିଛି। ବର୍ତ୍ତମାନ ଭାପୁର ବ୍ଲକ ଅଞ୍ଚଳରେ ଚଣାଶାଗ ମୁଖ୍ୟ ବ୍ୟବସାୟ ହିସାବରେ କେଜି ପ୍ରତି ୮୦ ରୁ ୧୦୦ ଟଙ୍କା ଦରରେ ମିଳୁଥିବାରୁ ଦୈନିକ ୪/୫ କୁଇଣ୍ଟାଲ ଶାଗ ତଥା ଚଣାଛୁଇଁ ବିକ୍ରି କରି ଚାଷୀ ମାନେ ବେଶ ଲାଭବାନ ହୋଇ ଦୁଇ ପଇସା ଉପାର୍ଜନ କରି ପରିବାର ପ୍ରତିପୋଷଣ କରିପାରୁଛନ୍ତି।

# ରାସ୍ତା ପାର୍ଶ୍ୱ ଜବରଦଖଲ

ରାଉରକେଲା,୫।୨ (ନିପ୍ର):ରାଉରକେଲା ମହାନଗର ନିଗମ ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତଗୀର୍ ସିଭିଲ୍ ଟାଉନସିପ୍ ଅଞ୍ଚଳରେ ରାସ୍ତା ପାର୍ଶ୍ୱ ଥିବା ଜବରଦଖଲ ସ୍ଥାନ ଯାଞ୍ଚ କରିଥିଲେ। ସେଠାରେ ଥିବା ପରିମଳ, ଟ୍ରାଫିକ୍ ପରିଚାଳନା ଏବଂ ନାଗରିକ ଶୃଙ୍ଖଳା ଉପରେ ଧ୍ୟାନ ଦିଆଯାଇଥିଲା। ଏସଟିଆଇ ଛକରୁ ନେକ୍ସା ଶୋ-ରୁମ୍ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପରିଦର୍ଶନ ସମୟରେ ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର୍ ସେଠାରେ ଥିବା ଦୋକାନ ଓ ବ୍ୟବସାୟିକ ପ୍ରତିଷ୍ଠାନ, ବିଶେଷକରି ସେକେଣ୍ଡ ହେଣ୍ଡ୍ ବାଇକ୍ ବିକ୍ରେତାମାନଙ୍କୁ ସେମାନଙ୍କ ପରିସରର ପାଞ୍ଚ ମିଟର ପରିଧି ମଧ୍ୟରେ ସଫାସୁତୁରା ବଜାୟ ରଖିବାକୁ ଏବଂ ସଠିକ୍ ଅଳିଆ ନିଷ୍କାସନ ପାଇଁ ଡଷ୍ଟବିନ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଡ୍ରେନ୍ ଏବଂ ଫୁଟପାଥ୍ ଜବରଦଖଲ ମୁକ୍ତ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଡ୍ରେନ୍



କିମ୍ବା ଫୁଟପାଥ୍ ଉପରେ କୌଣସି ବାଣିଜ୍ୟିକ କାର୍ଯ୍ୟକଳାପ କରାଯିବା ଉଚିତ୍ ନୁହେଁ ବୋଲି ସ୍ପଷ୍ଟ ନିର୍ଦ୍ଦେଶ ଦିଆଯାଇଥିଲା। ରାସ୍ତାପାର୍ଶ୍ୱ ଅବୈଧ ପାର୍କିଂ ଯୋଗୁଁ ଟ୍ରାଫିକ୍ ଭିଡ଼ ଉପରେ ଚିନ୍ତା ପ୍ରକଟ କରି, ମହାନଗର ନିଗମ ଆୟୁକ୍ତ ଅଧିକାରୀମାନଙ୍କୁ ଏପରି ଉଲ୍ଲଂଘନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଅଭିଯାନକୁ ତୀବ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଅନଧିକୃତ ପାର୍କିଂ ଅଞ୍ଚଳରେ ଟ୍ରାଫିକ୍ ବାଧା ସୃଷ୍ଟିର ଏକ ପ୍ରମୁଖ କାରଣ ଭାବରେ ଉଭା ହେଉଛି ଏବଂ ସୁଗମ ଯାନବାହାନ ଚଳାଚଳ ସୁନିଶ୍ଚିତ କରିବା ପାଇଁ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଯାଞ୍ଚ ରାଉରକେଲା ସ୍ମାର୍ଟ ସିଟି ପଦକ୍ଷେପର ଉଦ୍ଦେଶ୍ୟ ସହିତ ସହରାଞ୍ଚଳ ପରିଷ୍କାର ପରିଚ୍ଛନ୍ନତା, ପଦଯାତ୍ରୀ ସୁରକ୍ଷା ଏବଂ ଟ୍ରାଫିକ୍ ପରିଚାଳନାକୁ ଉନ୍ନତ କରିବା ପାଇଁ ରାଉରକେଲା ମହାନଗର ନିଗମ ପକ୍ଷରୁ ଚାଲିଥିବା ପ୍ରୟାସର ଏକ ଅଂଶ ସ୍ୱରୂପ ବୋଲି ବିବେଚନା କରାଯାଉଛି।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଉଦ୍ଘାଟିତ

ବଲାଙ୍ଗୀର,୫।୨ (ନିପ୍ର); ସ୍ଥାନୀୟ କୋଶଳ କଳା ମଣ୍ଡଳ ଠାରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଉଦ୍ଘାଟନ ହୋଇଯାଇଛି । ଏହି ମେଳାରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ, କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ, ଓଡିଶା କନକ ବର୍ଦ୍ଧନ ସିଂଦେଓ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ମୁଖ୍ୟ ଯନ୍ତ୍ରୀ, ସମ୍ବଲପୁର ନରେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ଜିଲ୍ଲାପାଳ ନିଜର ବକ୍ତବ୍ୟରେ କହିଥିଲେ ଆମର ପାରମ୍ପରିକ ଜ୍ଞାନ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ କୃଷକଙ୍କ ଜୀବନ ଜୀବିକା ଓ ବିତ୍ତୀୟ ଅଭିବୃଦ୍ଧି ହୋଇପାରୁଛି । ଜୈବିକ ଚାଷ ପ୍ରଣାଳୀ ଦ୍ୱାରା ବିଭିନ୍ନ ଚାଷ କରି ଚାଷୀ ମାନେ ଅଧିକ ପରିମାଣରେ ଲାଭ ପାଇପାରିବେ, ସେଥିପାଇଁ ଜିଲ୍ଲାପ୍ରଶାସନ ଚେଷ୍ଟା କରୁଛି । ଏହି ମେଳା ମାଧ୍ୟମରେ ଚାଷୀ ମାନଙ୍କୁ ନୂତନ ଚାଷ ପଦ୍ଧତି ଏବଂ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଗୁଡିକ ବିଷୟରେ ଅବଗତ କରାଯାଉଛି । ଆଗାମୀଦିନରେ ଅତ୍ୟାଧୁନିକ ଜ୍ଞାନ କୌଶଳରେ ନିର୍ମିତ ଯନ୍ତ୍ରପାତି ବ୍ୟବହାର କରି ଚାଷୀମାନେ ଅଧିକ ଲାଭବାନ ହୋଇପାରିବେ । ସେହିପରି ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଗୁଡିକରେ ଜନସାଧାରଣ କିପରି ଅଧିକ




ଲାଭବାନ ହୋଇପାରିବେ, ସେଥିନିମନ୍ତେ ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତରୀୟ ମେଳାଗୁଡ଼ିକର ବ୍ୟବସ୍ଥା କରାଯାଇ ଚାଷୀଙ୍କୁ ଜଡିତ କରାଯାଉଅଛି । ଜିଲ୍ଲାର ବିଭିନ୍ନ ଗ୍ରାମ ତଥା ରାଜ୍ୟସ୍ତରରେ ପାରମ୍ପରିକ ଚାଷ କାମରେ ବ୍ୟବହୃତ ପୁରାତନ ଯନ୍ତ୍ରପାତି ସଂଗ୍ରହ କରି ଆଗାମୀ ଦିନରେ ଜିଲ୍ଲା ମୁଖ୍ୟାଳୟରେ ଏକ ସଂଗ୍ରହାଳୟ ନିର୍ମାଣ କରାଯିବ । ଯାହା ଦ୍ୱାରା ଜନସାଧାରଣଙ୍କୁ ଅବଗତ କରାଯିବ ଯେ ସମୟ ସହ ପରିବର୍ତ୍ତନ ହେବାକୁ ପଡିବ ଏବଂ ପୁରୁଣା ପଦ୍ଧତି ନ ଭୁଲି ଆଗକୁ ବଢିବାର ଅଛି ବୋଲି ମୁଖ୍ୟ ଅତିଥି କହିଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ସାରଦା ପ୍ରସାଦ ସିଂ ବରିହା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀ ପ୍ରଫୁଲ କୁମାର କହର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଫଳ ଚାଷୀ ମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ର ଚାଷୀ, ପ୍ରାଣୀ ଚିକିତ୍ସା ବିଭାଗ ଓ ମତ୍ସ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ଏବଂ କୃଷି ଯନ୍ତ୍ରପାତି ମେଳା ଫେବୃୟାରୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ।

## ଭୀମ ଭୋଇ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଶୁଭାରମ୍ଭ

ରେଢ଼ାଖୋଲ,୫।୨ (ନିପ୍ର);ସ୍ଥାନୀୟ ଯୁବକଙ୍କୁ ନେଇ ଆଜି ଗଠିତ ହୋଇଛି ଭୀମ ଭୋଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ।ରେଢ଼ାଖୋଲ ସ୍ଥିତ ଭୀମ ଭୋଇ ସେବା ସଦନ ସ୍ମୃତି ପୀଠ ଠାରେ ମଠର ବାବା ଆନନ୍ଦ ଚରଣ ଦାସଙ୍କ ହସ୍ତରେ ପୂଜାର୍ଚ୍ଚନା ସହ ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରମ୍ଭ ହୋଇଅଛି । ଅନୁଷ୍ଠାନର ମୂଳ ଉଦ୍ଦେଶ୍ୟ ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ କରିବା, ରକ୍ତଦାନ, ବୃକ୍ଷରୋପଣ, ମୌଳିକ ଅଧିକାର ରୁ ବାଞ୍ଛିତ ଲୋକଙ୍କ ପାଇଁ ଏହି ଅନୁଷ୍ଠାନ ସର୍ବଦା ସମର୍ପିତ ହେବା ବୋଲି ସମସ୍ତ ସଦସ୍ୟ ମତବ୍ୟକ୍ତ କରିଥିଲେ।ଏହା ପରେ ଆନୁଷ୍ଠାତ ଏକ ବୈଠକ ରେ ସଦସ୍ୟଙ୍କ ଦ୍ୱାରା ଅନୁଷ୍ଠାନର ସଭାପତି ଗଜାନନ ଭେସରା, ଉପସଭାପତି ମନୋଜ ସାହୁ, ସମ୍ପାଦକ ସଚିନ ପ୍ରଧାନ, କୋଷାଧ୍ୟକ୍ଷ ସୁଧୀର ସୁନା,ଙ୍କୁ ଚୟନ କରାଗଲା।

# ଚାଷୀର ହକ ପାଇଁ ରାଜରାସ୍ତାକୁ ଓହ୍ଲାଇଲା ବିଜେଡି

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଲେ ବିଜେଡି ନେତା ଓ କର୍ମୀ

ଭବାନୀପାଟଣା,୫।୨ (ନିପ୍ର); ରାଜ୍ୟରେ ଚାଷୀ ସମସ୍ୟା ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ସ୍ଥିତି ପ୍ରସଙ୍ଗରେ ବିଜେଡି ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛି । ସେହି ଅନୁକ୍ରମେ କଳାହାଣ୍ଡି ଜିଲ୍ଲା ବିଜେଡି ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ହଜାର ହଜାର ସଂଖ୍ୟାରେ ଚାଷୀ ଯୋଗଦେଇ ବିଜେପି ସରକାର ଉପରେ ବର୍ଷିଛନ୍ତି। ପ୍ରଥମେ ଚାଷୀଙ୍କୁ ସାର ମୁଠାଏ ଦେବା ପାଇଁ ସରକାର ହନ୍ତସନ୍ତ କଲେ। ଧାନ ଉତ୍ପାଦନ ପରେ ଧାନକିଣା ପ୍ରକ୍ରିୟା ଠିକ୍ ଭାବେ ହୋଇପାରୁ ନାହିଁ। କଳାହାଣ୍ଡି ଜିଲ୍ଲାର ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେବି ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡି ରେ ପଡ଼ିରହିଛି। ବିଜେପି ସରକାର କେବଳ ପ୍ରଚାର ସର୍ବସ୍ୱ ସରକାର। ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଓ ପରେ ୬୯ ଟଙ୍କା ମିଶାଇ ଦେବାକୁ ଘୋଷଣା କରି ଏବେ ପଛଘୁଞ୍ଚା ଦେଉଛନ୍ତି ବୋଲି ବିଜେଡି ନେତା ମାନେ କହିଛନ୍ତି। କଟନୀଛଟନୀରେ ଅତିଷ୍ଠ ହୋଇ ପଡ଼ିଥିବା ଜିଲ୍ଲାର ଚାଷୀଙ୍କ ଉପରେ ମିଲର୍ସମାନେ ଦାଉ ସାଧୁଛନ୍ତି। ଶୀତ କାକରରେ ପଡ଼ି ଚାଷୀମାନେ ହନ୍ତସନ୍ତ ହେଉଥିବାବେଳେ ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ମେଳା, ମହୋତ୍ସବରେ ମଉଜ କରୁଛନ୍ତି। ଏପରିକି ଖୋଦ ଉପ-ମୁଖ୍ୟମନ୍ତ୍ରୀ ଚାଷୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରିବା ବଦଳରେ ସେମାନଙ୍କୁ ତାଚ୍ଛଲ୍ୟ କରିବାକୁ ପଛେଇନାହାନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ସେହିଭଳି ଆଜି ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି।




ରାଜ୍ୟର ଚାଷୀ, ମହିଳା, ସାଧାରଣ ଲୋକଙ୍କ ହକ ଓ ଅଧିକାର ପାଇଁ ବିଜୁ ଜନତା ଦଳ ସବୁବେଳେ ରହିଥିଲା ଆଗକୁ ବି ରହିବ ବୋଲି ଜିଲ୍ଲା ସଭାପତି ପ୍ରଦୀପ କୁମାର ଦିଶାରୀ କହିଛନ୍ତି । ସେହିପରି ମହିଳାଙ୍କ ଉପରେ ଅତ୍ୟାଚାର ବୃଦ୍ଧି, ରାଜ୍ୟରେ ସାମ୍ପ୍ରଦାୟିକ ଭେଦଭାବ ବୃଦ୍ଧି ସହିତ ରାଜ୍ୟରେ ଆଇନଶୃଙ୍ଖଳା ବିଗିଡ଼ିଯାଇଥିବା ଅଭିଯୋଗ କରି ବିଜେଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛି। ଏପରିକି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ବିଜେଡିର ବହୁ ନେତୃବୃନ୍ଦ ସାମିଲ ରାଜ୍ୟ ସରକାରଙ୍କ ବିରୋଧରେ ବିଷୋଦଗାର କରିଥିଲେ। ସେହିପରି ଅପରାହ୍ନରେ ବିଜେଡି ନେତା ଓ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଯାଇଥିବାବେଳେ ସେମାନଙ୍କୁ ପୋଲିସ ଅଟକାଇଥିଲା। ସେହିପରି ଜିଲ୍ଲାପାଳ ଆସିବାରେ ବିଳମ୍ବ କରିବା ସହିତ ତାଙ୍କ ପ୍ରତିନିଧି ଭାବେ ଭବାନୀପାଟଣା ଉପଜିଲ୍ଲାପାଳଙ୍କୁ ଆଲୋଚନା ପାଇଁ ପଠାଇଥିଲେ। କିନ୍ତୁ ଜିଲ୍ଲାପାଳ ନିଜେ ଆସି ଦାବିପତ୍ର ଗ୍ରହଣ କରିବାକୁ ଜିଦ ଧରି ଅଡ଼ି ବସିଥିଲେ ବିଜେଡି ନେତୃବୃନ୍ଦ।

ତେବେ ଦୀର୍ଘ ସମୟ ଧରି ଜିଲ୍ଲାପାଳ ନଆସିବାରୁ ଶତାଧିକ ବିଜେଡି ନେତା ଓ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ନାରାବାଜି କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବିଜେଡି ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ଓ ପ୍ରତିବାଦ ସଭାରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ପୁଷ୍ପେନ୍ଦ୍ର ସିଂହଦେଓ, ଗୋବର୍ଦ୍ଧନ ଦାଶ, ମହୋଷଧି ବାଗ, ପୂର୍ବତନ ସଦର ବିଧାୟକ ଦୁଷ୍ମନ୍ତ ନାଏକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ସୁଧୀରା ମେହେର, ସମବାୟ ବ୍ୟାଙ୍କ ସଭାପତି ଗିରୀଶ ଚନ୍ଦ୍ର ବେହେରା, ବିଜେଡି ବରିଷ୍ଠ ନେତା ପ୍ରଦୀପ ମୁଣ୍ଡ, ଧର୍ମେନ୍ଦ୍ର ନାଏକ, ଜିତେନ୍ଦ୍ର ମହାନ୍ତି, ଟିକେଲାଲ ସାହୁ, ଥବିର ସାହୁ, ନଗରପାଳ ବିଷ୍ଣୁ ପ୍ରଧାନ, ମହିଳା ସଭାନେତ୍ରୀ ଲଳିତା ନାଏକ, କଲ୍ୟାଣୀ ନାୟକ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ଯୁବ ରାଜ୍ୟ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ଉପସଭାପତି ମନିନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ଦୁର୍ଗାପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ର ନେତା ଅବିନାଶ ଠାକୁର ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଦଳର ବରିଷ୍ଠ ନେତା ଭବାନୀଶଙ୍କର ମିଶ୍ର ସଭା ପରିଚାଳନା କରିଥିଲେ।

### ନିର୍ବାଚନ ପାଖେଇ ଆସୁଥିବାରୁ

# ବାଂଲାଦେଶର ହିନ୍ଦୁ ସଂଖ୍ୟାଲଘୁ ଆତଙ୍କିତ



ଢାକା, ୫/୨: ମୁସଲମାନ ସଂଖ୍ୟାଗରିଷ୍ଠ ବାଂଲାଦେଶ ଫେବୃଆରି ୧୨ରେ ଜାତୀୟ ନିର୍ବାଚନ ଆଡକୁ ଗତି କରୁଥିବାରୁ ହିନ୍ଦୁମାନଙ୍କ ମଧ୍ୟରେ ଭୟ ଅଧିକ ବଢ଼ିବାରେ ଲାଗିଛି। ଢାକାର ହିନ୍ଦୁ ମାନବାଧିକାର କର୍ମୀ ରଞ୍ଜନ କର୍ମକାର କହିଛନ୍ତି, କେହି ଆଉ ସୁରକ୍ଷିତ ଅନୁଭବ କରୁନାହାନ୍ତି। ସମସ୍ତେ ଭୟଭୀତ ଅଛନ୍ତି। ବାଂଲାଦେଶରେ ହିନ୍ଦୁମାନେ ସଂଖ୍ୟାଲଘୁ। ସେମାନେ ଦେଶର ୧୭୦ ନିୟୁତ ଜନସଂଖ୍ୟାର ପ୍ରାୟ ୮%, ଯେତେବେଳେ କି ମୁସଲମାନମାନେ ୯୧% ଅଟନ୍ତି। ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ଏକ ଅମ୍ବ୍ରେଲା ଗୋଷ୍ଠୀ ବାଂଲାଦେଶ ହିନ୍ଦୁ-ବୌଦ୍ଧ-ଖ୍ରୀଷ୍ଟିଆନ ଏକତା ପରିଷଦ କହିଛି ଯେ ଅଗଷ୍ଟ ୨୦୨୪ରେ ଏକ ଜନ ବିଦ୍ରୋହରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ବହିଷ୍କାର କରାଯିବା ପରଠାରୁ ଏହା ୨,୦୦୦ରୁ ଅଧିକ ସାମ୍ପ୍ରଦାୟିକ ହିଂସା ଘଟଣା ନଥିଭୁକ୍ତ କରିଛି। ଅତି କମ୍‌ରେ ୬୧ଟି ହତ୍ୟା ଓ ୨୮ଟି ମହିଳା-ବିରୋଧୀ ହିଂସା ସହିତ ସଂଖ୍ୟାଲଘୁଙ୍କ ପୂଜାସ୍ଥଳ ଉପରେ ୯୫ଟି ଆକ୍ରମଣ ହୋଇଛି। ୟୁନୁସଙ୍କ ନେତୃତ୍ୱାଧୀନ ପ୍ରଶାସନ ନିୟମିତ ଭାବେ ଏଭଳି ହିଂସା ଖବରକୁ ଅସ୍ୱୀକାର କରୁଛି। ୟୁନୁସଙ୍କ ପ୍ରଶାସନ ସଂଖ୍ୟାଲଘୁ ସମ୍ପ୍ରଦାୟ ପାଇଁ ପର୍ଯ୍ୟାପ୍ତ ସୁରକ୍ଷା ସୁନିଶ୍ଚିତ କରିବାରେ ବିଫଳ ହୋଇଛି। କର୍ମକାର କହିଛନ୍ତି ଯେ, ନିର୍ବାଚନ ସମୟରେ ସଂଖ୍ୟାଲଘୁ ହିନ୍ଦୁଙ୍କ ଉପରେ ଅଧିକ ହିଂସା ହେବାର ସମ୍ଭାବନା ରହିଛି। ବାଂଲାଦେଶର ସର୍ବବୃହତ୍ ଇସଲାମବାଦୀ ଦଳ ଜମାତ୍-ଏ-ଇସଲାମି ଓ ଏହାର ଛାତ୍ର ଶାଖାର ପୁନରୁତ୍ଥାନ ସହିତ ହିନ୍ଦୁମାନଙ୍କ ବିରୋଧରେ ଆକ୍ରମଣ ବୃଦ୍ଧି ପାଇଛି। ହସିନାଙ୍କ ସରକାରଙ୍କ ଅଧୀନରେ ନିଷେଧାଦେଶ, ଗିରଫଦାରୀ ଓ ନିରନ୍ତର କଟକଣା ହେତୁ ସେମାନେ ପ୍ରଭାବହୀନ ଥିଲେ। ରାଜନୈତିକ ବିଶ୍ଲେଷକ ଅଲତାଫ ପରଭେଜ କହିଛନ୍ତି, ଭୋଟ୍ ପୂର୍ବରୁ ସଂଖ୍ୟାଲଘୁଙ୍କ ମଧ୍ୟରେ ଅଧିକ ଭୟ ସୃଷ୍ଟି କରିବା ପାଇଁ ଗ୍ରାମାଞ୍ଚଳରେ ଆକ୍ରମଣର ଏକ ବ୍ୟବସ୍ଥିତ ଢାଞ୍ଚା ଚାଲିଛି। ଏହା ଆଗାମୀ ନିର୍ବାଚନରେ ମଧ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟରଙ୍କ ଅଂଶଗ୍ରହଣ ଉପରେ ପ୍ରଭାବ ପକାଇବ।

## ଆସନ୍ତା ସପ୍ତାହରେ ଭାରତ- ଆମେରିକା ବାଣିଜ୍ୟ ଚୁକ୍ତି ନେଇ ମିଳିତ ବିବୃତ୍ତି

ନୂଆଦିଲ୍ଲୀ, ୫/୨: ଭାରତ- ଆମେରିକା ବାଣିଜ୍ୟ ଚୁକ୍ତିକୁ ନେଇ ତର୍କବିତର୍କ ଲାଗି ରହିଥିବାବେଳେ ଆସନ୍ତା ସପ୍ତାହରେ ଏହା ଉପରେ ଦୁଇ ଦେଶ ମିଳିତ ବିବୃତ୍ତି ଜାରି କରିପାରନ୍ତି। ଏହି ବିବୃତ୍ତି ବାଣିଜ୍ୟ ଚୁକ୍ତିକୁ ନେଇ ରହିଥିବା ଗୋପନୀୟତା ଉପରୁ ପରଦା ହଟେଇବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ବାଣିଜ୍ୟ ଚୁକ୍ତିକୁ ନେଇ ଏକତରଫା ଘୋଷଣା କରିଥିଲେ ଯେ, ଏହି ଚୁକ୍ତି ଭାରତରେ ଶୁଳ୍କକୁ ୫୦%ରୁ ୧୮%କୁ ହ୍ରାସ କରିବ। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ବିଷୟରେ କିଛି ତଥ୍ୟ ରହିନଥିଲା। ଯାହାକୁ ନେଇ ଅନିଶ୍ଚିତତା ପ୍ରକାଶ ପାଇବା ସହିତ ବିରୋଧୀ ଦଳମାନେ ତୀବ୍ର ସମାଲୋଚନା କରିଥିଲେ। ଆସନ୍ତା ସପ୍ତାହରେ ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଭାରତ ଗସ୍ତରେ ଆସୁଛନ୍ତି। ଉଭୟ ଭାରତ-ଆମେରିକା ପକ୍ଷରୁ ଯୁଗ୍ମ ବିବୃତ୍ତି ପ୍ରଦାନ କରାଯିବା ପରେ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରିବ। ଏହି ଚୁକ୍ତିକୁ ନେଇ ଆଲୋଚନା ଗୋଟିଏ ବର୍ଷ ଧରି ଚାଲିଥିଲା ଏବଂ ଭାରତ-ଆମେରିକା ସମ୍ପର୍କ ସର୍ବକାଳୀନ ସର୍ବନିମ୍ନ ସ୍ତରରେ ପହଞ୍ଚିଥିଲା। ତେବେ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କୃଷି, ଦୁଗ୍ଧ ଓ ମତ୍ସ୍ୟଚାଷ ପରି ସମ୍ବେଦନଶୀଳ କ୍ଷେତ୍ରକୁ ଏଥିରେ ସୁରକ୍ଷିତ ରଖାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ନେଇ ଚୁକ୍ତି ବିଳମ୍ବିତ ହୋଇଥିଲା। ଗତ ମାସରେ ଆମେରିକାର ବାଣିଜ୍ୟ ମନ୍ତ୍ରୀ ହାୱାର୍ଡ ଲୁଟନିକ୍ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ମୋଦୀ ଗତ ବର୍ଷ ସିଧାସଳଖ ଚୁକ୍ତିନାମାରେ ମୋହର ମାରିବା ପାଇଁ ଟ୍ରମ୍ପଙ୍କୁ ଡାକି ତାଙ୍କ ଅହଂକାର ବଢ଼ାଇ ନଥିଲେ।

### ପୁଣି ହନିମୁନରେ ସ୍ୱାମୀଙ୍କୁ ହତ୍ୟା କଲେ ସ୍ତ୍ରୀ

## ପ୍ରେମିକ ସହ ମିଶି ରଚିଲେ ଦୁର୍ଘଟଣାର ନାଟକ

ଶ୍ରୀଗଙ୍ଗାନଗର,୫।୨: ରାଜସ୍ଥାନରୁ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡର ଖବର ସାମ୍ନାକୁ ଆସିଛି। ଜଣେ ନବବିବାହିତ ଯୁବକଙ୍କୁ ତାଙ୍କ ସ୍ତ୍ରୀ ନିଜ ପ୍ରେମିକ ସହ ମିଶି ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ପ୍ରଥମେ ଏହା ଏକ 'ହିଟ୍-ଏଣ୍ଡ-ରନ୍' ମାମଲା ଭଳି ମନେ ହେଉଥିଲେ ମଧ୍ୟ ପୋଲିସ ତଦନ୍ତ ପରେ ଏହି ଜଘନ୍ୟ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ହୋଇଛି। ୩ ମାସ ପୂର୍ବରୁ ଆଶିଷ ଏବଂ ଅଞ୍ଜୁଙ୍କ ବିବାହ ହୋଇଥିଲା। ଗତ ଜାନୁଆରୀ ୩୦ ତାରିଖ ରାତି ପ୍ରାୟ ୯ଟା ସମୟରେ ଉଭୟ ଖାଇସାରି ବୁଲିବାକୁ ଯାଇଥିଲେ। ଅଞ୍ଜୁଙ୍କ କହିବା ଅନୁଯାୟୀ, ଏକ ଅଜ୍ଞାତ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଯେଉଁଥିରେ ଆଶିଷଙ୍କ ମୃତ୍ୟୁ ଘଟିଥିଲା। କେବଳ ସେତିକି ନୁହେଁ, ଅଭିଯୁକ୍ତମାନେ ଅଞ୍ଜୁଙ୍କ ସୁନା ଅଳଙ୍କାର ଲୁଟି ନେଇଥିବା ଏବଂ ସେ ଅଚେତ ହୋଇ ପଡ଼ିଥିବା ସେ ପୋଲିସକୁ କହିଥିଲେ। ଶ୍ରୀଗଙ୍ଗାନଗର ଏସପି ଅମୃତା ଦୁହାନଙ୍କ ସୂଚନା ଅନୁଯାୟୀ, ପୋଲିସର ତଦନ୍ତ ସମୟରେ ଅଞ୍ଜୁଙ୍କ ବୟାନରେ ଅନେକ ଅସଙ୍ଗତି ଦେଖାଦେଇଥିଲା। ଆଶିଷଙ୍କ ଶରୀରରେ ଆଘାତ ଚିହ୍ନ ସହ ଗଳା ଚିପି ହତ୍ୟା କରାଯାଇଥିବା ପ୍ରମାଣ ମିଳିଥିଲା। ଅନ୍ୟପଟେ, ଅଞ୍ଜୁଙ୍କ ଶରୀରରେ କୌଣସି ଆଘାତ ନଥିଲା। ପରେ ଅଞ୍ଜୁ ନିଜ ପୂର୍ବ ପ୍ରେମିକ ସଞ୍ଜୁ ସହ ନିୟମିତ ଯୋଗାଯୋଗରେ ଥିବା ଜଣାପଡ଼ିଥିଲା। ତେବେ ରିପୋର୍ଟ ଅନୁଯାୟୀ ଅଞ୍ଜୁ ନିଜ ବାହାଘରରେ ଖୁସି ନଥିଲେ। ପ୍ରେମିକ ସଞ୍ଜୁ ସହ ମିଶି ଆଶିଷଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲେ। ସଞ୍ଜୁ ଏବଂ ତାଙ୍କର ଦୁଇ ସହଯୋଗୀ (ରକି ଓ ବାଦଲ) ପୂର୍ବରୁ ଏକ ନିଛାଟିଆ ରାସ୍ତାରେ ଲୁଚି ରହିଥିଲେ। ଅଞ୍ଜୁ ଆଶିଷଙ୍କୁ ସେହି ସ୍ଥାନକୁ ନେଇଯିବା ପରେ ସମସ୍ତେ ମିଶି ତାଙ୍କୁ ହତ୍ୟା କରିଥିଲେ। ଲୁଟ୍‌ର ରୂପ ଦେବା ପାଇଁ ଅଞ୍ଜୁ ନିଜ ଫୋନ୍ ଓ କାନଫୁଲ ସେମାନଙ୍କୁ ଦେଇଦେଇଥିଲେ। ଏହି ଘଟଣାଟି କିଛି ଦିନ ପୂର୍ବରୁ ମେଘାଳୟରେ ଘଟିଥିବା 'ସୋନମ୍ ଓ ରାଜା' ହତ୍ୟାକାଣ୍ଡ ସହ ବହୁତ ମେଳ ଖାଉଛି। ଯେଉଁଠି ସ୍ତ୍ରୀ ସୋନମ୍ ନିଜ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହନିମୁନ୍ ସମୟରେ ହତ୍ୟା କରିଥିଲେ। ବର୍ତ୍ତମାନ ପୋଲିସ ଅଞ୍ଜୁ, ପ୍ରେମିକ ସଞ୍ଜୁ ଏବଂ ଅନ୍ୟ ଦୁଇ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## 'ବେଆଇନ ପ୍ରବାସୀ'ଙ୍କ ବିରୋଧରେ 'ଅସହଯୋଗ' ଆବଶ୍ୟକ: ଆସାମ ମୁଖ୍ୟମନ୍ତ୍ରୀ



ଶିବସାଗର, ୫/୨: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ବାଂଲାଦେଶୀ ବଂଗଭାଷୀ ମୁସଲିମଙ୍କ ବେଆଇନ ଅନୁପ୍ରବେଶ ବିରୋଧରେ ବୟାନବାଜି ଜାରି ରଖିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଉଦ୍ଧୃତି ଦେଇ ସେ କହିଛନ୍ତି ଯେ, ଅସହଯୋଗ ଓ ଆଇନ ଅମାନ୍ୟ ହେଉଛି ଏକ ପରିବେଶ ସୃଷ୍ଟି କରିବାର ଉପାୟ ଯେଉଁଥିରେ ସେମାନେ ଆସାମରେ ରହିପାରିବେ ନାହିଁ। ଶିବସାଗର ଜିଲ୍ଲାରେ ଏକ କାର୍ଯ୍ୟକ୍ରମରେ ଭାଷଣ ଦେଇ ଶର୍ମା କହିଲେ, ପ୍ରତିଦିନ ଆମେ ସେମାନଙ୍କ ମଧ୍ୟରୁ ୨୦ କିମ୍ବା ୩୦ ଜଣଙ୍କୁ ବହିଷ୍କାର କରୁ। କିନ୍ତୁ ଆମେ ସେମାନଙ୍କୁ ଧାଡ଼ିରେ ଠିଆ କରିପାରିବୁ ନାହିଁ, ଟ୍ରେନ୍‌ରେ ବସାଇ ବାଂଲାଦେଶ ପଠାଇ ପାରିବୁ ନାହିଁ। ଆମେ ସେମାନଙ୍କୁ ପଠାଇବା ପରିବର୍ତ୍ତେ, ସେମାନଙ୍କ ପାଇଁ ନିଜେ ଯିବାର ବ୍ୟବସ୍ଥା କରିବା ଉଚିତ। ବର୍ତ୍ତମାନ ଆମେ ୧.୫ ଲକ୍ଷ ବିଘା (୩ ବିଘା ୧ ଏକର) ଜମିକୁ ଉଚ୍ଛେଦ କରିଛୁ। ସେମାନଙ୍କୁ ଜମି ମିଳିବ ନାହିଁ, ଏଣୁ ସେମାନଙ୍କୁ ଆସାମ ଛାଡ଼ି ଚାଲିଯିବାକୁ ପଡ଼ିବ। ସେ କହିଛନ୍ତି, ମୋର ଧାରଣା ହେଉଛି ଏପରି ଏକ ପରିବେଶ ସୃଷ୍ଟି କରିବା ଯେଉଁଥିରେ ସେମାନେ ଆସାମରେ ରହିପାରିବେ ନାହିଁ। ସେମାନଙ୍କୁ ଜମି ଦିଅ ନାହିଁ, ଗାଡ଼ି ଦିଅ ନାହିଁ, ସେମାନଙ୍କୁ ରିକ୍ସା ଦିଅ ନାହିଁ, ସେମାନଙ୍କୁ ଠେଲା ଦିଅ ନାହିଁ। ତା'ପରେ ବାଂଲାଦେଶୀମାନେ ନିଜେ ନିଜେ ଛାଡ଼ି ଚାଲିଯିବେ। ପ୍ରତିଦିନ ୨୦-୨୫ ଜଣଙ୍କୁ ବାଂଲାଦେଶ ପଠାଯାଉଛି। କୋର୍ଟକୁ ଯିବାକୁ କାହାର ସାହସ ନାହିଁ ବୋଲି ସେ କହିଛନ୍ତି। ସେ କହିଛନ୍ତି ଏହାକୁ ମହାତ୍ମା ଗାନ୍ଧୀଙ୍କ ଅସହଯୋଗ କୁହାଯାଏ। ମହାତ୍ମା ଗାନ୍ଧୀ ଆମକୁ ଦୁଇଟି କଥା ଶିଖାଇଥିଲେ- ଅସହଯୋଗ ଓ ଆଇନ ଅମାନ୍ୟ। ଯେତେବେଳେ ଆସାମର ଲୋକମାନେ ଅସହଯୋଗ ଓ ଆଇନ ଅମାନ୍ୟ କରିବେ, ସେତେବେଳେ ସେମାନେ ନିଜେ ଚାଲିଯିବେ। ରିକ୍ସାରେ ଚଢ଼ିବା ପୂର୍ବରୁ ଚିନ୍ତା କରନ୍ତୁ ଯେ ଆପଣ କାହା ରିକ୍ସାରେ ଯାଉଛନ୍ତି। ଏହା ପରେ ସେ ବାଂଲାଦେଶରୁ ଆସିଥିବା ବେଆଇନ ପ୍ରବାସୀ 'ମିଆଁ' ଓ ମୁସଲମାନମାନଙ୍କ ମଧ୍ୟରେ ପାର୍ଥକ୍ୟ କରିଥିଲେ। ସେ କହିଥିଲେ, ମିଆଁଙ୍କ ନାମରେ ମୁସଲମାନଙ୍କୁ ହଇରାଣ କରନ୍ତୁ ନାହିଁ। ମୁସଲମାନଙ୍କ ନାଁରେ ମିଆଁମାନଙ୍କୁ ସୁରକ୍ଷା ଦିଅନ୍ତୁ ନାହିଁ। ଆମେ ବାଂଲାଦେଶରୁ ଆସିଥିବା ମିଆଁମାନଙ୍କ ସହ କୌଣସି ସମ୍ପର୍କ ରଖିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

## ନାଇଜେରିଆ ନରସଂହାର: ୧୬୨ ଜଣଙ୍କ ଜୀବନ ନେଲେ



ଆବୁଜା, ୫/୨: ପଶ୍ଚିମ ନାଇଜେରିଆର ଦୁଇଟି ଗାଁରେ ସଶସ୍ତ୍ର ଉଗ୍ରବାଦୀମାନେ ଆକ୍ରମଣ କରି ୧୬୨ ଜଣଙ୍କୁ ନିର୍ମମ ଭାବରେ ହତ୍ୟା କରି ରକ୍ତର ନଦୀ ବୁହାଇଛନ୍ତି ।ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ସୁରକ୍ଷା ସଙ୍କଟ ଆହୁରି ଘନିଭୂତ ହୋଇଛି। ମଙ୍ଗଳବାର ସନ୍ଧ୍ୟାରେ କ୍ୱାରା ରାଜ୍ୟର ୱାରୋ ଓ ନୁକୁ ଗ୍ରାମକୁ ଟାର୍ଗେଟ କରାଯାଇଥିଲା। ଅଞ୍ଚଳର ପ୍ରତିନିଧିତ୍ୱ କରୁଥିବା ସାଂସଦ ମହମ୍ମଦ ଓମାର ବାୟୋ କହିଛନ୍ତି,ଆକ୍ରମଣ ଇସଲାମିକ୍ ଷ୍ଟେଟ୍ ସହ ଜଡିତ ସଶସ୍ତ୍ର ଗୋଷ୍ଠୀ ଲାକୁରାୱା ଦ୍ୱାରା କରାଯାଇଥିଲା। ସାମ୍ପ୍ରତିକ ମାସ ମଧ୍ୟରେ ନାଇଜେରିଆର ଗ୍ରାମଗୁଡ଼ିକ ଉପରେ ହୋଇଥିବା ସବୁଠାରୁ ଭୟଙ୍କର ଆକ୍ରମଣ ମଧ୍ୟରୁ ଏହା ଗୋଟିଏ ବୋଲି ସେ କହିଛନ୍ତି ଭୟଙ୍କର ହତ୍ୟାକାଣ୍ଡ ପରେ, ଗାଁ ସାରା ମୃତଦେହ ପଡ଼ି ରହିଥିଲା। କ୍ୱାରା ରାଜ୍ୟ ରେଡକ୍ରସ ସଚିବ ଆୟୋଡେଜି ଇମାନୁଏଲ ବାବାଓମୋ କହିଛନ୍ତି ଯେ ସଂଗଠନ ଏପର୍ଯ୍ୟନ୍ତ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ପହଞ୍ଚିପାରିନାହିଁ କାରଣ ସେଗୁଡ଼ିକ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ। ଏହି ଅଞ୍ଚଳ ରାଜ୍ୟ ରାଜଧାନୀରୁ ପ୍ରାୟ ଆଠ ଘଣ୍ଟା ଦୂରରେ ଓ ନାଇଜେରିଆ-ବେନିନ୍ ସୀମା ନିକଟରେ ଅବସ୍ଥିତ। ସ୍ଥାନୀୟ ଟିଭି ଚ୍ୟାନେଲରେ ପ୍ରଦର୍ଶିତ ଫୁଟେଜରେ ରକ୍ତାକ୍ତ ମୃତଦେହ ହାତ ବନ୍ଧା ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି। ଘରଗୁଡ଼ିକ ଜଳୁଥିବା ମଧ୍ୟ ଦେଖାଯାଇଛି। କ୍ୱାରା ରାଜ୍ୟର ରାଜ୍ୟପାଳ ଅବଦୁଲରହମାନ ଅବଦୁଲରାଜାକ ଏହି ଆକ୍ରମଣକୁ ଆତଙ୍କବାଦୀ ଉଗ୍ରବାଦୀ ଗୋଷ୍ଠୀଗୁଡ଼ିକର ହତାଶାର ପରିଣାମ ଓ ସଶସ୍ତ୍ର ଆତଙ୍କବାଦୀଙ୍କ ବିରୋଧରେ ଚାଲିଥିବା ସାମରିକ ଅଭିଯାନର ଜବାବରେ ହୋଇଥିବା ଏକ କାପୁରୁଷ ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି। ପ୍ରତିଶୋଧ ନେବା ପାଇଁ ଆକ୍ରମଣ ହୋଇଥିବା ସେ କହିଛନ୍ତି।

## ଶହେଟି ବକ୍ସରୁ ମିଳିଲା ୧୮ ହଜାର ଜେଲେଟିନ୍ ଷ୍ଟିକ୍



କେରଳ, ୫/୨: କେରଳର ପାଲକ୍କଡ ସାଉଥ୍ ପୁଲିସ ହାତରେ ଲାଗିଛି ବିପୁଳ ବିସ୍ଫୋରକ ସାମଗ୍ରୀ। ଯାହାକୁ ତରଭୁଜ ପେଟିରେ ପ୍ୟାକ୍ କରି ଏକ ମିନି-ଲରିରେ ଚୋରା ଚାଲାଣ କରାଯାଉଥିଲା। ବୁଧବାର ରାତି ପ୍ରାୟ ୯ଟାରେ ପାଲକ୍କଡ ସରକାରୀ ମେଡିକାଲ କଲେଜ ନିକଟ ଯକ୍କାରା ସର୍ଭିସ ରୋଡରେ ଏହି ବିସ୍ଫୋରକଗୁଡ଼ିକୁ ଜବତ କରାଯାଇଛି। ଏହି ଘଟଣାରେ, ପୁଲିସ ଲରି ଡ୍ରାଇଭର ସେନ୍ଥିଲ କୁମାରଙ୍କୁ ଅଟକ ରଖିଛି, ଯିଏ ତାମିଲନାଡୁର ବାସିନ୍ଦା ବୋଲି ଜଣାପଡ଼ିଛି। ପୁଲିସ କହିବା ଅନୁଯାୟୀ, ସାଉଥ୍ ଇନ୍ସପେକ୍ଟର ବିପିନ କୁମାରଙ୍କ ଦ୍ୱାରା ମିଳିଥିବା ସୂଚନା ଆଧାରରେ ଏହି ଅପରେସନ୍ କରାଯାଇଥିଲା। ସୂଚନା ପାଇବା ପରେ, ପୁଲିସ କଡ଼ାକଡ଼ି ଭାବେ ସନ୍ଦିଗ୍ଧ ଯାନବାହାନର ଯାଞ୍ଚ ଆରମ୍ଭ କରିଥିଲା। ଏକ ମିନି-ଲରିକୁ ଅଟକାଇବାକୁ ଚେଷ୍ଟା କରାଯାଇଥିଲା, କିନ୍ତୁ ଡ୍ରାଇଭର ଗାଡ଼ିକୁ ଅଟକାଇନଥିଲା। ତା'ପରେ ପୁଲିସ ଲରିକୁ ପିଛା କରିଥିଲା ଓ ଶେଷରେ ସର୍ଭିସ ରୋଡରେ ଗାଡ଼ିକୁ ଅଟକାଇବାରେ ସଫଳ ହୋଇଥିଲା। ଯେତେବେଳେ ପୁଲିସ ଲରିକୁ ଯାଞ୍ଚ କରିଥିଲା ସେତେବେଳେ ଯାହା ସାମ୍ନାକୁ ଆସିଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଦେଲା। ଲରି ତଳେ ଶହେରୁ ଅଧିକ ବାକ୍ସ ଲୁଚାଯାଇଥିଲା, ଯାହା ତରଭୁଜରେ ପୂର୍ଣ୍ଣ ଦେଖାଯାଉଥିଲା, ଯେଉଁଥିରେ ପ୍ରାୟ ୧୮ ହଜାର ଜେଲେଟିନ୍ ଷ୍ଟିକ୍ ଏବଂ ୪ହଜାର ୮ଶହ ଡେଟୋନେଟର ରଖାଯାଇଥିଲା। ପୁଲିସର କହିବା ଅନୁସାରେ, ଏଗୁଡ଼ିକ ଅତ୍ୟନ୍ତ ବିପଜ୍ଜନକ ଓ ମହଙ୍ଗା ବିସ୍ଫୋରକ। ଏଗୁଡ଼ିକ ସାଧାରଣତଃ ଖଣି ଓ ପଥର ଭାଙ୍ଗିବା କାମରେ ବ୍ୟବହୃତ ହୁଏ। ସୁରକ୍ଷାକୁ ଧ୍ୟାନରେ ରଖି, ବିସ୍ଫୋରକଗୁଡ଼ିକୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବା ପାଇଁ ବମ୍ ସ୍କ୍ୱାଡ୍ କୁ ମଧ୍ୟ ଘଟଣାସ୍ଥଳକୁ ଡକାଯାଇଥିଲା। ସେପଟେ, ପ୍ରାରମ୍ଭିକ ପଚରାଉଚରାରେ ଡ୍ରାଇଭର ସେନ୍ଥିଲ କୁମାର କହିଛି, ଏହି ବିସ୍ଫୋରକଗୁଡ଼ିକ ତାମିଲନାଡୁର ଧରାପୁରମ ଅଞ୍ଚଳ ଥୁପ୍ପୁରରୁ ଅଣାଯାଉଥିଲା ଏବଂ ଏଗୁଡ଼ିକୁ କେରଳର ତ୍ରିସୁର ଜିଲ୍ଲାକୁ ପଠାଯିବାକୁ ଥିଲା। ତଥାପି, ପୁଲିସ ସନ୍ଦେହ କରୁଛି ଯେ ଏହା ପଛରେ ଏକ ବଡ଼ ଚୋରା ଚାଲାଣ ନେଟୱାର୍କ କାମ କରୁଛି। ତେଣୁ ଏହି ବିସ୍ଫୋରକଗୁଡ଼ିକ କାହା ପାଇଁ ଏବଂ କେଉଁ ଉଦ୍ଦେଶ୍ୟରେ ପଠାଯାଉଥିଲା ତାହା ଜାଣିବା ପାଇଁ ଡ୍ରାଇଭରଙ୍କୁ ପୁଙ୍ଖାନୁପୁଙ୍ଖ ପଚରାଉଚରା କରାଯାଉଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି, ଏହା ପ୍ରଥମ ଘଟଣା ନୁହେଁ। ଗତ ବର୍ଷ ମଧ୍ୟ ପାଲକ୍କଡ ଓ କୋଏମ୍ବାଟୁର ପୁଲିସ ମିଳିତ ଭାବରେ ତାମିଲନାଡୁରୁ କେରଳକୁ ଅଣାଯାଉଥିବା ୪୦ ହଜାରରୁ ଅଧିକ ଜିଲାଟିନ୍ ଷ୍ଟିକ୍ ଓ ପ୍ରାୟ ୫ହଜାର ଡେଟୋନେଟର ଜବତ କରିଥିଲା। ବର୍ତ୍ତମାନ, ପୁଲିସ ପ୍ରତ୍ୟେକ ଦୃଷ୍ଟିକୋଣରୁ ଏହି ଘଟଣାର ତଦନ୍ତ କରୁଛି।

### ଓମ୍ ବିର୍ଲାଙ୍କ ବିସ୍ଫୋରକ ବୟାନ

## ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଆକ୍ରମଣ ପାଇଁ ହୋଇଥିଲା ଷଡଯନ୍ତ୍ର

ନୂଆଦିଲ୍ଲୀ, ୫/୨: ବିସ୍ଫୋରକ ବୟାନ ରଖିଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା। ପ୍ରଧାନମନ୍ତ୍ରୀଙ୍କ ଉପରେ ଆକ୍ରମଣକୁ ନେଇ କଲେ ବଡ ଖୁଲାସା। କହିଲେ ସଂସଦରେ ପିଏମ ମୋଦୀଙ୍କ ଉପରେ ଆକ୍ରମଣ ପାଇଁ ହୋଇଥିଲା ଭୟଙ୍କର ଷଡଯନ୍ତ୍ର। ବିରୋଧୀ ମାନେ ଏହି ଷଡଯନ୍ତ୍ର ରଚିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ସମ୍ପର୍କରେ ଲୋକସଭାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଭାଷଣ ସ୍ଥଗିତ ରଖିବା ଉପରେ ବାଚସ୍ପତି ଓମ୍ ବିର୍ଲା ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, କଂଗ୍ରେସ ସାଂସଦ ମାନେ ପ୍ରଧାନମନ୍ତ୍ରୀଙ୍କ ଚୌକି ଘେରି ରହିଥିଲେ, ତେଣୁ ସେ ତାଙ୍କୁ ଲୋକସଭାକୁ ନ ଆସିବାକୁ ପରାମର୍ଶ ଦେଇଥିଲେ। ବାଚସ୍ପତି କହିଛନ୍ତି, 'ଗତକାଲି ଗୃହରେ କ'ଣ ଘଟିଥିଲା ତାହା ଦେଶ ଦେଖିଛି।


## ଇସ୍ରାଏଲର ପାଲଟା ଆକ୍ରମଣରେ ଗାଜାରେ ୨୩ ମୃତ

ଗାଜା, ୫/୨: ଗାଜାରେ ଇସ୍ରାଏଲ କରିଛି ଏକ ବଡ଼ ଆକ୍ରମଣ, ଯେଉଁଥିରେ ଅତି କମ୍‌ରେ ୨୩ ଜଣ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ଅକ୍ଟୋବରରେ ଅସ୍ତ୍ରବିରତି ଆରମ୍ଭ ହେବା ପରଠାରୁ ଏହାକୁ ସବୁଠାରୁ ମାରାତ୍ମକ ବୋଲି କୁହାଯାଉଛି। ଗାଜାସ୍ଥିତ ଡାକ୍ତରଖାନା ସୂତ୍ରରୁ ପ୍ରକାଶ ଯେ, ବୁଧବାର ମୃତାହତଙ୍କ ମଧ୍ୟରେ ଜଣେ ୧୧ ବର୍ଷୀୟା ବାଳିକାଙ୍କ ସମେତ ଅନେକ ଶିଶୁ ଅଛନ୍ତି। ତେବେ ପ୍ରଥମେ ହମାସ ଅସ୍ତ୍ରବିରତି ଉଲ୍ଲଂଘନ କରିବାରୁ ଆମେ ଆକ୍ରମଣ କଲୁ ବୋଲି ଇସ୍ରାଏଲ ପ୍ରତିକ୍ରିୟା ଦେଇଛି। ଗାଜା ସିଟିର ତୁଫା ଓ ଜୈତୁନ ପଡ଼ୋଶୀ ଅଞ୍ଚଳରେ ଇସ୍ରାଏଲ୍ ଗୁଳି ବିନିମୟରେ ଅତି କମ୍‌ରେ ୧୪ ଜଣଙ୍କର ମୃତ୍ୟୁ ଘଟିଛି। ଦକ୍ଷିଣ ଗାଜାର ଖାନ୍ ୟୁନିସ୍‌ର ଦକ୍ଷିଣରେ ଥିବା କିଜାନ୍ ଆବୁ ରସ୍ୱାନ୍ ଅଞ୍ଚଳରେ ବିସ୍ଥାପିତ ଲୋକଙ୍କୁ ଆଶ୍ରୟ ଦେଉଥିବା ତମ୍ବୁ ଉପରେ ହୋଇଥିବା ଆକ୍ରମଣରେ ଅନ୍ୟ ଚାରି ଜଣଙ୍କର ମୃତ୍ୟୁ ହୋଇଥିବା ଖବର ମିଳିଛି। ଅଲ-ମାୱାସି ଉପକୂଳ ତମ୍ବୁ ଶିବିର ଉପରେ ଇସ୍ରାଏଲର ବିମାନ ଆକ୍ରମଣରେ ଆଉ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ପାଲେଷ୍ଟାଇନ ରେଡ୍ କ୍ରିସେଣ୍ଟ ସୋସାଇଟି କହିଛି ଯେ, ପୀଡିତଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ପ୍ରଥମ ରିପୋର୍ଟକାରୀ ହୁସେନ୍ ହାସନ ହୁସେନ୍ ଅଲ୍-ସୁମାଇରୀ। ଖାନ୍ ୟୁନିସଙ୍କ ରିପୋର୍ଟରେ ଅଲ୍ ଜଜିରାର ତାରେକ ଆବୁ ଆଜୁମ କହିଛନ୍ତି ଯେ, ଗାଜା ସହରର ଅନେକ ଆବାସିକ ଘରକୁ କୌଣସି ପୂର୍ବ ଚେତାବନୀ ବିନା ସିଧାସଳଖ ଟାର୍ଗେଟ୍ କରାଯାଇଛି। ଆମେରିକାର ମଧ୍ୟସ୍ଥତାରେ ଅସ୍ତ୍ରବିରତି ଲାଗୁ ହୋଇଥିବା ସତ୍ତ୍ୱେ ଏହି ଆକ୍ରମଣ ଘଟିଛି। ସେ କହିଛନ୍ତି ଯେ, ଗତ କିଛି ଘଣ୍ଟା ମଧ୍ୟରେ ଗାଜାରେ ଇସ୍ରାଏଲର ସାମରିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଇସ୍ରାଏଲ ସେନା କହିଛି ଯେ, ଜଣେ ରିଜର୍ଭ ଅଧିକାରୀ ହମାସର ଗୁଳିମାଡ଼ରେ ଗୁରୁତର ଆହତ ହେବା ପରେ ଏହାର ସଶସ୍ତ୍ର ୟୁନିଟ୍ ଓ ବିମାନ ଉତ୍ତର ଗାଜାରେ ଆକ୍ରମଣ କରିଥିଲା। ତେଣୁ ଆମେ ନୁହଁ ହମାସ ଅସ୍ତ୍ରବିରତି ଉଲ୍ଲଂଘନ କରିଛି ବୋଲି ଇସ୍ରାଏଲ ସେନା କହିଛି।


## ଭାରତ-ଜିସିସି ଏଫ୍‌ଟିଏ ଆଲୋଚନା ଆରମ୍ଭ ହେବ

ନୂଆଦିଲ୍ଲୀ, ୫/୨: ଭାରତ ଏବଂ ୬ ସଦସ୍ୟ ବିଶିଷ୍ଟ ଉପସାଗରୀୟ ସହଯୋଗ ପରିଷଦ (ଜିସିସି) ମଧ୍ୟରେ ପ୍ରସ୍ତାବିତ ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ଆଲୋଚନା ଆନୁଷ୍ଠାନିକ ଭାବେ ଆରମ୍ଭ କରିବା ପାଇଁ ଗୁରୁବାର ସର୍ତ୍ତାବଳିରେ ସ୍ୱାକ୍ଷର ହୋଇଛି। ଉଭୟ ପକ୍ଷ ମଧ୍ୟରେ ବାଣିଜ୍ୟ ଓ ନିବେଶ ବଢ଼ାଇବା ଏହାର ଲକ୍ଷ୍ୟ। ଜିସିସି ସହିତ ସର୍ତ୍ତାବଳି ସ୍ୱାକ୍ଷର ଅବସରରେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଉପସ୍ଥିତ ଥିଲେ। ଜିସିସିରେ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କତର, କୁଏତ, ଓମାନ ଓ ବାହାରିନ ରହିଛନ୍ତି। ଉଭୟ ପକ୍ଷ ପରସ୍ପର ସହିତ ୫ ହଜାରରୁ ଅଧିକ ବର୍ଷ ହେଲା ବାଣିଜ୍ୟ କରି ଆସୁଛନ୍ତି। ପ୍ରାୟ ୧୦ ନିୟୁତ ଭାରତୀୟ ସଂପ୍ରତି ଜିସିସି ଅଞ୍ଚଳରେ ବସବାସ କରୁଛନ୍ତି। ଉଭୟ ପକ୍ଷ ମଧ୍ୟରେ ଏବେ ପ୍ରାୟ ୧୭୯ ବିଲିଅନ ଡଲାରର ବାଣିଜ୍ୟ ହେଉଛି। ୟୁଏଇ ସହିତ ଭାରତ ୨୦୨୨ ମେ ମାସରୁ ମୁକ୍ତ ବାଣିଜ୍ୟ ରାଜିନାମା କାର୍ଯ୍ୟକାରୀ କରିଛି। ଭାରତ ଓ ଓମାନ ମଧ୍ୟରେ ବ୍ୟାପକ ଅର୍ଥନୈତିକ ସହଭାଗିତା ରାଜିନାମା (ସିଇପିଏ) ମସ୍କଟଠାରେ ୨୦୨୫ ଡିସେମ୍ବର ୧୮ରେ ସ୍ୱାକ୍ଷର ହୋଇଛି। ନିକଟ ଅତୀତରେ ଭାରତ ୩୮ଟି ବିକଶିତ ଦେଶ ସହିତ ୯ଟି ବାଣିଜ୍ୟ ରାଜିନାମା କରିଛି ବୋଲି ଗୋୟଲ କହିଛନ୍ତି। ଗତ ଆର୍ଥିକବର୍ଷରେ ୟୁଏଇ ଭାରତର ତୃତୀୟ ବୃହତ୍ ବାଣିଜ୍ୟିକ ସହଯୋଗୀ ରହିଥିଲା। ସେହିଭଳି ସାଉଦି ଆରବ ପଞ୍ଚମ ବୃହତ୍, କତର ୨୨ତମ ବୃହତ୍, ଓମାନ ୨୮ତମ ବୃହତ୍, କୁଏତ ୨୯ତମ ବୃହତ୍ ଏବଂ ବାହାରିନ ୬୫ତମ ବୃହତ୍ ବାଣିଜ୍ୟିକ ସହଯୋଗୀ ରହିଥିଲା।

## ଚାଇନିଜ୍ ମାଞ୍ଜା ଉପରେ ପ୍ରତିବନ୍ଧକ ଲଗାଇଲେ ସରକାର



ଉତ୍ତରପ୍ରଦେଶ, ୫।୨: ସମଗ୍ର ଉତ୍ତର ପ୍ରଦେଶରେ ଚାଇନିଜ୍ ସୂତା ଉପରେ ଲଗାଯାଇଛି ପ୍ରତିବନ୍ଧକ । ମାଞ୍ଜା ସୂତାରେ ବାରମ୍ବାର ଦୁର୍ଘଟଣା ପରେ ଘଟଣାକୁ ଗମ୍ଭୀରତାର ସହ ନେଇ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ନିଷ୍ପତ୍ତି ନେଇଛନ୍ତି । ଏବେ ଉତ୍ତର ପ୍ରଦେଶରେ ଚାଇନିଜ୍ ସୂତା ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଚାଇନିଜ୍ ସୂତାର ବିକ୍ରୟ ଏବଂ ଉପଲବ୍ଧତାକୁ ରୋକିବା ପାଇଁ ରାଜ୍ୟବ୍ୟାପୀ ଚଢ଼ାଉ କରିବାକୁ ମୁଖ୍ୟମନ୍ତ୍ରୀ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଚାଇନିଜ୍ ମାଞ୍ଜା ଯୋଗୁଁ ଯେକୌଣସି ଜୀବନହାନିକୁ ହତ୍ୟା ବୋଲି ବିବେଚନା କରାଯିବ ଏବଂ ସେହି ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, କୌଣସି ସ୍ତରରେ ଅବହେଳା ନ ଘଟେ ତାହା ନିଶ୍ଚିତ କରିବା ପାଇଁ ଏହି ରାଜ୍ୟବ୍ୟାପୀ ଅଭିଯାନର ନିୟମିତ ଭାବରେ ସର୍ବୋଚ୍ଚ ସ୍ତରରେ ସମୀକ୍ଷା କରାଯିବ । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଚାଇନିଜ୍ ମାଞ୍ଜା ଯୋଗୁଁ ହେଉଥିବା କ୍ରମାଗତ ମୃତ୍ୟୁକୁ ନେଇ ଅସନ୍ତୋଷ ଥିଲେ । ନିଷେଧ ସତ୍ତ୍ୱେ ଚାଇନିଜ୍ ମାଞ୍ଜା କିପରି ବଜାରରେ ବିକ୍ରି ହେଉଛି ଏବଂ କିଏ ଏହାକୁ କିଏ ବିକ୍ରି କରୁଛି ସେ ବିଷୟରେ ସେ ସିଧାସଳଖ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ । ମୁଖ୍ୟମନ୍ତ୍ରୀ ଏହାକୁ ତୁରନ୍ତ ଏବଂ ପ୍ରଭାବଶାଳୀ ଭାବରେ ନିଷେଧ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ଜାରି କରିଥିଲେ । ଯୋଗୀ ଆଦିତ୍ୟନାଥ କଡ଼ା ଶବ୍ଦରେ କହିଛନ୍ତି ଯେ, ଚାଇନିଜ୍ ମାଞ୍ଜା ଦ୍ୱାରା ହେଉଥିବା



ଯେକୌଣସି ମୃତ୍ୟୁକୁ ଏବେ ହତ୍ୟା ବୋଲି ବିବେଚନା କରାଯିବ ଏବଂ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ ହତ୍ୟା ଅଭିଯୋଗ ରୁଜୁ କରାଯିବ । ସେ ରାଜ୍ୟର ସମସ୍ତ ପୁଲିସ ମୁଖ୍ୟଙ୍କୁ ସେମାନଙ୍କ ଜିଲ୍ଲାରେ ଚଢ଼ାଉ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଚାଇନିଜ୍ ମାଞ୍ଜା ଯୋଗୁଁ ଘଟୁଥିବା ଘଟଣାର ଗମ୍ଭୀରତାକୁ ଦର୍ଶାଇ ଅଧିକାରୀମାନେ ରିପୋର୍ଟ କରିଛନ୍ତି ଯେ, ବୁଧବାର ଲକ୍ଷ୍ନୌରେ ଜଣେ ମେଡିକାଲ୍ ପ୍ରତିନିଧିଙ୍କ ଗଳା କଟିଯିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା । ସେ ବହୁତ ସମୟ ଧରି ଯନ୍ତ୍ରଣାରେ ଛଟପଟ ହୋଇଥିଲେ । ଗତ ବର୍ଷ ଏପରି ୮ଟି ଘଟଣା ରିପୋର୍ଟ ହୋଇଛି । ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ, ନିଷେଧ ସତ୍ତ୍ୱେ ଚାଇନିଜ୍ ସୂତାର ବିକ୍ରୟ ଏବଂ ବ୍ୟବହାରକୁ କୌଣସି ପରିସ୍ଥିତିରେ ସହ୍ୟ କରାଯିବ ନାହିଁ । ଏହି ବେଆଇନ ବ୍ୟବସାୟରେ ସମ୍ପୃକ୍ତ ସମଗ୍ର ନେଟୱାର୍କକୁ ଚିହ୍ନଟ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ଦୋଷୀମାନଙ୍କୁ ଗିରଫ କରି ଜେଲ୍ ପଠାଇବାକୁ ସେ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ବ୍ୟତୀତ, ସାରା ରାଜ୍ୟରେ ଚାଇନିଜ୍ ସୂତା ଜବତ କରିବା ପାଇଁ ଏକ କଠୋର ଏବଂ ନିରନ୍ତର ଅଭିଯାନ ଆରମ୍ଭ କରିବାକୁ ୟୁପି ପୁଲିସକୁ ନିର୍ଦ୍ଦେଶ ଦିଆଯାଇଛି ।

## ୭ରେ ମାଲେସିଆ ଯିବେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୦୫/୦୨: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୭ ତାରିଖରେ ଦୁଇଦିନିଆ ମାଲେସିଆ ଗସ୍ତରେ ଯିବେ । ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ?ଙ୍କ ନିମନ୍ତ୍ରଣରେ ମୋଦି ଏହି ଗସ୍ତ କରିବେ । ୭ ଓ ୮ ତାରିଖରେ କୁଆଲାଲମ୍ପୁରରେ ରହିବେ । ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ ଏହା କୁହାଯାଇଛି । ମୋଦିଙ୍କର ଏହା ତୃତୀୟ ମାଲେସିଆ ଗସ୍ତ ହେବ । ସେ ୧୦ମ ଭାରତ-ମାଲେସିଆ ସିଇଓ ଫୋରମ୍ରେ ସାମିଲ ହେବେ । ଅନୱର ଇବ୍ରାହିମଙ୍କ ସହ ଦ୍ୱିପାକ୍ଷିକ ବୈଠକ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ । ଏହାଛଡ଼ା ପ୍ରଧାନମନ୍ତ୍ରୀ ମାଲେସିଆରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ସହ ମଧ୍ୟ ଚର୍ଚ୍ଚା କରିବେ । ଶିଳ୍ପପତି ଓ ବ୍ୟବସାୟୀ ପ୍ରତିନିଧିଙ୍କ ସହ ମୋଦି ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ମାଲେସିଆରେ ପ୍ରାୟ ୨୯ ଲକ୍ଷ ଭାରତୀୟ ରହୁଛନ୍ତି । ଉଭୟ ଦେଶ ମଧ୍ୟରେ କେବଳ ଭଲ ରାଜନୈତିକ ସମ୍ପର୍କ ନାହିଁ, ବରଂ ଐତିହାସିକ ଓ ସାଂସ୍କୃତିକ ଐତିହ୍ୟକୁ ନେଇ ମଧ୍ୟ ଉତ୍ତମ ଭାଗୀଦାରି ରହିଛି ।

# ମାଓମୁକ୍ତ ହେଲା କୋରାପୁଟ ଜିଲ୍ଲା: ଡିଆଇଜି

କୋରାପୁଟ: ଆଜିଠାରୁ କୋରାପୁଟ ଜିଲ୍ଲା ମାଓମୁକ୍ତ ହେଲା ବୋଲି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି କନଓ୍ୱର ବିଶାଳ ସିଂ କୋରାପୁଟ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। କୋରାପୁଟ ପୁଲିସକୁ ଆଜି ଏକ ବଡ଼ ସଫଳତା ମିଳିଛି। ଛତିଶଗଡ଼ର ଏସିଏମ୍ କ୍ୟାଡର ମହିଳା ମାଓବାଦୀ ମମତା ପୋଡ଼ିଆମୀ ଓରଫ୍ ମାମି (୨୬) କୋରାପୁଟ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଡିଆଇଜି ଶ୍ରୀ ସିଂଙ୍କୁ ଏକ ଏସ୍ଏଲ୍ଆର୍ ବନ୍ଧୁକ ଓ ମାଓ ସାମଗ୍ରୀ ହସ୍ତାନ୍ତର କରି ମୁଖ୍ୟସ୍ରୋତକୁ ଫେରିଛି ମମତା। ମାଓନେତ୍ରୀ ମମତା ଛତିଶଗଡ଼ ବିଜାପୁର ଜିଲ୍ଲା ପାମେଡ ଥାନା ଅନ୍ତର୍ଗତ ଲିଙ୍ଗାପୁରମ ଗାଁର ବାସିନ୍ଦା। ଏସିଏମ୍ କ୍ୟାଡର ମମତାଙ୍କ ନାଁରେ ଛତିଶଗଡ଼ର



କଟେକଲ୍ୟାଣ ଥାନାରେ ବହୁ ଗୁରୁତର ମାମଲା ଥିବା ବେଳେ ଛତିଶଗଡ଼ ଓ ଓଡ଼ିଶା ସୀମାନ୍ତରେ ବହୁ ଗୁଳି ବିନିମୟ ଓ ମାଓବାଦୀ କାର୍ଯ୍ୟକଳାପରେ ସାମିଲ ରହିଥିଲେ ବୋଲି ଡିଆଇଜି କହିଛନ୍ତି। ଆଜି ସେ ହିଂସା ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତକୁ ଫେରିବା ପାଇଁ ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏକ ଏସ୍ଏଲ୍ଆର ବନ୍ଧୁକ, ୧୦ଟି ଗୁଳି, ମେଗାଜିନ୍, ଟିଫିନ୍ ବୋମା, କୋଡେକ୍ସ ତାର ଆଦି ପୁଲିସକୁ ହସ୍ତାନ୍ତର କରିଛି। ମାଓନେତ୍ରୀ ମମତାକୁ ରାଜ୍ୟ ସରକାରଙ୍କ ନୀତି ଆଧାରରେ ୫ ଲକ୍ଷ ୫୦ ହଜାର, ବନ୍ଧୁକ ପାଇଁ ୧ ଲକ୍ଷ ୬୫ ହଜାର ଏଭଳି ୭ ଲକ୍ଷ ୧୫ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ଏ ଅବସରରେ ଡିଆଇଜି ଶ୍ରୀ ସିଂ କୋରାପୁଟ ଜିଲ୍ଲା ମାଓ ମୁକ୍ତ ଜିଲ୍ଲା ହେଲା ବୋଲି ଘୋଷଣା କରିଛନ୍ତି। ପୂର୍ବରୁ ନକ୍ସଲଙ୍କ ଗଡ଼ ଥିବା କୋରାପୁଟ ଜିଲ୍ଲାରେ ବହୁ ନକ୍ସଲ କାଣ୍ଡ ଘଟିଛି। ସରକାରଙ୍କ ନୀତି ଅନୁଯାୟୀ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଆର୍ଥିକ ସହାୟତା, ପୁନର୍ବାସ ଲାଭ, ଦକ୍ଷତା ବିକାଶ ତାଲିମ, ଗୃହ ନିର୍ମାଣ ସହାୟତା, ସ୍ୱାସ୍ଥ୍ୟସେବା, ବିବାହକାଳୀନ ସହାୟତା ଏବଂ ସାମାଜିକ ସୁରକ୍ଷା ବ୍ୟବସ୍ଥା ନିଶ୍ଚିତ କରାଯାଇଛି। ସମ୍ପ୍ରତି ମାଲକାନଗିରି ଜିଲ୍ଲାରେ ପ୍ରାୟ ୨୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଗତକାଲି ଛତିଶଗଡ଼ କାଙ୍ଗେର ଘାଟି ଏରିଆ କମିଟିର ସଦସ୍ୟ ସୁଖରାମ ମାଡ଼କାମ ମାଲକାନଗିରି ପୁଲିସ ନିକଟରେ ଆତ୍ମ ସମର୍ପଣ କରିଥିଲା। କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ନିରନ୍ତର ଭାବେ ଅପରେସନ୍ ଜାରି ରହିଛି ଏବଂ ରହିବ ବୋଲି ଡିଆଇଜି କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ କୋରାପୁଟ ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ବିଏସ୍ଏଫ୍ ଡିଆଇଜି ସତ୍ୟବାନ, କମାଣ୍ଡାଣ୍ଟ ସଞ୍ଜୟ, ଜୟପୁର ଏସ୍‌ଡିପିଓ ପାର୍ଥୋ କଶ୍ୟପ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର

ବୁଗୁଡ଼ା(ନିପ୍ର): ବୁଗୁଡ଼ା ଥାନା ଅନ୍ତର୍ଗତ ଗୌଡ଼ିଆବୋରଦା ଗ୍ରାମ ନିକଟ ଏକ ଆମ୍ବ ତୋଟାରୁ ଗୋଟିଏ ଝୁଲନ୍ତା ଗଳିତ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ବେଲଗୁଣ୍ଠା ଥାନା ଇନ୍ଦ୍ରଗଡ ଗ୍ରାମର ଶ୍ରୀକାନ୍ତ କୁମାର ସ୍ୱାଇଁ ବୋଲି ଜଣାପଡିଛି । ତେବେ ଶ୍ରୀକାନ୍ତ ପିଲାବେଳୁ ଗୌଡିଆବୋରଦା ମାମୁଁ ଘରେ ରହୁଥିବା ବେଳେ ସେ କିଡନୀ ରୋଗରେ ଆକ୍ରାନ୍ତ ହୋଇଥିଲେ । ରୋଗକୁ ନେଇ ସେ ମାନସିକ ଚିନ୍ତାରେ ରହିଥିବା ବେଳେ ଗତ ମାସ ୧୬ ତାରିଖରୁ ନିଖୋଜ ଥିଲେ । ଗୁରୁବାର ସକାଳୁ ଗ୍ରାମର କିଛି ଲୋକ ଆମ୍ବତୋଟାକୁ ଯାଇଥିବା ସମୟରେ ଦୁର୍ଗନ୍ଧ ଆସିବାରୁ ଖୋଜାଖୋଜି ପରେ ଗଛରେ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ । ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ମାନସିକ ଅବସାଦରେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପରିବାର ସନ୍ଦେହ କରୁଥିବା ବେଳେ ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତହ୍ଲଟ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି ।

## ବ୍ରାଉନସୁଗାର ଜବତ, ଜଣେ ଗିରଫ



କଟକ(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ଗୁରୁବାର ସ୍ଥାନୀୟ ସଦର ଥାନା ଅନ୍ତର୍ଗତ ଗୁରୁବାରୀ ସାହି ଗ୍ରାମ ରୋଡଠାରେ ଚଢ଼ାଉ କରି ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ, ସଦର ଥାନା ଅନ୍ତର୍ଗତ ଶ୍ରୀକୋରୁଆଁ ଅଂଚଳ ଗୁରୁବାରି ସାହିର ସାଗର ସାମଲ (୨୯) । ଅବକାରୀ ପୋଲିସ ଅଭିଯୁକ୍ତଠାରୁ ୯୫ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଏସଆଇ ବିଭୂତି ଭୂଷଣ ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ, କନେଷ୍ଟବଳ କିଶନ ସବୁତ, ଯୋଗେନ୍ଦ୍ର ସାହୁ ଓ ମାନସ ରଂଜନ ବେହେରା ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି କାୟାକଳ୍ପ ଟିମ। ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା, ପରିବେଶ ପରିଛନ୍ନତା ଓ ବର୍ଜ୍ୟବସ୍ତୁ ପରିଚାଳନା ଭଳି ବିଷୟରେ ଏହି ଟିମ ପରିଦର୍ଶନ କରି ଫେରିଛନ୍ତି। ଏହି ଟିମରେ ବିଭାଗୀୟ ଆଡିସନାଲ ସେକ୍ରେଟାରୀ ଡ ବିଜୟ କୁମାର ଧଳ, ଡ ପ୍ରଶାନ୍ତ କୁମାର ଦାସ ଆସିଥିଲେ। ଏହି ସମୟରେ ଭାପୁର ଡାକ୍ତରଖାନାର ଭାରପ୍ରାପ୍ତ ମୁଖ୍ୟ ଡାକ୍ତର ବିଶ୍ୱନାଥ ସାହୁ, ଡାକ୍ତର ପ୍ରଦୀପ କୁମାର ପାଇକରାୟ, ଡାକ୍ତର ସତ୍ୟପ୍ରିୟ ସାହୁ, ଡାକ୍ତର ଫଣୀଭୂଷଣ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିଥିଲେ।

## କଡାନାଳ ନିର୍ମାଣ କାର୍ଯ୍ୟ ଆରମ୍ଭ: ଚାଷୀ ଆଶ୍ୱସ୍ତ

କାକଟପୁର(ନିପ୍ର): ଚାଷୀମାନଙ୍କୁ ସଂଗଠିତ କରିବା ସହ ପାଣି ପଞ୍ଚାୟତ ମାଧ୍ୟମରେ ଚାଷୀ ଯେଭଳି ଜଳସେଚନ ସୁବିଧା ପାଇଁ ସ୍ୱାବଲମ୍ବୀ ହୋଇପାରିବେ ଏନେଇ ସରକାର କେନାଲ ଓ ଉଠା ଜଳସେଚନ ମାଧ୍ୟମରେ ଜଳସେଚନର ବ୍ୟବସ୍ଥା କରିଥିବା ବେଳେ ଢିପ ଜମିକୁ ଶସ୍ୟଶ୍ୟାମଳା କରିବା ପାଇଁ କଡାନାଳ ନିର୍ମାଣ ପାଇଁ ସରକାରୀ ଅନୁଦାନ ଯୋଗାଇ ଦେଉଛନ୍ତି । କାକଟପୁର ଜଳସେଚନ ବିଭାଗ ଅଧିନରେ ମୋଟ ୧୯ଟି ପାଣି ପଞ୍ଚାୟତ ଥିବାବେଳେ ସେହି ପାଣିପଞ୍ଚାୟତଗୁଡିକ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଅସ୍ତରଙ୍ଗ



ବ୍ଲକ ଅଞ୍ଚଳର ୩ ଗୋଟି ପାଣିପଞ୍ଚାୟତର ସ୍ଥାନୀୟ ଅଞ୍ଚଳ ଚାଷୀଙ୍କୁ ନେଇ ବୈଠକ କରାଯିବା ପରେ ଚାଷୀଙ୍କ ମତାମତ ଓ ଦାବୀ ଅନୁଯାୟୀ କେତେକ ସ୍ଥାନରେ ନୂତନ କଡାନାଳ ନିର୍ମାଣ ସାଙ୍ଗକୁ ଭାଙ୍ଗିରୁଜି ଯାଇଥିବା ପୁରୁଣା କଡାନାଳ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି । ଏହି ନିର୍ମାଣ ଓ ମରାମତି କାର୍ଯ୍ୟ ପାଣିପଞ୍ଚାୟତ କର୍ମକର୍ତ୍ତାଙ୍କ ସହ ସ୍ଥାନୀୟ ଅଞ୍ଚଳ ଚାଷୀଙ୍କ ପ୍ରତ୍ୟକ୍ଷ (ତତ୍ତ୍ୱାବଧାନରେ) କାର୍ଯ୍ୟ ଚାଲିଥିବା ବେଳେ ଏଷ୍ଟିମେଣ୍ଟ ଅନୁଯାୟୀ କାର୍ଯ୍ୟର ମାନ, ପରିମାଣ, ଉଚ୍ଚତା ଠିକ ଥିବା ସହ କଡାନାଳ ନିର୍ମାଣ ଓ ମରାମତି କାର୍ଯ୍ୟରେ ବ୍ୟବହୃତ ବାଲି, ଗୋଡି, ରଡ଼, ସିମେଣ୍ଟର ଗୁଣବତ୍ତା ବି ବଜାୟ ରହିଛି । ଏପରି ସ୍ଥଳେ କାର୍ଯ୍ୟକୁ ଭଣ୍ଡୁର କରିବାକୁ କେତେକ ନ୍ୟସ୍ତ (ସ୍ୱାର୍ଥ) ଗୋଷ୍ଠୀର ବ୍ୟକ୍ତି ଉକ୍ତ ନିର୍ମାଣ କାର୍ଯ୍ୟରେ ବାଧା ଉପୁଜାଇବା ସହ ନିର୍ମାଣ କାର୍ଯ୍ୟରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି ବୋଲି ବିଭିନ୍ନ ଅପପ୍ରଚାର ଚଳାଇଥିବାରୁ ଏନେଇ ଚାଷୀ ମହଲରେ ତ୍ରୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ସୂଚନାଯୋଗ୍ୟକି କଡାନାଳ ନିର୍ମାଣ ହେଉଥିବା ସ୍ଥାନଗୁଡିକରେ ବହୁ ଧାନ ଚାଷୀ ବର୍ଷା ଜଳ ଉପରେ ନିର୍ଭରଶୀଳ ଥିବାରୁ ସେଠାକାର ଚାଷୀ କାଡାନାଳ ନିର୍ମାଣ ପାଇଁ ଦୀର୍ଘ ଦିନ ଧରି ଦାବିକରି ଆସୁଥିଲେ ।

### ସୁନା ଚେନ ଲୁଟ୍ ଘଟଣା

## ଲୁଟେରା ସମେତ ୩ ଅଭିଯୁକ୍ତ ଗିରଫ

କଟକ/ଚୌଦ୍ୱାର(ନିପ୍ର): ମହିଳାଙ୍କ ବେକରୁ ସୁନା ଚେନ ଲୁଟ କରିବା ଘଟଣାରେ କମିଶନରେଟ ପୋଲିସ ଜଣେ ଲୁଟେରା ସମେତ ୩ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲ୍ଲା ନେମାଳ ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ଲୁଟେରା ବିଶାଳ ମଲ୍ଲିକ (୨୨) ଓ କଟକ ଜିଲ୍ଲା ମର୍କତନଗର ଥାନା ଅନ୍ତର୍ଗତ ସିଡ଼ିଏ ସେକ୍ଟର ୭ ଅଂଚଳର କ୍ରେତା ପ୍ରଭାକର ସାମନ୍ତ (୩୨) ଏବଂ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ଭାନାରାଗ ଗ୍ରାମର କ୍ରେତା କାହ୍ନୁ ଓରଫ ହରେକୃଷ୍ଣ ସାହୁ (୩୧) । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ୭ଟି ସୁନା ଚେନ ଓ ଗୋଟିଏ ବଜାଜ ପଲସର ମୋଟର ସାଇକେଲ ଜବତ କରିଥିବା କଟକ ଡିସିପି ରିଶିକେଶ ଖିଲାରୀ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ଗତ ଅକ୍ଟୋବର ୧୮ ତାରିଖ ରାତି ୮ଟା ସମୟରେ ଲକ୍ଷ୍ମଣପୁରରୁ ତାଙ୍କ ସ୍ୱାମୀଙ୍କ ସହିତ ଫେରୁଥିବା ସମୟରେ ବିରୂପା ବ୍ୟାରେଜ ପରିବା ବଜାର ନିକଟରେ ୨ ଜଣ ଅଜଣା ଦୁର୍ବୃତ୍ତ ସନ୍ଧ୍ୟାରାଣୀ ପତି (୫୦)ଙ୍କର ବେକରୁ ଏକ ୨୩ଗ୍ରାମ ଓଜନର ସୁନା ଚେନ ଝାମ୍ପି ନେଇ ପଳାଇଥିଲେ । ଅଭିଯୁକ୍ତମାନେ ଏକ ବାଇକରେ

### ୭ ସୁନା ଚେନ ଓ ମୋଟର ସାଇକେଲ ଜବତ

ଜଗତପୁର ଆଡ଼କୁ ପଳାଇ ଯାଇଥିଲେ । ଏ ନେଇ ମହିଳା ଜଣକ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ ଦାୟର କରିଥିଲେ । ଏହି ଏତଲାକୁ ଆଧାର କରି ପୋଲିସ ଏକ ମାମଲା ରୁଜୁ କରି ଏକ ସ୍ୱତନ୍ତ୍ର ଦଳ ଗଠନ କରି ଘଟଣା ତଦନ୍ତ ଆରମ୍ଭ କରିଥିଲା । ପୋଲିସ ଉପଲବ୍ଧ ପ୍ରବେଶ ଓ ପ୍ରସ୍ଥାନ ପଥର ସିସିଟିଭି ଫୁଟେଜକୁ ଯାଂଚ କରି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିଲା । ଅଭିଯୁକ୍ତମାନଙ୍କ ନାଁରେ ଚୌଦ୍ୱାର, ଜଗତପୁର ଓ କଟକ




ସଦର ଥାନାରେ ୬ଟି ମାମଲା ରହିଥିବା ପୋଲିସ ସୂଚନା ଦେଇଛି । ପଚରା ଉଚରା ବେଳେ ଅଭିଯୁକ୍ତମାନେ ଚୌଦ୍ୱାର, ଜଗତପୁର, ସଦର ଥାନା ଅଂଚଳ ସହିତ କଟକ ୟୁପିଡ଼ି ଏବଂ ଭୁବନେଶ୍ୱର ୟୁପିଡ଼ି ଅନ୍ତର୍ଗତ ଅନ୍ୟାନ୍ୟ ଥାନା ଅଂଚଳରେ ସୁନା ଚେନ ଛିନତାଇ ଓ ଡକାୟତି ମାମଲାରେ ସଂପୃକ୍ତ ଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ମାମଲାର ତଦନ୍ତ ଜାରି ରହିଛି ।

## ରାଜରାସ୍ତାରେ ନିଶାସକ୍ତ ଅଟୋ ଚାଳକର ହାଇଡ୍ରାମା

ଭୁବନେଶ୍ୱର(ନି.ପ୍ର): ରାଜଧାନୀ ରାଜରାସ୍ତାରେ ନିଶାସକ୍ତ ଅଟୋ ଚାଳକ ହାଇଡ୍ରାମା କରିଛି। ନିଜ ଅଟୋକୁ ନିଜେ ଦୁର୍ଘଟଣା ଘଟାଇ ପଥଚାରୀଙ୍କୁ ଗାଳିଗୁଲଜ କଲେ। ଏପରିକି ବାହୁବଳୀ ଭାବେ ଓଲଟିପଡିଥିବା ନିଜ ଅଟୋକୁ ନିଜେ ଶକ୍ତି ଲଗାଇ ପୁଣି ଛିଡା କରିଦେଇଥିଲେ। ଯାହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣା ଅଧିକ ଚର୍ଚ୍ଚା ସୃଷ୍ଟି କରିଛି। ଆଜି (ଗୁରୁବାର) ଭୁବନେଶ୍ୱର ସତ୍ୟନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୧ ସାମ୍ନା ଜନପଥ ରୋଡରେ ଦିନ ପ୍ରାୟ ୧୨ଟା ବେଳେ ଏହି ଘଟଣା ଘଟିଥିବା ବେଳେ ଘଟଣାସ୍ଥଳରେ ଖାରବେଳନଗର ଥାନା ପୋଲିସ ଟିମ୍ ପହଞ୍ଚି ସମ୍ପୃକ୍ତ ଚାଳକଙ୍କୁ ଉଠାଇ ନେଇଛି। ଚାଳକ ଜଣକ ନିଶାରେ ଥିବାରୁ ନିଜ ପରିଚୟ ମଧ୍ୟ ଠିକ ଭାବେ କହିପାରୁନାହାନ୍ତି। ପୋଲିସ ତାଙ୍କୁ ଥାନାରେ ଅଟକ ରଖି ତାଙ୍କ ପ୍ରକୃତ ପରିଚୟ ଏବଂ ଠିକଣା ବାବଦରେ ଯାଞ୍ଚ କରୁଛି। ତେବେ ସବୁଠୁ ବଡକଥା ହେଲା, ତାଙ୍କ ଅଟୋରେ କୌଣସି ଯାତ୍ରୀ ନଥିବା ବେଳେ ଏହି ଘଟଣା ଘଟିଛି। ଯାତ୍ରୀ ନଥିବାରୁ ଏକ ସମ୍ଭାବ୍ୟ ବଡ଼ ଅଘଟଣ ଟଳିଯାଇଛି। ଆଜି ଅଟୋ ଚାଳକ ଜଣକ ଜନପଥର ଶ୍ରିୟା ଛକ ପାର୍ଶ୍ୱରୁ ରୁପାଲି ଛକ ଅଭିମୁଖେ ଦ୍ରୁତଗତିରେ ଆସୁଥିଲେ। ସେ କେନ୍ଦ୍ରୀୟ ବିଦ୍ୟାଳୟ ସାମ୍ନାରେ ଅଟୋକୁ ଚାରି ଘେରା ବୁଲାଇଦେଇଥିଲେ। ଏହାପରେ ଭାରସାମ୍ୟ ହରାଇ ଅଟୋଟିକୁ ଓଲଟାଇଦେଇଥିଲେ। ଏହା ଦେଖି ସ୍ଥାନୀୟ ଲୋକମାନେ ଚକିତ ହୋଇଯାଇଥିଲେ। ସେପଟେ ମଦ୍ୟପ ଚାଳକ ଜଣକ ଅଟୋରୁ ବାହାରି ଆସିଥିଲେ। ସେ ସାର୍ଟ ବାହାର କରି ସମ୍ପୂର୍ଣ୍ଣ ଖୋଲା ଦେହରେ ଉତ୍ପାତ କରିଥିଲେ। ଲୋକମାନଙ୍କୁ ଗାଳିଗୁଲଜ କରିବା ସହ ଏଣୁତେଣୁ ଯୁକ୍ତି କରିଥିଲେ। ସ୍ଥାନୀୟ ଲୋକେ ଏହାର ଭିଡିଓ କରିବାରୁ ସେ ଅଧିକ ଚିଡ଼ିଯାଇଥିଲେ। ଏପରିକି ନିଜ ପ୍ୟାଣ୍ଟକୁ ମଧ୍ୟ ଓହ୍ଲାଇବାକୁ ଚେଷ୍ଟା କରିଥିଲେ। ପରେ ସେ ନିଜ ଅଟୋକୁ ଠେଲି ଠିଆ କରିଦେଇଥିଲେ। ଖବର ପାଇ ପିସିଆର୍ ଟିମ ପହଞ୍ଚି ମଦ୍ୟପ ଅଟୋ ଚାଳକଙ୍କୁ କାବୁ କରିବାକୁ ନାକେଦମ ହୋଇଥିଲେ। ପୋଲିସ ଦଳ ତାଙ୍କୁ ବୁଝାଇ ଥାନାକୁ ନେଇଥିଲା। ଘଟଣା ପାଇଁ କିଛି ସମୟ ଜନପଥରେ ଟ୍ରାଫିକ୍ ଜାମ ହୋଇଥିଲା। ଏନେଇ ଖାରବେଳ ନଗର ଥାନାଧିକାରୀ ରଜନିକାନ୍ତ ମିଶ୍ର କହିଛନ୍ତି, 'ଅଟକ ଥିବା ଅଟୋ ଚାଳକଙ୍କ କଥାରେ ତାଳମେଳ ରହୁନି। ସେ ନିଜ ପରିଚୟ ମଧ୍ୟ ଠିକ ଭାବେ କହିପାରୁନାହାନ୍ତି। ତାଙ୍କ ଘର କେତେବେଳେ କେଶରୀ ନଗର କହୁଛନ୍ତି ତ ଆଉ କେତେବେଳେ କେୟାର ହସ୍ପିଟାଲ ଆଡେ କହୁଛନ୍ତି । ସେ ସ୍ୱାଭାବିକ ଅବସ୍ଥାରେ ଆସିବା ପର୍ଯ୍ୟନ୍ତ ଆମେ ଅପେକ୍ଷା କରିବା ସହ ପରିଚୟ ଯାଞ୍ଚ କରୁଛୁ। ଆବଶ୍ୟକତା ପଡିଲେ ତାଙ୍କୁ ନୋଟିସ୍ ଦେଇ ଛାଡିବୁ' ବୋଲି ଥାନାଧିକାରୀ କହିଛନ୍ତି।

### ମହିଳାଙ୍କୁ ଛୁରୀଭୁଷି ହତ୍ୟା ମାମଲା

## ହତ୍ୟାକାରୀ ପ୍ରେମିକକୁ ଆଜୀବନ କାରାଦଣ୍ଡ

ଭୁବନେଶ୍ୱର(ନି.ପ୍ର): ଜଣେ ବିବାହିତ ମହିଳାଙ୍କୁ ଏକତରଫା ପ୍ରେମ କରିବା ଏବଂ ସେ ତାଙ୍କ ପ୍ରେମ ନିବେଦନରେ ରାଜି ନ ହେବାରୁ ତାଙ୍କୁ ଛୁରୀ ଭୁଷି ହତ୍ୟା କରିବା ମାମଲାର ବିଚାର କରି ଗୁରୁବାର ଜିଲ୍ଲା ଦୌରାଜଜ କୋର୍ଟର ବିଚାରପତି ବିରଞ୍ଚି ନାରାୟଣ ମହାନ୍ତି ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ବିଚାରପତି ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ନନ୍ଦ କିଶୋର ଓଝା ଓରଫ କାହ୍ନାଙ୍କୁ ୫ ହଜାର ଟଙ୍କା ଜରିମାନା ଅର୍ଥରେ ମଧ୍ୟ ଦଣ୍ଡିତ କରିଛନ୍ତି। ଜରିମାନା ଅର୍ଥ ଅନାଦେୟ ହେଲେ ଅଭିଯୁକ୍ତ ଅଧିକ ୬ ମାସ କାରାଦଣ୍ଡ ଭୋଗିବେ ବୋଲି ବିଚାରପତି ତାଙ୍କ ରାୟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସିକ୍ୟୁଟର ସିପ୍ରାଞ୍ଜଳି ସ୍ୱାଇଁ ପରିଚାଳନା କରୁଥିଲେ। ଅଭିଯୁକ୍ତ କାହ୍ନା ୨୦୨୪ ମସିହା ଫେବୃଆରୀ ୨୭ ତାରିଖରେ ଜଣେ ମହିଳାଙ୍କୁ ଏକତରଫା ପ୍ରେମ କରି ବିଫଳ ହେବା ପରେ ଛୁରୀ ଭୁଷି ହତ୍ୟା କରିଥିଲେ। ଅଭିଯୋଗକାରୀ କୁଞ୍ଜ ବିହାରୀ ଦତ୍ତ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ନିବାସୀ ହୋଇଥିବା ବେଳେ, ପତ୍ନୀ ଦୀପିକା ରଣଜିତଙ୍କ ସହ ଶିଶୁ ଭବନ ଛକ ନିକଟରେ ଭଡା ସୂତ୍ରରେ ରହୁଥିଲେ। ଅଭିଯୋଗକାରୀଙ୍କର ଶିଶୁଭବନ ଛକ ନିକଟସ୍ଥ ଝରଣା ବସ୍ତିରେ ଏକ ମୋବାଇଲ ଦୋକାନ ଥିଲା ଯାହାକୁ ତାଙ୍କ ପତ୍ନୀ ଦୀପିକା ବୁଝାସୁଝା କରୁଥିଲେ। ଅଭିଯୁକ୍ତ କାହ୍ନା ଓରଫ ନନ୍ଦ କିଶୋର ଓଝା ବୃତ୍ତିରେ ଜଣେ ବଢେଇ ହୋଇଥିବା ବେଳେ, ସେ ଅଭିଯୋଗକାରୀଙ୍କ ମୋବାଇଲ ଦୋକାନରେ ହେଉଥିବା କାଠ କାମରେ ନିଯୁକ୍ତ ଥିଲେ। ଘଟଣାର କିଛି ଦିନ ପୂର୍ବରୁ ଅଭିଯୁକ୍ତ କାହ୍ନା ଅଭିଯୋଗକାରୀଙ୍କ ପତ୍ନୀଙ୍କୁ ଏକ ପାଖିଆ ଭଲପାଇ ବସିଥିଲେ । ସେ ଏକାଧିକବାର ଦୀପିକାଙ୍କୁ ପ୍ରେମ ନିବେଦନ କରିଥିଲେ ମଧ୍ୟ ସେ ତାହାକୁ ପ୍ରତ୍ୟାଖ୍ୟାନ କରିଚାଲିଥିଲେ। ଦୀପିକା ଘଟଣା ସମ୍ପର୍କରେ ସ୍ୱାମୀଙ୍କୁ ଜଣାଇବାରୁ ସ୍ୱାମୀ ଅଭିଯୁକ୍ତ କାହ୍ନାକୁ ଭୀଷଣ ଗାଳିଦେବା ସହ ଭବିଷ୍ୟତରେ ସେଭଳି ଭୁଲ ନକରିବା ଲାଗି ତାଗିଦ କରିଥିଲେ। ଯାହାଫଳରେ ଅଭିଯୁକ୍ତ କାହ୍ନା ମନରେ କ୍ରୋଧ ସୃଷ୍ଟି ହୋଇଥିଲା। ଏହିଭଳି ଭାବେ ବାରମ୍ବାର ପ୍ରେମ ନିବେଦନ କରି ହତାଶ ହେବା ସହ ଅଭିଯୋଗକାରୀଙ୍କ ନିକଟରୁ ଗାଳି ଶୁଣିବା ପରେ କାହ୍ନା ପ୍ରତିଶୋଧପରାୟଣ ହୋଇଉଠିଥିଲା। ଗତ ୨୦୨୪ ମସିହା ସନ୍ଧ୍ୟା ପ୍ରାୟ ସାତଟା ସମୟରେ ଦୀପିକା ମୋବାଇଲ ଦୋକାନ ବନ୍ଦ କରି ୩ ବର୍ଷର ଝିଅ ସହ ଘରକୁ ଫେରୁଥିବା ବେଳେ, ପୂର୍ବରୁ ଘର ନିକଟସ୍ଥ ଅନ୍ଧାରୁଆ ସ୍ଥାନରେ ଛପି ରହିଥିବା କାହ୍ନା ହଠାତ ଏକ ଧାରୁଆ ଛୁରୀ ସାହାଯ୍ୟରେ ଦୀପିକାଙ୍କ ପେଟକୁ ଭୁଷି ଦେଇଥିଲେ। ଫଳରେ ଦୀପିକା ଗୁରୁତର ହୋଇ ଘଟଣା ସ୍ଥଳରେ ସଂଜ୍ଞାହୀନ ହୋଇ ପଡିଯାଇଥିଲେ। ଏହି ସମୟରେ ଅଭିଯୋଗକାରୀ ଅଶୋକ ନଗରରେ ଥିବା ତାଙ୍କ ମୋବାଇଲ୍ ମରାମତି ଦୋକାନରେ କାମରେ ବ୍ୟସ୍ତ ଥିଲେ । ଫୋନ୍ ମାଧ୍ୟମରେ ସୂଚନା ପାଇ ସେ ତୁରନ୍ତ ଘଟଣାସ୍ଥଳରେ ଯାଇ ପହଞ୍ଚିବା ସହ ପତ୍ନୀ ଦୀପିକାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ଲାଗି କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ ଏବଂ ପରେ ଉନ୍ନତ ଚିକିତ୍ସା ଲାଗି ତାଙ୍କୁ କଟକ ସ୍ଥିତ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ୨୮ତାରିଖ ସକାଳ ୯ଟା୪୫ ରେ ମୃତ୍ୟୁ ହୋଇଯାଇଥିଲା । ଏନେଇ ଅଭିଯୋଗକାରୀ କୁଞ୍ଜ ବିହାରୀ କ୍ୟାପିଟାଲ ଥାନାରେ ଅଭିଯୁକ୍ତ କାହ୍ନାଙ୍କ ବିରୋଧରେ ହତ୍ୟା ଅଭିଯୋଗ କରିଥିଲେ। ଅଭିଯୋଗକାରୀଙ୍କ ଅଭିଯୋଗକୁ ଭିତ୍ତିକରି କ୍ୟାପିଟାଲ ଥାନାରେ ହତ୍ୟା ମାମଲା ରୁଜୁ କରାଯାଇଥିବା ବେଳେ, ଥାନାର ସବଇନ୍ସପେକ୍ଟର ଶ୍ରୀ ମାନସ ସାହୁ ଏହାର ତଦନ୍ତ ଭାର ଗ୍ରହଣ କରିଥିଲେ। ସେ ଘଟଣା ସ୍ଥଳ ପରିଦର୍ଶନ କରିବା ସହ ମାମଲାକୁ ବିଭିନ୍ନ ଦିଗରୁ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରି ଅଭିଯୁକ୍ତ କାହ୍ନା ଓରଫ ନନ୍ଦ କିଶୋର ଓଝାଙ୍କୁ ତୁରନ୍ତ ଗିରଫ କରିଥିଲେ। ମାମଲାର ବିଚାର କାଳରେ ମାନ୍ୟବର ଅଦାଲତ ସରକାରୀ ଓକିଲ ଶ୍ରୀମତୀ ସିପ୍ରାଞ୍ଜଳୀ ସ୍ୱାଇଁ (ଓଏସପିଏସ-୧) ଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ତଥ୍ୟ, ୨୩ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରଯୁଜ୍ୟ ଦସ୍ତାବିଜ ଗୁଡିକ ଗ୍ରହଣ କରି ସଜ୍ଞା ଶୁଣାଣି କରିବା ସହ ବିଚାର କାର୍ଯ୍ୟ ସମାପ୍ତ କରିଛନ୍ତି।

## କାର୍ ଧକ୍କାରେ ଏକାଧିକ ଗାଡ଼ି ଚୁରମାର, ଦୁଇ ଗୁରୁତର ଆହତ

ଭୁବନେଶ୍ୱର(ନିପ୍ର): ନନ୍ଦନ ବିହାର ଛକରେ ସିରିଜ୍ ଦୁର୍ଘଟଣା ଘଟିଛି। ଏକ ବୋଲେରୋ ଧକ୍କାରେ ଏକାଧିକ ଗାଡ଼ି ଭାଙ୍ଗି ଚୁରମାର୍ ହୋଇଯାଇଛି। ଘଟଣାରେ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ପୁଲିସ ଉଦ୍ଧାର କରି ହସପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଘଟଣାର ତଦନ୍ତ ଆରମ୍ଭ କରିଛି। ଆଜି ଅପରାହ୍ଣରେ ଏକ ବଲେରୋ ଗାଡି ନନ୍ଦନକାନନ ପଟୁ ଜୟଦେବ ବିହାର ଛକ ଆଡକୁ ଆସୁଥିଲା। ନନ୍ଦନବିହାର ଛକ ନିକଟରେ ବଲେରୋଟି ପ୍ରଥମେ ଏକ ବାଇକକୁ ଧକ୍କା ଦେଇଥିଲା। ପରେ ଖସି ପଳାଇବାକୁ ଉଦ୍ୟମ କରୁଥିବା ବେଳେ ଆଗରେ ଆଉ ଏକ ବାଇକୁ ଧକ୍କା ଦେଇଥିଲା। ଫଳରେ ବାଇକ ଆରୋହୀ ଦୁଇଜଣ ତଳେ ପଡି ଗୁରୁତର ହୋଇଥିବା ବେଳେ ବାଇକଟି ବଲେରୋରେ ଲାଗି ଯାଇଥିଲା। ସେ କିଛିବାଟ ବାଇକକୁ ଘୋଷାରି ନେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସ୍ଥାନୀୟ ଲୋକେ ଉଠି ଆସି ବଲେରୋ ଚାଳକକୁ ଅଟକ ରଖିବା ସହ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରିବା ସହ ଗାଡିକୁ ଜବତ କରି ଘଟଣାର ତଦନ୍ତ କରୁଛି। ତେବେ ପ୍ରାଥମିକ ତଦନ୍ତରୁ ବଲେରୋ ଚାଳକ ମଦ୍ୟପାନ କରିଥିବା ଜଣାପଡିଛି।

## ୮ରେ କଟକରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

କଟକ(ନିପ୍ର): ଆସନ୍ତା ୮ ତାରିଖରେ ବାଲିଯାତ୍ରା ତଳ ପଡ଼ିଆଠାରେ କଟକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ମେଳା ସକାଳ ୧୦ ଘଟିକା ୩୦ ମିନିଟରୁ ଆରମ୍ଭ ହୋଇ ଦିନ ୩ଟା ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ସୁଭଦ୍ରା ଶକ୍ତି ଓ ସ୍ୱଦେଶୀ ମେଳା ପରିସରରେ ଏହି ମେଳା ଅନୁଷ୍ଠିତ ହେବ । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ, ଜିଲ୍ଲା ଦକ୍ଷତା ବିକାଶ ନିୟୋଜନ କାର୍ଯ୍ୟାଳୟ, କଟକ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ଜିଲ୍ଲାର ୧୪ଟି ଯାକ ବ୍ଲକର ପଂଚମ ଶ୍ରେଣୀଠାରୁ +୩ ପାସ୍, ଆଇଟିଆଇ ଓ ଡିପ୍ଲୋମା ପାସ କରିଥିବା ୧୮ରୁ ୩୫ ବର୍ଷର ଯୁବକ ଯୁବତୀ ଅଂଶ ଗ୍ରହଣ କରିପାରିବେ । ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ଘରୋଇ ନିଯୁକ୍ତି ଦାତା ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣ ଦ୍ୱାରା ଚୁକ୍ତି କରିଥିବା ତାଲିମ ପ୍ରଦାନକାରୀ ସଂସ୍ଥାମାନେ ଯୋଗଦେଇ ସେମାନଙ୍କ ସଂସ୍ଥାର ଆବଶ୍ୟକ ପଦପଦବୀ ପାଇଁ ପ୍ରାର୍ଥୀ ଓ ପ୍ରାର୍ଥିନୀ ଚୟନ କରିବେ । ନିଯୁକ୍ତିଦାତା ମାନଙ୍କ ମଧ୍ୟରୁ କେତେକ ସିଧା ସଳଖ ନିଯୁକ୍ତି ଦେବେ ଏବଂ ଆଉ କେତେକ ନିଯୁକ୍ତିଭିତ୍ତିକ ତାଲିମ ପରେ ନିଯୁକ୍ତି ଦେବାର ବ୍ୟବସ୍ଥା ରହିଛି । ଏହି ତାଲିମ ସଂପୂର୍ଣ୍ଣ ମାଗଣା । ତାଲିମ ସମୟରେ ପ୍ରଶିକ୍ଷଣ, ରହିବା ଓ ଖାଦ୍ୟପେୟ ବାବଦର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ । ପ୍ରାର୍ଥୀ/ପାର୍ଥିନୀ ବିଭିନ୍ନ କାଉଣ୍ଟରରେ ପଞ୍ଜୀକରଣ କରିପାରିବେ । ନିଜ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ସଂସ୍ଥାରେ ନିଯୁକ୍ତି ବା ତାଲିମ ନିମନ୍ତେ ଚୟନ ହୋଇପାରିବେ । ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ନିଜର ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ଆଧାରକାର୍ଡ଼ ଓ ପାସପୋର୍ଟ ସାଇଜ ଫଟୋ ସହିତ ଏହି ନିଯୁକ୍ତି ମେଳାରେ ଅଂଶ ଗ୍ରହଣ କରିପାରିବେ । ପ୍ରାର୍ଥୀ/ପ୍ରାର୍ଥିନୀ କେବଳ କଟକ ଜିଲ୍ଲାର ହେବା ଆବଶ୍ୟକ । ଏ ସଂପର୍କରେ ଅଧିକ ସୂଚନା ପାଇଁ ୦୬୭୧/ ୨୩୦୦୭୭ ଓ ୦୭୬୫୬୮୩୦୧୫୦ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି ।


## ବେଆଇନ ବାଲି ଖାଦାନକୁ ନେଇ ଜିଲ୍ଲାପ୍ରଶାସନ ଚିନ୍ତାରେ

### ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଧାମନଗର(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ କ୍ଷେଣ୍ଟପୁର ଓ ସୋହଡା ଅଞ୍ଚଳରେ ପ୍ରବାହିତ ବୈତରଣୀ ନଦୀ ପଠାରୁ ବେଆଇନ ବାଲି ଚାଲାଣ ହେଉ ଥିବା ଅଭିଯୋଗ ଉପରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଲାଗି ଭଦ୍ରକ ଜିଲାପାଳଙ୍କୁ ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ପରିବେଶ ଅସନ୍ତୁଳନର ଆଶଙ୍କା ରହିଛି । ତା' ଛଡା ନଦୀବନ୍ଧକୁ କ୍ଷତି ପହଞ୍ଚୁଥିବାରୁ କୃତ୍ରିମ ବନ୍ୟାର ଆଶଙ୍କା ସୃଷ୍ଟି କରୁଛି ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। ସେହିପରି ବେଆଇନ ବାଲି ଚାଲାଣ ଯୋଗୁଁ ସରକାରଙ୍କ ବିପୁଳ ରାଜସ୍ୱ ମଧ୍ୟ ହାନି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯିବା ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ପ୍ରଶାସନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ବୋଲି ଅଭିଯୋଗକାରୀ ଦର୍ଶାଇଛନ୍ତି। ବିଭାଗୀୟ ଅଧିକାରୀମାନେ ସେମାନଙ୍କ ଦାୟିତ୍ୱବୋଧକୁ ଭୁଲି ଯାଇଛନ୍ତି ବୋଲି ଅଭିଯୋଗପତ୍ରରେ ଦର୍ଶାଯାଇଛି। ସୂଚନା ଥାଉକି ଧାମନଗର ଦେଇ ପ୍ରବାହିତ ବୈତରଣୀ ନଦୀର ଏକାଧିକ ସ୍ଥାନରୁ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଆସୁଛି । ସେଣ୍ଡପୁର ଘାଟରୁ ବାଲି ମାଫିଆ ବିନା ପରିବେଶ ଅନୁମତି, ବିଭାଗୀୟ ଅନୁମତି ଅଥବା ପରିବହନ ଅନୁମତି ନ ଥାଇ ସମ୍ପୂର୍ଣ୍ଣ ବେଆଇନ ଭାବେ ନଦୀ ପଠାରୁ ବାଲି ଉଠାଉଛନ୍ତି। ଖଣି ବିଭାଗର ଅଧିକାରୀ ଓ ତହସିଲ କର୍ତ୍ତୃପକ୍ଷଙ୍କ ସହ ମଧୁଚନ୍ଦ୍ରିକା କାରଣରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ନେଇ ଜନୈକ ଆଇନଜୀବୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଛନ୍ତି। ମାଫିଆମାନେ ମେସିନ ସାହାଯ୍ୟରେ ନଦୀ ପଠାକୁ ଖୋଳୁଛନ୍ତି ଏବଂ ଟ୍ରାକ୍ଟର/ ଅନ୍ୟ ମାଲ ଗାଡିରେ ବାଲି ପରିବହନ କରୁଛନ୍ତି। ସେମାନେ କେବଳ ଗ୍ରୀନ ଟ୍ରିବ୍ୟୁନାଲ ଓ ସର୍ବୋଚ୍ଚ ନ୍ୟାୟାଳୟ ବେଆଇନ ବାଲି ଖାଦାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବରୁ ନିର୍ଦ୍ଦେଶ ନିବେଦନ କରାଯାଇଛି। ଏଥିସହ ବାଲି ପରିବହନ କରୁଥିବା ଗାଡିଗୁଡିକର ଜିପିଏସ ଟ୍ରାକିଂ ବ୍ୟବସ୍ଥା, ବାଲି ଖାଦାନରେ ସିସିଟିଭି ଦେଇଥିଲେ ହେଁ ଏଠାରେ ତାହା ସମ୍ଭବ ହେଉ ନାହିଁ ବୋଲି ଦର୍ଶାଯାଇଛି। ତେବେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ନଦୀପଠାର ସୁରକ୍ଷା ଓ ପରିବେଶ ସନ୍ତୁଳନକୁ ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନେବାକୁ ଉକ୍ତ ଅଭିଯୋଗପତ୍ରରେ ଜଣାଯାଇଛି। ତେବେ ଏହିସବୁ ଅଭିଯୋଗ ଉପରେ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ଇସ୍ପାତ ଓ ଖଣି ବିଭାଗର ଉପ ସଚିବ ଲଘୁଜ ଖଣି ନିର୍ଦ୍ଦେଶକ, ଓଡ଼ିଶା ଏବଂ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଥାଉକି ସେଣ୍ଡପୂର୍ ସ୍ଥିତ ବୈତରଣୀ ପୋଲ ନିକଟରୁ ଏପରି ବେଆଇନ ବାଲି ଉଠାଇବା ଦ୍ୱାରା ପୋଲ ପ୍ରତି ମଧ୍ୟ ବିପଦ ସୃଷ୍ଟି କରିବ।

## ଜିଲ୍ଲାରୁ ୨୦୫ କୋଟିର ପରିବହନ ଟିକସ ଆଦାୟ

କଟକ(ନିପ୍ର): କଟକ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ଜାନୁଆରୀ ମାସ ଶେଷ ସୁଦ୍ଧା ୨୦୫ କୋଟି ୮୨ଲକ୍ଷ ଟଙ୍କାର ଟିକସ ଆଦାୟ କରାଯାଇଛି । ରାଜ୍ୟ ସରକାର ଏହି ଜିଲ୍ଲାରୁ ବର୍ଷ ଶେଷ ସୁଦ୍ଧା ୨୫୩କୋଟି ଟଙ୍କାର ଟିକସ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଲକ୍ଷ୍ୟ ଧାର୍ଯ୍ୟ ଶତ ପ୍ରତିଶତକୁ ଛୁଇଁଯିବ ବୋଲି ଆଂଚଳିକ ପରିବହନ ଅଧିକାରୀ ଆଶା ପ୍ରକାଶ କରିଛନ୍ତି । ଆର୍ଥିକ ବର୍ଷ ଶେଷ ସୁଦ୍ଧା ଅଭିବୃଦ୍ଧି ହାର ୧୪.୬ରେ ପହଁଚିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ, ଚଳିତ ବର୍ଷ ଗାଡ଼ି ଫିଟନେସ, ପରମିଟ ବୀମା, ପଲ୍ୟୁସନକୁ କଡ଼ାକଡ଼ି କରାଯାଇ ଏନଫୋର୍ସମେଣ୍ଟକୁ ଅଧିକ କ୍ରିୟାଶାଳୀ କରାଯାଇଛି। ସଂପ୍ରତି ଏମଭିଆଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଯାଂଚ କାର୍ଯ୍ୟ ଚାଲୁରହିଛି। ବିଭିନ୍ନ ସ୍ଥାନରେ ଗାଡ଼ି ଯାଂଚ କାର୍ଯ୍ୟ ଯୋରଦାର ଚାଲୁ ରହିଥିବା ଜିଲ୍ଲା ଆଂଚଳିକ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।





# ହିନ୍ଦୁଧର୍ମକୁ ଫେରିଲେ ୪୭ ପରିବାର

## ରୋଗ ନିବାରଣ ପାଇଁ ହୋଇଥିଲେ ଧର୍ମାନ୍ତରୀକରଣ



କୁଚିଣ୍ଡା,୫/୨(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକର ସୋଲବଗା ଦେବମାତା ମହିଳା ଆଶ୍ରମ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଗୁରୁବାର ବିଭିନ୍ନ ଅଞ୍ଚଳରୁ ୪୭ ପରିବାର ୧୬୩ ସଦସ୍ୟ ହିନ୍ଦୁ (ସନାତନ) ଧର୍ମକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପଶ୍ଚିମପ୍ରାନ୍ତ ବିଶ୍ୱହିନ୍ଦୁ ପରିଷଦ ଧର୍ମ ପ୍ରସାର ବିଭାଗ ପକ୍ଷରୁ ଆୟୋଜିତ ଧର୍ମ ରକ୍ଷା ଯଜ୍ଞରେ ଏହି ପରିବାର ସାମିଲ ହୋଇ (ହିନ୍ଦୁ) ସ୍ୱଧର୍ମକୁ ଫେରି ସେମାନେ କେମିତି ପ୍ରଲୋଭନର ଶିକାର ହୋଇଥିଲେ ସେସବୁ ଯଜ୍ଞ ସଭାରେ ପ୍ରକାଶ କରିଥିଲେ। ସୂଚନା ଅନୁଯାୟୀ, ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକ ଏବଂ ଦେବଗଡ଼ ଜିଲ୍ଲା ତିଲେଇଣି ବ୍ଲକର ଲଇମୁରା ଅଞ୍ଚଳରୁ ୪୭ ପରିବାର ଅନେକ ଦିନ ପୂର୍ବରୁ ଖ୍ରୀଷ୍ଟଧର୍ମାବଲମ୍ବି ପ୍ରଚାରକଙ୍କ ଦ୍ୱାରା ପ୍ରଲୋଭନର ଶିକାର ହୋଇଥିଲେ। ଯେହେତୁ ସେମାନେ ବିଭିନ୍ନ ପ୍ରକାର ରୋଗ ବ୍ୟାଧିରେ ପୀଡ଼ିତ ଥିବାରୁ ଏସବୁ ଭଲ ହେବାର ଖ୍ରୀଷ୍ଟଧର୍ମ ପ୍ରଚାରକମାନେ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଜୀବନ ବିକଳରେ ସେମାନେ ହିନ୍ଦୁଧର୍ମ ଛାଡି ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରୋଗ ବ୍ୟାଧିରୁ ମୁକ୍ତ ନ ହୋଇ ସେମାନେ ଠକାମିର ଶିକାର ହୋଇଥିବା ଜାଣିବା ପରେ ସେମାନେ ପଶ୍ଚାତାପର ସହ ନିଜ ଭୁଲ ବୁଝିପାରି ସ୍ୱଧର୍ମକୁ ପ୍ରତ୍ୟାବର୍ତ୍ତନ କରିଥିବା କହିଛନ୍ତି। ପଶ୍ଚିମପ୍ରାନ୍ତ ବିଶ୍ୱହିନ୍ଦୁ ପରିଷଦ ଧର୍ମ ପ୍ରସାର ବିଭାଗ ପକ୍ଷରୁ ଆୟୋଜିତ ଧର୍ମରକ୍ଷା ଯଜ୍ଞରେ ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଭାପତି ରାଜକୁମାର ବଡ଼ପଣ୍ଡା, ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରିଜୀ ମହାରାଜ, ଶିବାନନ୍ଦ ବାବା, ଧର୍ମ ପ୍ରସାର ବିଭାଗ ସହପ୍ରାନ୍ତ ପ୍ରମୁଖ ଅଚ୍ୟୁତାନନ୍ଦ କର, ବିଶ୍ୱହିନ୍ଦୁ ପରିଷଦ ପଶ୍ଚିମ ପ୍ରାନ୍ତ ସଂଗଠନ ମନ୍ତ୍ରୀ ସତ୍ୟ ନାରାୟଣ ଥାନାପତି, ଜନସଂଘ ଟ୍ରଷ୍ଟ କୋଷାଧ୍ୟକ୍ଷ ତଥା ଧର୍ମପ୍ରସାର ବିଭାଗର ଦୌଲତ ଅଗ୍ରୱାଲ, ଶେଷଦେବ ବାବା ପ୍ରମୁଖ ଯୋଗଦେଇ ହିନ୍ଦୁ ସନାତନ ଧର୍ମର ବିଶ୍ୱସନୀୟତା ଓ ଜଗତଗୁରୁଙ୍କ ନୀତିବାଣୀ ଶୁଣାଇଥିଲେ। ପରେ ଗଙ୍ଗାଜଳରେ ଗୋଡ଼ ଧୋଇ ପଞ୍ଚାମୃତ ସେବନ କରାଇବାସହ, ମାଳ ପିନ୍ଧାଇ ଏହି ପରିବାରଙ୍କୁ ସାମିଲ କରିଥିଲେ। ହୋମଯଜ୍ଞ ଓ ମନ୍ତ୍ର ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇ ଏକ ସନାତନ ଧର୍ମର ଆଧାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ପଣ୍ଡିତ ଅଲେଖ ପତି, ସୁରେନ୍ଦ୍ର ଶାସ୍ତ୍ରୀ ଓ ସୁଶାନ୍ତ ଶାସ୍ତ୍ରୀ ପ୍ରମୁଖ ହୋମଯଜ୍ଞରେ ମନ୍ତ୍ରପାଠ କରିଥିଲେ। ଏଥିରେ ବିଶ୍ୱହିନ୍ଦୁ ପରିଷଦର ବିଭିନ୍ନ ପ୍ରାନ୍ତର କାର୍ଯ୍ୟକର୍ତ୍ତାଙ୍କ ସମେତ ବହୁସଂଖ୍ୟକ ହିନ୍ଦୁ ମହିଳା ପୁରୁଷ ଯୋଗଦେଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ରରେ କାୟାକଳ୍ପ ଟିମ୍

ଭାପୁର, ୪।୨(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଫେରିଛନ୍ତି କାୟାକଳ୍ପ ଟିମ୍। ରୋଗୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବା, ପରିବେଶ ପରିଛନ୍ନତା ଓ ବର୍ଜ୍ୟବସ୍ତୁ ପରିଚାଳନା ଭଳି ବିଷୟରେ ଏହି ଟିମ ପରିଦର୍ଶନ କରି ଫେରିଛନ୍ତି। ଏହି ଟିମରେ ବିଭାଗୀୟ ଆଡିସନାଲ ସେକ୍ରେଟାରୀ ଡ ବିଜୟ କୁମାର ଧଳ, ଡ ପ୍ରଶାନ୍ତ କୁମାର ଦାସ ଆସିଥିଲେ। ଏହି ସମୟରେ ଭାପୁର ଡାକ୍ତରଖାନାର ଭାରପ୍ରାପ୍ତ ମୁଖ୍ୟ ଡାକ୍ତର ବିଶ୍ୱନାଥ ସାହୁ, ଡାକ୍ତର ପ୍ରଦୀପ କୁମାର ପାଇକରାୟ, ଡାକ୍ତର ସତ୍ୟପ୍ରିୟ ସାହୁ, ଡାକ୍ତର ଫଣୀଭୂଷଣ ପଟ୍ଟନାୟକ ଓ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପାହାଡ଼ପୁର ଗ୍ରାମ ଗସ୍ତ ସମୟରେ... (ଫଟୋ-ଦିନଲିପି)

## ଜେଏସଡବ୍ଲ୍ୟୁ ଷ୍ଟିଲ୍: ଓଡ଼ିଶାକୁ ସର୍ବୋତ୍ତମ ପ୍ରଦର୍ଶନୀ ପୁରସ୍କାର



ବଡ଼ବିଲ୍, ୫/୨(ନିପ୍ର): ନୋଆମୁଣ୍ଡିରେ ଅନୁଷ୍ଠିତ ୩୫ତମ ବାର୍ଷିକ ଫୁଲ ଏବଂ ପନିପରିବା ପ୍ରଦର୍ଶନୀରେ ଜେଏସଡବ୍ଲ୍ୟୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗକୁ ସର୍ବୋତ୍ତମ ପ୍ରଦର୍ଶନୀ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର କମ୍ପାନୀର ଅଭିନବ ଧାରଣା ଏବଂ ଦୃଶ୍ୟମାନ ମନମୁଗ୍ଧକର ପୁଷ୍ପ ଉପସ୍ଥାପନାକୁ ସ୍ୱୀକୃତି ଦିଏ। ଏହି ଦୁଇଦିନିଆ ପ୍ରଦର୍ଶନୀରେ ମେରିଗୋଲ୍ଡ, ଫ୍ରେଞ୍ଚ ମେରିଗୋଲ୍ଡ, ପାନ୍ସି, ଚନ୍ଦ୍ରମଲ୍ଲିକା, ପେଟୁନିଆ, ସିଲଭିଆ ଏବଂ ଡାଲିଆ ସହିତ ଶୀତକାଳୀନ ଦଶଠାରୁ ଅଧିକ ପ୍ରକାରର ଋତୁକାଳୀନ ଫୁଲ ପ୍ରଦର୍ଶିତ କରାଯାଇଥିଲା। ଏହି ଫୁଲଗୁଡ଼ିକୁ ଏକ ସ୍ୱସ୍ତିକ ପ୍ରତୀକ ଗଠନ କରିବା ପାଇଁ କଳାତ୍ମକ ଭାବରେ ବ୍ୟବସ୍ଥିତ କରାଯାଇଥିଲା, ଯାହା ପରିଦର୍ଶକଙ୍କଠାରୁ ବ୍ୟାପକ ପ୍ରଶଂସା ଏବଂ ଧ୍ୟାନ ଆକର୍ଷଣ କରିଥିଲା। ଭାରତୀୟ ସଂସ୍କୃତିରେ ଗଭୀର ଭାବରେ ମୂଳ, ସ୍ୱସ୍ତିକ ସମୃଦ୍ଧି, ମଙ୍ଗଳ, ସକାରାତ୍ମକତା ଏବଂ ସମନ୍ୱୟର ପ୍ରତୀକ। ଚିନ୍ତନଶୀଳ ଭାବରେ ସଂଯୋଜିତ ପ୍ରଦର୍ଶନୀ ସାଂସ୍କୃତିକ ସମ୍ବେଦନଶୀଳତା ଏବଂ ସୃଜନଶୀଳ ପ୍ରକାଶନର ଏକ ସୂକ୍ଷ୍ମ ସନ୍ତୁଳନକୁ ପ୍ରତିଫଳିତ କରେ, ପ୍ରାକୃତିକ ସୌନ୍ଦର୍ଯ୍ୟ ସହିତ ପରମ୍ପରାକୁ ଅବିଚ୍ଛିନ୍ନ ଭାବରେ ମିଶ୍ରଣ କରେ। ପୁଷ୍ପ ପ୍ରଦର୍ଶନୀ ବ୍ୟତୀତ, ଜେଏସଡବ୍ଲ୍ୟୁ ଷ୍ଟିଲ୍ ଓଡ଼ିଶା ଘରେ ଚାଷ ପାଇଁ ଉପଯୁକ୍ତ ବିଭିନ୍ନ ଔଷଧୀୟ ଗଛ ମଧ୍ୟ ପ୍ରଦର୍ଶନ କରିଥିଲା, ଯାହା ପରିଦର୍ଶକମାନଙ୍କଠାରୁ ପ୍ରଶଂସନୀୟ ଆଗ୍ରହ ଏବଂ ସକାରାତ୍ମକ ପ୍ରତିକ୍ରିୟା ପାଇଥିଲା।

## ନିଷ୍ପତ୍ତିରୁ ଓହରିବାକୁ ବାଟ ଖୋଜୁଛି ପାକିସ୍ତାନ

ନୂଆଦିଲ୍ଲୀ,୫/୨: ଭାରତ ଓ ଶ୍ରୀଲଙ୍କାରେ ଚଳିତ ଫେବୃଆରୀ ୭ ରୁ ଆରମ୍ଭ ହେବାକୁ ଥିବା ପୁରୁଷ ଟି୨୦ ବିଶ୍ୱକପ ଲାଗି ପାକିସ୍ତାନ କ୍ରିକେଟ ବୋର୍ଡର ନାଟକ ଶେଷ ହେବାର ସଙ୍କେତ ଦେଖିବାକୁ ମିଳିଛି। ପାକିସ୍ତାନ ପ୍ରଥମେ ଉକ୍ତ ଟି୨୦ ବିଶ୍ୱକପରେ ଭାରତ ବିପକ୍ଷ ପକ୍ଷରେ ଖେଳିବାକୁ ମନା କରିଥିଲା। ଏବେ ପିସିବି ନିଷ୍ପତ୍ତିରୁ ବଦଳାଇବାକୁ ଯୋଜନା କରୁଥିବା ଜଣାପଡ଼ିଛି। ଆଇସିସିର ଚେତାବନୀ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଭାରତ ବିପକ୍ଷ ମ୍ୟାଚ ବର୍ଜନ ନିଷ୍ପତ୍ତିରୁ ଓହରିବାକୁ ବାଟ ଖୋଜିବାରେ ଲାଗିଛି। ରିପୋର୍ଟ ଅନୁଯାୟୀ ପିସିବି ଭାରତ ବିପକ୍ଷ ମ୍ୟାଚ ପାଇଁ ସର୍ତ୍ତାବଳୀ ଲଗାଇଛି। ବାଂଲାଦେଶ ଖେଳିଲେ ପାକିସ୍ତାନଦଳ ଭାରତ ବିପକ୍ଷରେ ଖେଳିବ ବୋଲି ପାକିସ୍ତାନୀ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଭାରତ ଏବଂ ପାକିସ୍ତାନ ମଧ୍ୟରେ ମ୍ୟାଚ ଫେବୃଆରୀ ୧୫ରେ କଲମ୍ବୋରେ ଖେଳାଯିବାକୁ କାର୍ଯ୍ୟସୂଚୀ ସ୍ଥିର ହୋଇଛି। କିନ୍ତୁ ପିସିବି ଏବେ ଭାରତ ବିପକ୍ଷ ମ୍ୟାଚକୁ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛି।

## ଦୁର୍ଘଟଣାଗ୍ରସ୍ତ: ଚାଳକ ମୃତ

ଧାମନଗର, ୫/୨(ନିପ୍ର): ଧାମନଗର ଥାନା ଅଧିନସ୍ତ ୧୬ ନମ୍ବର୍ ଜାତୀୟ ରାଜପଥ ଚିଙ୍ଗୁଡ଼ିପୁର ଛକ ନିକଟରେ ଗୁରୁବାର ସକାଳୁ ଏକ କାର ଦୁର୍ଘଟଣା ରେ ଜଣଙ୍କର ମୃତ୍ୟୁ ହୋଇଛି। ଧାମନଗରରୁ ଗୁରୁବାର ସକାଳ ୫ ଟା ସମୟରେ ଓଆର୦୫ଏ ଏଚ୯୫୭୫ ଏକ କାରରେ ଗୋରୁ ମାଂସ ବୋଝେଇ କରି କଲିକତା ଅଭିମୁଖେ ୧୬ ନଂ ଜାତୀୟ ରାଜପଥରେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଚିଙ୍ଗୁଡ଼ିପୁର ଛକ ନିକଟରେ ଏକ ୧୨ ଚକିଆ ଟ୍ରକର ପଛ ପଟକୁ ପିଟିବା ଫଳରେ କାରଟିର ସମ୍ମୁଖ ଭାଗ ସଂପୂର୍ଣ ଭାଙ୍ଗିଯିବା ସହିତ ଉକ୍ତ ଗାଡିର ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁଘଟିଛି। ଘଟଣାସ୍ଥଳରେ ଧାମନଗର ପୋଲିସ ପହଞ୍ଚି ଚାଳକକୁ ଭଦ୍ରକ ମୁଖ୍ୟ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଉକ୍ତ କାରଟିକୁ ଜବତ କରି କେସ ନଂର ୫୧/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଲାଇନ୍‌ଚ୍ୟୁତ କୋଚ୍‌ଗୁଡ଼ିକ ପୁନଃସ୍ଥାପନ; ଟ୍ରେନ୍ ଚଳାଚଳ ସ୍ୱାଭାବିକ



ଭୁବନେଶ୍ୱର, ୫/୨(ପିଆଇବି): ଗୁରୁବାର ସକାଳ ସମୟ ୦୮:୫୧ ଘଟିକା ସମୟରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ଜଖପୁରା ୟାର୍ଡ ସେକ୍ସନ ନିକଟରେ ଟ୍ରେନ୍ ନମ୍ବର ୨୨୬୧୧ ଚେନ୍ନାଇ-ନିୟୁ ଜଲପାଇଗୁଡ଼ି ଏକ୍ସପ୍ରେସ ଲାଇନ୍‌ଚ୍ୟୁତ ହେବା ପରେ ଦିବା ୧୩:୦୫ ଘଟିକା ସମୟରେ ପୁନଃ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏସି ୨-ଟାୟାର କୋଚ୍‌କୁ ୧୩:୩୦ ସମୟରେ ପୁନଃସ୍ଥାପନ କରାଯାଇଥିଲା, ତା'ପରେ ପ୍ରଥମ ଜେନେରାଲ କୋଚ୍‌କୁ ୧୩:୫୦ ଘଟିକା ସମୟରେ ଏବଂ ଦ୍ୱିତୀୟ ଜେନେରାଲ କୋଚ୍‌କୁ ୧୪:୪୫ ଘଟିକା ସମୟରେ ପୁନଃସ୍ଥାପନ କରାଯାଇଥିଲା। ଏହା ପରେ ସମସ୍ତ ଆବଶ୍ୟକୀୟ ସୁରକ୍ଷା ଯାଞ୍ଚ କରାଯାଇଥିଲା। ପୂର୍ବତଟ ରେଳପଥର ମହାପ୍ରବନ୍ଧକ, ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ପୁନରୁଦ୍ଧାର କାର୍ଯ୍ୟକୁ କଡ଼ାକଡ଼ି ତଦାରଖ କରିଥିଲେ। ପୂର୍ବତଟ ରେଳପଥ ମଧ୍ୟ କର୍ତ୍ତବ୍ୟରତ ରେଳ ସୁରକ୍ଷା ବଳ କର୍ମଚାରୀଙ୍କ ଉଦାହରଣୀୟ ସତର୍କତା ଏବଂ ଉପସ୍ଥିତ ବୁଦ୍ଧିକୁ ମଧ୍ୟ ପ୍ରଶଂସା କରିଛି। ଯେଉଁମାନେ ଟ୍ରେନ୍‌ରୁ ଅସ୍ୱାଭାବିକ ଶବ୍ଦ ଏବଂ ଧୂଆଁ ଦେଖିଥିଲେ ଏବଂ ଲୋକୋ ପାଇଲଟ୍‌ଙ୍କୁ ଟ୍ରେନ୍ ଅଟକାଇବାକୁ ସତର୍କ କରିଥିଲେ। ସେମାନେ ଯାତ୍ରୀମାନଙ୍କୁ ଶାନ୍ତ ରହିବା ଏବଂ ହଠାତ୍ ଓହ୍ଲାଇ ନ ଯିବାକୁ ପରାମର୍ଶ ଦେଇ ଯାତ୍ରୀ ସୁରକ୍ଷାକୁ ଆହୁରି ସୁନିଶ୍ଚିତ କରିଥିଲେ, ଯାହା ଫଳରେ ଆତଙ୍କ ଏବଂ ସମ୍ଭାବ୍ୟ ମୃତାହତଙ୍କୁ ରୋକା ଯାଇପାରିଲା। ସେମାନଙ୍କର ସମୟୋଚିତ ପଦକ୍ଷେପ ଏକ ବଡ଼ ଦୁର୍ଘଟଣାକୁ ଏଡାଇବା ଏବଂ ଦ୍ରୁତ ବିପର୍ଯ୍ୟୟ ପ୍ରତିକ୍ରିୟାକୁ ସହଜ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ପୂର୍ବତଟ ରେଳପଥ ଏହାର କର୍ମଚାରୀ ମାନଙ୍କ ସମନ୍ୱିତ ପ୍ରୟାସକୁ ପ୍ରଶଂସା କରିବା ସହିତ ଟ୍ରେନ ସେବାଗୁଡିକର ନିରାପଦ ଏବଂ ସମୟୋଚିତ ସ୍ୱାଭାବିକତା ସୁନିଶ୍ଚିତ କରିବାରେ ଯାତ୍ରୀମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଉଛି।

## ପିଛା ଛାଡୁନି ଟ୍ରାଫିକ ଜାମ୍; ଭୋକରେ କୁନି ଛାତ୍ରଛାତ୍ରୀ



ରମ୍ଭା, ୫/୨(ନିପ୍ର): ଗୁରୁବାର ସ୍ଥାନୀୟ ସହରର ମୁଖ୍ୟ ରାସ୍ତା ପାର୍ଶ୍ୱରେ ଦିନ ୧:୩୦ ମିନିଟରେ ଟ୍ରାଫିକ ଜାମ ହେବା ଫଳରେ ସ୍କୁଲର କୁନାକୁନି ଛାତ୍ରଛାତ୍ରୀମାନେ ଭୋକରେ ଛଟପଟ ହେଉଥିବା ଘଟଣା ସ୍ଥଳରୁ ଲକ୍ଷ୍ୟ କରାଯାଇଛି। ଦୀର୍ଘ ଏକ ଘଣ୍ଟା ପରେ ଥଣ୍ଡା ପାନୀୟ ଗାଡିକୁ ଠେଲିପେଲି ଦେଇ ସ୍କୁଲ ବସକୁ ରାସ୍ତା ମିଳିଥିଲା। ମୁଖ୍ୟ ରାସ୍ତାର ଗୋଟିଏ ପାର୍ଶ୍ୱରେ ଥଣ୍ଡା ପାନୀୟ ଗାଡି ରହିଥିବା ବେଳେ ଅପର ପାର୍ଶ୍ୱରେ ଓଡ଼ି୩୩ଏଭି ୯୧୫୪ ନମ୍ବର ଏକ କାର କୁଆଡେ ସକାଳ ସମୟରୁ ରହିଥିବା ହେତୁ ଯାତାୟାତରେ ଉଭୟ ପଟର ଗାଡି ଚଳାଚଳ ବ୍ୟାଘାତ ଘଟିଥିଲା। ଅନ୍ୟପକ୍ଷରେ ଦୋକାନକୁ ଆସୁଥିବା ଗ୍ରାହକମାନଙ୍କ ଗାଡିଗୁଡିକ ରାସ୍ତା ପାର୍ଶ୍ୱରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖି ବ୍ୟବସାୟ କରୁଥିବା ବେଳେ ରାସ୍ତା ଉଭୟ ପଟେ ଉଠା ଦୋକାନୀଙ୍କ ପନିପରିବା ଏବଂ ଅନ୍ୟାନ୍ୟ ଜିନିଷ ବିକ୍ରି କରୁଥିବା ହେତୁ ବଜାରରେ ଗୋରୁ ଗାଈଙ୍କ ଦୌରାତ୍ମ୍ୟ କହିଲେ ନ ସରେ। ଏଥିପାଇଁ ସବୁବେଳେ ଛୋଟ ମୋଟ ଦୁର୍ଘଟଣା ଘଟିବାର ନଜିରି ରହିଛି। ବାରମ୍ବାର ରାସ୍ତା ସମ୍ପ୍ରସାରଣ ନାମରେ ରାସ୍ତା ଅବରୋଧ ଆନୁସାଙ୍ଗିକ ଗୋଡି, ମାଟି ଗଚ୍ଛିତ ରଖିବା ଓ ବିଭିନ୍ନ ସୂତ୍ରରେ ଖବର ପ୍ରସାରଣ ହେଉଥିବା ବେଳେ ପ୍ରଶାସନ ଅଣଦେଖା କରାଯାଉଥିବା ଲକ୍ଷ୍ୟ କରାଯାଉଛି। କିନ୍ତୁ ସରକାର କୌଣସି ପ୍ରକାର ଦୃଷ୍ଟି ଦେଉନାହାନ୍ତି କି ସ୍ଥାନୀୟ ପ୍ରଶାସନ ବିହୀତ ପଦକ୍ଷେପ ନେଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ରମ୍ଭାର କିଛି ବରିଷ୍ଠ ବ୍ୟକ୍ତିମାନେ ଉଲ୍ଲେଖ କରିଛନ୍ତି ରାସ୍ତା ସମ୍ପ୍ରସାରଣ ନ ହେଲେ ଏମିତି ସବୁବେଳେ ଟ୍ରାଫିକ ଜାମ ହେବ ଓ ଗୋରୁ ଗାଈ ପଲପଲ ରାସ୍ତା ଅବରୋଧ କରିବେ। ନିକଟରେ ଦୁଇଟି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ହେବ।

## ଏକାଦଶତମ ପଦ୍ମଚରଣ ସାମନ୍ତସିଂହାର ଫୁଟବଲ

## ଘାଟିକିଆ ଫୁଟବଲ କ୍ଲବ୍ ସେମିରେ

ନିମାପଡ଼ା,୫।୨(ନିପ୍ର): ସ୍ଥାନୀୟ ବାରବାଟି ପଡ଼ିଆରେ ଚାଲିଥିବା ଏକାଦଶତମ ରାଜ୍ୟସ୍ତରୀୟ ପଦ୍ମଚରଣ ସାମନ୍ତସିଂହାର ଫୁଟବଲ ଟୁର୍ଣ୍ଣାମେଣ୍ଟ (ଗ୍ରୁପ୍-ଖ)ର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଘାଟିକିଆ ଫୁଟବଲ କ୍ଲବ୍ ଏକ ପେନାଲ୍ଟି ସୁଟ୍ ଆଉଟ୍‌ରେ ରାଉରକେଲାସ୍ଥିତ ଷ୍ଟିଲ ସିଟି କ୍ଲବ୍‌କୁ ୪-୩ ଗୋଲରେ ପରାସ୍ତ କରି ପ୍ରଥମ ସେମିରେ ପ୍ରବେଶ କରିଛି। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବଜରଙ୍ଗି ଦଳର ଗୋଲ କିପର (ନଂ-୨୪) ଅନିଲ ଜେନା ପୁରସ୍କୃତ ହୋଇଥିଲେ। ପ୍ରଦୀପ୍ତ ମହାନ୍ତି, ସେକ୍ ଆଲାମ୍, ବିଦେଶୀ ନାୟକ, ସମର ବରାଳ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଶିକ୍ଷାବିତ୍ ବ୍ରଜମୋହନ ବରାଳ, ନେତ୍ରାନନ୍ଦ ଭୋଇ, ପୂର୍ବତନ କାଉନସିଲର ବ୍ରଜେନ୍ଦ୍ର କୁମାର ପ୍ରଧାନ, ବିଶ୍ୱଜିତ କାନୁନ୍‌ଗୋ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର କେରଙ୍ଗ ଏକାଦଶ (ଖୋର୍ଦ୍ଧା) ଏବଂ ବଜରଙ୍ଗି ଦଳ ଫୁଟବଲ କ୍ଲବ୍ (ଘାଟିକିଆ) ସହ ମୁକାବିଲା ହେବ ବୋଲି ନିମାପଡ଼ା କ୍ରୀଡ଼ା ସଂଘ ସାଧାରଣ ସଂପାଦକ ଜୀବନାନନ୍ଦ ମହାପାତ୍ର ସୂଚନା ଦେଇ ନିମାପଡ଼ାବାସୀଙ୍କ ସହଯୋଗ ଯୋଗୁ ସାଧୁବାଦ ଜଣାଇ ଥିଲେ। ସଂଘ କାର୍ଯ୍ୟକାରୀ ସଭାପତି ଧୀରେନ୍ କୁମାର ବରାଳ, ପ୍ରକାଶ ଚନ୍ଦ୍ର ସ୍ୱାଇଁ, ତାପସ ମଲ୍ଲିକ ଏବଂ ରଶ୍ମି ରଂଜନ ପଣ୍ଡା ପ୍ରମୁଖଙ୍କ ସହଯୋଗରେ ମ୍ୟାଚ୍ ଶୃଙ୍ଖଳାର ସହ ପରିଚାଳନା କରିଥିଲେ।

## ଅନୁଷ୍ଠିତ ହେବ ପରୀକ୍ଷା ପେ ଚର୍ଚ୍ଚାର ୯ମ ସଂସ୍କରଣ

ନୂଆଦିଲ୍ଲୀ, ୫/୨(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଛାତ୍ରଛାତ୍ରୀମାନଙ୍କ ସହିତ ଅନନ୍ୟ ପାରସ୍ପରିକ କ୍ରିୟାଶୀଳ କାର୍ଯ୍ୟକ୍ରମ "ପରୀକ୍ଷା ପେ ଚର୍ଚ୍ଚା (ପିପିସି)" ଶୁକ୍ରବାର, ୬ ଫେବୃଆରୀ ୨୦୨୬ ସକାଳ ୧୦.୦୦ ରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ପରୀକ୍ଷା ସମ୍ବନ୍ଧୀୟ ଚାପ ଉପରେ ଆଲୋଚନା କରାଯିବ ଏବଂ ପରୀକ୍ଷାକୁ ଜୀବନର ଏକ ଉତ୍ସବ ଓ ଅବିଭାଜ୍ୟ ଅଂଶ ଭାବେ ପାଳନ କରିବାର ସନ୍ଦେଶ ଦିଆଯିବ। ଏହା ପରୀକ୍ଷା ପେ ଚର୍ଚ୍ଚାର ୯ମ ସଂସ୍କରଣ ଅଟେ। ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁଟ୍ୟୁବ୍ ଚ୍ୟାନେଲ୍, ଦୂରଦର୍ଶନ (ଡିଡି) ଏବଂ ଶିକ୍ଷା ମନ୍ତ୍ରଣାଳୟର ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରସାରିତ ହେବ। ଏହା ସହିତ, ପରୀକ୍ଷା ପେ ଚର୍ଚ୍ଚା ୱେଭସ୍ ଓଟିଟି, ଆମାଜନ୍ ପ୍ରାଇମ୍ ଭିଡିଓ, ଜିଓ, ଜି୫, ସୋନି ଲାଇଭ୍ ଏବଂ ସ୍ୱଟିଫାଏ (ଅଡିଓ ପ୍ଲାଟଫର୍ମ) ଭଳି ଓଟିଟି ପ୍ଲାଟଫର୍ମରେ ମଧ୍ୟ ଲାଇଭ୍ ଷ୍ଟ୍ରିମ୍ ହେବ। ଏନଇପି ୨୦୨୦ ଅନୁଯାୟୀ, ପିପିସି ଧାରଣା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅଭିଜ୍ଞତାକୁ ଆତ୍ମବିଶ୍ୱାସ, ସକାରାତ୍ମକତା ଏବଂ ସାମଗ୍ରିକ ସୁସ୍ଥତା ବୃଦ୍ଧି କରି ପରିବର୍ତ୍ତନ କରିବା ଏବଂ ପରୀକ୍ଷା ଋତୁକୁ ଏକ ଉତ୍ସବ ଭାବରେ ପାଳନ କରିବା ଲକ୍ଷ୍ୟ ରଖିଛି।




ଅଲ୍ ଓଡିଶା କିନ୍ନର ଓ ଟ୍ରାନ୍ସଜେଣ୍ଡର ସଙ୍ଘ ପକ୍ଷରୁ ଅଞ୍ଜଳିଙ୍କ ସ୍ମୃତିରେ କ୍ୟାଣ୍ଡେଲ ଶୋଭାଯାତ୍ରା (ଫଟୋ- ଦିନଲିପି)

## ଜିନ୍ଦଲ ଷ୍ଟିଲ୍ ପ୍ରିମିୟର ଲିଗ୍-୩ ଉଦ୍‌ଯାପିତ: ଜଗରନଟ୍ସ ଚାମ୍ପିଅନ୍



ଅନୁଗୁଳ, ୫/୨(ନିପ୍ର): ଜିନ୍ଦଲ ଷ୍ଟିଲ ପ୍ରିମିୟର ଲିଗ-୩ୟରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲକୁ ପରାସ୍ତ କରି ଟିମ୍ ଜଗରନଟ୍ସ ଦଳ ଚାମ୍ପିଅନ୍ ହୋଇଛି। ଏହି ଆନ୍ତଃବିଭାଗୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ସନ୍ଧ୍ୟାରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ଏକ ରୋମାଞ୍ଚକର ଲଢ଼େଇ ଦେଖିବାକୁ ମିଳିଥିଲା। ଜିନ୍ଦଲ ଷ୍ଟିଲ୍ ଅନୁଗୁଳର ବିଭିନ୍ନ ବିଭାଗର ମୋଟ ୪୨ଟି ଦଳକୁ ନେଇ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତିଟି ଦଳ ଟିମ୍ ୱାର୍କ ଏବଂ ପ୍ରତିଯୋଗିତାମୂଳକ ମନୋଭାବ ପ୍ରଦର୍ଶନ କରିଥିଲେ। ୨୩ ଜାନୁଆରୀରୁ ୪ ଫେବୃଆରୀ ପର୍ଯ୍ୟନ୍ତ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଟିମ୍ ଏକ୍ସଟ୍ରିମ୍ ଷ୍ଟିଲ୍ ଏବଂ ଟିମ୍ ଜଗରନଟ୍ସ ମୁହାଁମୁହିଁ ହୋଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଜଗରନଟ୍ସ ଦଳ ପ୍ରତିପକ୍ଷ ଏକ୍ସଟ୍ରିମ୍ ଷ୍ଟିଲ୍ ଦଳ ଆଗରେ ୧୨୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ଏକ୍ସଟ୍ରିମ୍ ଷ୍ଟିଲ୍ ୮ ୱିକେଟ୍ ହରାଇ ମାତ୍ର ୧୦୮ ରନ କରିବାରେ ସମର୍ଥ ହୋଇଥିଲା। ଫଳରେ ଜଗରନଟ୍ସ ୧୫ ରନରେ ବିଜୟୀ ହେବା ସହ ଟ୍ରଫି ହାସଲ କରିଛି। ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଅନୁଗୁଳ ୟୁନିଟର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନିର୍ଦ୍ଦେଶକ ପଙ୍କଜ ମାଲହାନ ଏବଂ ଆଇରନ୍ ଜୋନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦାମୋଦର ମିତ୍ତଲ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ସେମାନଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇବା ସହ ଟ୍ରଫି ପ୍ରଦାନ କରିଥିଲେ। ଉଭୟ ଅତିଥି ଏହି ଅବସରରେ ଫିଟନେସ୍, ଶୃଙ୍ଖଳା ଏବଂ ସାମୂହିକ ଦଳଗତ କାର୍ଯ୍ୟକୁ ବୃଦ୍ଧି କରିବାରେ କ୍ରୀଡାର ଭୂମିକା ଉପରେ ଆଲୋକପାତ କରିଥିଲେ। ଜଗରନଟ୍ସ ଦଳର ଚିନ୍ମୟ ସାହୁ (ମ୍ୟାନ୍ ଅଫ୍ ଦି ମ୍ୟାଚ୍), ଆଦିତ୍ୟ ନାରାୟଣ (ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍) ଏବଂ ସରୋଜ ଗଡ଼ନାୟକ (ଶ୍ରେଷ୍ଠ ଅଲରାଉଣ୍ଡର)ଙ୍କୁ ବ୍ୟକ୍ତିଗତ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦେଶର ଅର୍ଥ କେବଳ 'ଜାତୀୟ ସେବା': ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫/୨: ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଓଡ଼ିଶା ଆସିଥିବା ଦିଲ୍ଲୀ ସ୍ଥିତ ନ୍ୟାସନାଲ୍ ଡିଫେନ୍ସ କଲେଜ୍ର ପ୍ରଶିକ୍ଷାର୍ଥୀ ଅଧିକାରୀଗଣ ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅଧ୍ୟୟନ ପରିଦର୍ଶନ କାର୍ଯ୍ୟକ୍ରମରେ ଭାରତୀୟ ସଶସ୍ତ୍ର ବାହିନୀର ଅଧିକାରୀ ମାନଙ୍କ ସମେତ ଆର୍ମେନିଆ, ଭୁଟାନ, ଶ୍ରୀଲଙ୍କା, ମଙ୍ଗୋଲିଆ, ଏବଂ ନେପାଳର ସେନାବାହିନୀ ଅଧିକାରୀ ମାନେ ମଧ୍ୟ ଯୋଗ ଦେଇଥିଲେ।

**AFFIDAVIT**

By virtue of an affidavit sworn before The Executive Magistrate, Mahakalpara dated on 08.01.2026, I, Ketaki Sahoo W/o-Late Sudarsan Sahoo, At-Masakani, Po-Jadupur, Ps-Marsaghai, Dist-Kendrapara, Odisha-754215 do hereby declared that I have changed my name from Ketaki Manjari Sahoo to Ketaki Sahoo. Henceforth I shall be known as Ketaki Sahoo for all purposes.

Sd/-KETAKI SAHOO

Printed and Published by Arun Kumar Dash on behalf of M/s SURYO MEDIA PVT. LIMITED and Printed at M/s SURYO MEDIA PVT. LIMITED, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ | ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ